# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, April 16/2025 | Page 14 | ₹ 7.00

୫୧ଶ ଭାଗ ୧୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 141 | ମୂଲ୍ୟ ₹୭/-


## ଏବର୍ଷ ଭଲ ବର୍ଷା

ନୂଆଦିଲ୍ଲୀ,୧୫।୪(ପି.ଟି.)

ଆଗାମୀ ମୌସୁମୀ ଋତୁରେ ଭାରତରେ ସ୍ୱାଭାବିକଠାରୁ ଅଧିକ ବୃଷ୍ଟିପାତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମଙ୍ଗଳବାର କହିଛି। ଭାରତରେ ଦକ୍ଷିଣ ପଶ୍ଚିମ ମୌସୁମୀ ଜୁନ୍ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଅନୁଭୂତ ହୋଇଥାଏ। ଦୀର୍ଘମିଆଦୀ ହାରାହାରି ବୃଷ୍ଟିପାତ ୮୭ ସେଣ୍ଟିମିଟର ହୋଇଥିବାବେଳେ ମୌସୁମୀ ଚତୁର୍ମାସରେ ଏହାର ୧୦୫% ବୃଷ୍ଟିପାତ ହେବ ବୋଲି ଆକଳନ କରାଯାଇଥିବା ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରବିଚନ୍ଦ୍ରନ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତାମିଲନାଡୁର ଅଧିକାଂଶ ଅଞ୍ଚଳ ଏବଂ ଉତ୍ତରପୂର୍ବାଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ଓଡ଼ିଶା, ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଛତିଶଗଡ଼, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। ମୌସୁମୀ ବର୍ଷାକୁ ପ୍ରଭାବିତ କରୁଥିବା ସମସ୍ତ ବୈଶ୍ୱିକ କାରକ ମଧ୍ୟରୁ ଚଳିତବର୍ଷ ୨ଟିର ନିଷ୍କ୍ରିୟ ପ୍ରଭାବ ରହିବାକୁ ଥିବାବେଳେ ଗୋଟିଏର ସକାରାତ୍ମକ ପ୍ରଭାବ ଅନୁଭୂତ ହେବ। ତେଣୁ ଆଗାମୀ ମୌସୁମୀରେ ସ୍ୱାଭାବିକ ବର୍ଷା ହେବାର ୩୦% ସୁଯୋଗ ରହିଥିବାବେଳେ ସ୍ୱାଭାବିକଠାରୁ ଅଧିକ ବୃଷ୍ଟିପାତ ହେବାର ୩୩% ଅତ୍ୟଧିକ ବର୍ଷା ହେବାର ୨୬% ସମ୍ଭାବନା ରହିଥିବା ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।


**ଆଜିର ସମ୍ପାଦକୀୟ**

ହିନ୍ଦୀରେ ଇଂଲିଶ୍ ନାମ


# ହସ୍ପିଟାଲରୁ ପିଲା ଚୋରି ହେଲେ ଲାଇସେନ୍ସ ରଦ୍ଦ

ଭାରତର କୌଣସି ହସ୍ପିଟାଲରୁ ନବଜାତ ଶିଶୁ ଚୋରି ହେଲେ ସମ୍ପୃକ୍ତ ଚିକିତ୍ସାଳୟର ଲାଇସେନ୍ସ ରଦ୍ଦ ହେବ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଉତ୍ତର ପ୍ରଦେଶର ଏକ ହସ୍ପିଟାଲରୁ ଜଣେ ନବଜାତକ ନିଖୋଜ ହୋଇଯାଇଥିଲେ। ପରେ ଜଣାପଡ଼ିଲା ଯେ, ହସ୍ପିଟାଲ କର୍ତ୍ତୃପକ୍ଷ ସମ୍ପୃକ୍ତ ଶିଶୁପୁତ୍ରଙ୍କୁ ପୁଅ ଚାହୁଁଥିବା ଏକ ଦମ୍ପତିଙ୍କୁ ୪ ଲକ୍ଷ ଟଙ୍କାରେ ବିକ୍ରି କରି ଦେଇଥିଲେ। ଏହି ମାମଲାରେ ଆଲ୍ଲାହାବାଦ ହାଇକୋର୍ଟ ଅଭିଯୁକ୍ତମାନଙ୍କୁ ଆଗୁଆ ଜାମିନ ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟ ସେମାନଙ୍କ ଜାମିନକୁ ରଦ୍ଦ କରିବା ସହ ହାଇକୋର୍ଟ ଓ ଉତ୍ତର ପ୍ରଦେଶ ସରକାରଙ୍କୁ ମାମଲାର ଭୁଲ୍ ପରିଚାଳନା ଲାଗି ଭର୍ତ୍ସନା କରିଛନ୍ତି। ଚୋରି ହୋଇଥିବା ପିଲାଙ୍କୁ ଜାଣିଶୁଣି କେହି ରଖିପାରିବେ ନାହିଁ। ଏହା ଏକ ଗର୍ହିତ ଅପରାଧ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ଦେଶର କୋର୍ଟଗୁଡ଼ିକରେ ବିଚାରାଧୀନ ଶିଶୁ ଚାଲାଣ ମାମଲାର ଶୁଣାଣି ୬ ମାସ ମଧ୍ୟରେ ଶେଷ କରିବାକୁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ଶିଶୁ ଚାଲାଣ ମାମଲା: ୬ ମାସରେ ଶୁଣାଣି ଶେଷ ପାଇଁ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୫।୪

ହସ୍ପିଟାଲରୁ ଯଦି ନବଜାତ ଶିଶୁ ଚୋରି ହୁଏ, ତେବେ ପ୍ରଥମ ପଦକ୍ଷେପ ସ୍ୱରୂପ ଏହାର ଲାଇସେନ୍ସ ରଦ୍ଦ କରିବାକୁ ହେବ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଶିଶୁ ଚୋରି ମାମଲାଗୁଡ଼ିକର ବିଚାର ୬ ମାସ ମଧ୍ୟରେ ଶେଷ କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ତଳକୋର୍ଟଗୁଡ଼ିକ ପ୍ରତିଦିନ ବିଚାର କରି ୬ ମାସ ମଧ୍ୟରେ ଏଭଳି ମାମଲାର ବିଚାର ଶେଷ କରିବାକୁ ହେବ ବୋଲି ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ କହିଛନ୍ତି। କେତେ ସଂଖ୍ୟାରେ ଶିଶୁ ଚୋରାଚାଲାଣ ମାମଲା ବିଚାରାଧୀନ ରହିଛି, ତାହାର ଷ୍ଟାଟସ୍ ରିପୋର୍ଟ ଦେବା ଲାଗି ଦେଶର ସମସ୍ତ ହାଇକୋର୍ଟଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ପୁତ୍ର ସନ୍ତାନ ଚାହୁଁଥିବା ଉତ୍ତର ପ୍ରଦେଶର ଏକ ଦମ୍ପତିଙ୍କୁ ଚୋରି ହୋଇଥିବା ଶିଶୁ ପ୍ରଦାନ କରାଯାଇଥିବା ଜାଣିବା ପରେ ସୁପ୍ରିମକୋର୍ଟ ଆଲ୍ଲାହାବାଦ ହାଇକୋର୍ଟ ଏବଂ ଉତ୍ତର ପ୍ରଦେଶ ସରକାରଙ୍କୁ କଡ଼ା ଶବ୍ଦରେ ନିନ୍ଦା କରିଛନ୍ତି। ହାଇକୋର୍ଟ ଏହି ମାମଲାରେ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ ପ୍ରଦାନ କରିଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଉକ୍ତ ଜାମିନକୁ ଖାରଜ କରିଦେଇଛନ୍ତି। ଅଭିଯୁକ୍ତ ଦୀର୍ଘବର୍ଷ ହେଲା ଏକ ପୁତ୍ର ସନ୍ତାନ ଚାହୁଁଥିବାରୁ ୪ ଲକ୍ଷ ଟଙ୍କା ଦେଇ ନବଜାତକକୁ ପାଇଥିଲେ। ଉକ୍ତ ଶିଶୁ ଚୋରି ହୋଇଥିବା ଅଭିଯୁକ୍ତ ଜାଣିଥିଲେ। ଯଦି ତୁମେ ପୁଅ ଚାହୁଁଛ, ତେବେ ଚୋରି ଶିଶୁ ପାଇଁ ଯାଅନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ସମ୍ବେଦନହୀନତା, ଯେଉଁ କାରଣରୁ ଅଭିଯୁକ୍ତମାନେ ଫେରାର ହୋଇଯାଉଛନ୍ତି। ଏଭଳି ଅଭିଯୁକ୍ତ ସମାଜ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରୁଛନ୍ତି। ହାଇକୋର୍ଟ ଜାମିନ ଦେଲାବେଳେ ପ୍ରତି ସପ୍ତାହରେ ଅଭିଯୁକ୍ତଙ୍କୁ ଥାନାରେ ହାଜର ହେବା ଲାଗି ସର୍ତ୍ତ ରଖିବା ଆବଶ୍ୟକ ଥିଲା। ଏହା ବିରୋଧରେ କ'ଣ ପାଇଁ ଅପିଲ୍ କରାଯାଇ ନ ଥିଲା ଏବଂ ଗମ୍ଭୀରତା ପ୍ରଦର୍ଶନ କରାଯାଇ ନ ଥିଲା ବୋଲି ଖଣ୍ଡପୀଠ ୟୁପି ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

## ଓଡ଼ିଶାରେ ୫ ବର୍ଷରେ ୮,୪୦୩ ଶିଶୁ ନିଖୋଜ

ଭୁବନେଶ୍ୱର,୧୫।୪(ସତ୍ୟଜିତ୍ ରାଉତ)

ରାଜ୍ୟରେ ଗତ ୫ ବର୍ଷରେ ୮ ହଜାର ୪୦୩ ଜଣ ଶିଶୁ ନିଖୋଜ ଅଛନ୍ତି। ବିଧାନସଭାରେ ଗତ ଫେବୃଆରୀ ୧୭ରେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ଦେଇଥିଲେ। ୨୦୨୦ରୁ ୨୦୨୪ ମଧ୍ୟରେ ୧ ହଜାର ୮୫୭ ଜଣ ଶିଶୁଙ୍କୁ ପୋଲିସ ଖୋଜି ପାଇଛି। ଏଥିସହ ୭୪୮ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।







ଭାରତରୁ ୨ ବିଲିୟନ ଡଲାରର ଆଇଫୋନ୍ ଫେରାଇନେଲା ଆପଲ
ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜବାବୀ ଶୁଳ୍କ ଲାଗୁ ପୂର୍ବରୁ ଆପଲ୍ ଭାରତରୁ ପ୍ରାୟ ୨ ବିଲିୟନ ଡଲାର ମୂଲ୍ୟର ଆଇଫୋନ୍ ଫେରାଇ ନେଇଛି। ଆପଲ୍‌ର ଭାରତ ପାଇଁ ମୁଖ୍ୟ ଯୋଗାଣକାରୀ ଫକ୍ସକନ୍ ଏବଂ ଟାଟା ମାର୍ଚ୍ଚରେ ଆମେରିକାକୁ ୨ ବିଲିୟନ ଡଲାର ମୂଲ୍ୟର ଆଇଫୋନ୍ ଫେରାଇ ନେଇଛନ୍ତି। ସେଥିରେ ଆଇଫୋନ୍ ୧୩, ୧୪, ୧୬ ଏବଂ ୧୬ଇ ମଡେଲ ରହିଛି।

## ସଂକ୍ଷେପରେ

### ବୋଇଂ ଜେଟ୍ କିଣା ବନ୍ଦକଲା ଚାଇନା

**ବେଜିଂ,୧୫।୪ :** ଗତ ଜାନୁଆରୀ ୨୦ରେ ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିବା ପରେ ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ଆମେରିକା ଏବଂ ଚାଇନା ମଧ୍ୟରେ ଯେସାକୁ ତେସା ଶୁଳ୍କକୁ ନେଇ ବିବାଦ ବଢ଼ିବା ସହ ବାଣିଜ୍ୟ ଯୁଦ୍ଧ ତୀବ୍ର ହେବାରେ ଲାଗିଛି। ଆମେରିକାର ବିମାନ ଉତ୍ପାଦନକାରୀ କମ୍ପାନୀ ବୋଇଂଠାରୁ ଏୟାରକ୍ରାଫ୍ଟ କିଣିବା ବନ୍ଦ କରିବାକୁ ବେଜିଂ ମଙ୍ଗଳବାର ଏହାର ଏୟାରଲାଇନ୍ସଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ସର୍ବାଧିକ ୧୪୫ ପ୍ରତିଶତ ଶୁଳ୍କ ଲଗାଇଥିବାବେଳେ ଏହାର ଜବାବରେ ବେଜିଂ ଆମେରିକାରୁ ଆମଦାନୀ ଦ୍ରବ୍ୟ ଉପରେ ୧୨୫ ପ୍ରତିଶତ ଟାରିଫ ଲଗାଇଛି। ଏବେ ବୋଇଂ କମ୍ପାନୀରୁ ବିମାନ ଗ୍ରହଣ ନ କରିବା ପାଇଁ ଚାଇନା ନିର୍ଦ୍ଦେଶ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଆମେରିକୀୟ କମ୍ପାନୀଗୁଡ଼ିକରୁ ବିମାନ ଉପକରଣ କିଣା ବନ୍ଦ କରିବାକୁ ମଧ୍ୟ ବେଜିଂ ଏହାର ବିମାନ ଚଳାଚଳ କମ୍ପାନୀଗୁଡ଼ିକୁ କହିଛି।

### ହାର୍ଭାର୍ଡର ଟିକସମୁକ୍ତ ଷ୍ଟାଟସ୍ କାଢ଼ିନେବାକୁ ଟ୍ରମ୍ପଙ୍କ ଧମକ

**ୱାଶିଂଟନ,୧୫।୪:** ଆମେରିକା ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ପରିବର୍ତ୍ତିତ ନୀତି ଗ୍ରହଣ କରିବାକୁ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ମନା କରିଦେବା ପରେ ଏହାର ଟିକସମୁକ୍ତ ଷ୍ଟାଟସ୍ କାଢ଼ିନେବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ନିଷ୍ପତ୍ତି ନ ବଦଳାଇଲେ ୟୁନିଭର୍ସିଟି ଟ୍ୟାକ୍ସ ଛାଡ଼ ସୁବିଧା ହରାଇବା ସହ ଏକ ରାଜନୈତିକ ସଂସ୍ଥା ଭାବେ ଟିକସ ଦେବ ବୋଲି ଟ୍ରମ୍ପ କହିଛନ୍ତି। ଏଥିସହିତ ଆମେରିକା ସରକାର ଉକ୍ତ ବିଶ୍ୱବିଦ୍ୟାଳୟର ୨.୩ ବିଲିୟନ ଡଲାର ପାଣ୍ଠିକୁ ଜବତ କରିଛନ୍ତି। ଆମେରିକା ଶିକ୍ଷା ବିଭାଗ ୟୁନିଭର୍ସିଟିକୁ ଏକ ପତ୍ର ଲେଖି ଏହାର ବିବିଧତା, ସମାନତା ଓ ସମାବେଶୀ କାର୍ଯ୍ୟକ୍ରମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲା। ଏହା ବିଶ୍ୱବିଦ୍ୟାଳୟ ଉପରେ ଟ୍ରମ୍ପ ପ୍ରଶାସନର ହସ୍ତକ୍ଷେପ ବୋଲି ହାର୍ଭାର୍ଡ ଅଧ୍ୟକ୍ଷ ଆଲାନ ଗାର୍ବେର କହିଥିଲେ।

### ଡିଜିଟାଲ ଆରେଷ୍ଟ ଗ୍ୟାଙ୍ଗର ୪ ଗିରଫ

**ନୂଆଦିଲ୍ଲୀ, ୧୫।୪:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିଜ 'ଅପରେଶନ ଚକ୍ର-ଭି' ଅନ୍ତର୍ଗତ ରାଜସ୍ଥାନର ଏକ ଡିଜିଟାଲ ଆରେଷ୍ଟ ମାମଲା ପଛରେ ଥିବା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି। ସିବିଆଇ ଏହି ମାମଲାରେ ଠକେଇ କରିଥିବା ଗ୍ୟାଙ୍ଗ୍‌ର ୪ ଜଣ ସଦସ୍ୟଙ୍କୁ ମଙ୍ଗଳବାର ଗିରଫ କରିଛି। ଏଥିପାଇଁ ସିବିଆଇ ପକ୍ଷରୁ ୧୨ ଅଲଗା ଅଲଗା ସ୍ଥାନରେ ସର୍ଚ୍ଚ ଅପରେଶନ କରାଯାଇଥିଲା। ଗିରଫ ହୋଇଥିବା ୪ ଅଭିଯୁକ୍ତ ଉତ୍ତରପ୍ରଦେଶର ମୁରାଦାବାଦ ଏବଂ ମୁମ୍ବାଇର ନିବାସୀ ବୋଲି ଜଣାପଡ଼ିଛି। ଏହି ଅଭିଯୁକ୍ତମାନେ ନିଜକୁ ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥାର ଅଧିକାରୀ ଭାବେ ପରିଚୟ ଦେଇ ପୀଡ଼ିତଙ୍କୁ ୩ ମାସରୁ ଅଧିକ ସମୟ ଧରି ଡିଜିଟାଲ ଆରେଷ୍ଟ କରି ରଖିଥିଲେ। ପୀଡ଼ିତ ଜଣକ ରାଜସ୍ଥାନର ଝୁନ୍‌ଝୁନ୍‌ରେ ରହୁଥିବାବେଳେ ଡିଜିଟାଲ ଆରେଷ୍ଟରେ ଥିବା ସମୟରେ ସେ ୪୨ ଥର ଠକାମିର ସମ୍ମୁଖୀନ ହୋଇ ୭.୬୭ କୋଟି ଟଙ୍କା ହରାଇଥିଲେ।

### ପଶ୍ଚିମବଙ୍ଗ ୱାକ୍‌ଫ ହିଂସା ପଛରେ ବାଂଲାଦେଶୀ: କେନ୍ଦ୍ର

**ନୂଆଦିଲ୍ଲୀ, ୧୫।୪:** ୱାକ୍‌ଫ ଆଇନକୁ ନେଇ ପଶ୍ଚିମବଙ୍ଗରେ ଦେଖାଦେଇଥିବା ହିଂସା ପଛରେ ବାଂଲାଦେଶୀ ଆତଙ୍କ ସୃଷ୍ଟିକାରୀଙ୍କ ସମ୍ପୃକ୍ତି ଥିବା ସାମ୍ନାକୁ ଆସିଛି। ପ୍ରାରମ୍ଭିକ ତଦନ୍ତରୁ ଏହା ଜଣାପଡ଼ିଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଥିବା ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ସେହିପରି ପଶ୍ଚିମବଙ୍ଗରେ ମୁର୍ଶିଦାବାଦ ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ୱାକ୍‌ଫ ଆଇନ ବିରୋଧୀ ହିଂସା ଚାଲିଥିବାବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ସରକାର ଅନୁପ୍ରବେଶକାରୀଙ୍କ ଉପରେ ନଜର ରଖିବାରେ ବିଫଳ ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ବୋଲି ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ, ମୁର୍ଶିଦାବାଦରେ ଗତ ୧୦ରୁ ୧୨ ତାରିଖ ମଧ୍ୟରେ ହୋଇଥିବା ହିଂସାରେ ପିତା-ପୁତ୍ରଙ୍କୁ ହତ୍ୟା କରିଥିବା ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।

# ନିର୍ବାଚନ ପୂର୍ବରୁ ସ୍ୱାୟତ୍ତତା ଉଦ୍ୟମ

## ଉଚ୍ଚସ୍ତରୀୟ କମିଟି ଗଢ଼ିଲେ ଷ୍ଟାଲିନ୍

**ଚେନ୍ନାଇ,୧୫।୪**

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି କେନ୍ଦ୍ର-ରାଜ୍ୟ ସମ୍ପର୍କର ଅନୁଧ୍ୟାନ ପାଇଁ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପୂର୍ବରୁ ପି.ଭି. ରାଜମାନ୍ନାର କମିଟି ଗଠନ କରିଥିଲେ। ଏବେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟର ସ୍ୱାୟତ୍ତତା ପାଇଁ ତାଙ୍କ ପୁଅ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ କମିଟି ଗଠନ ନେଇ ଘୋଷଣା କରିଛନ୍ତି।

ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି କୁରିଏନ୍ ଜୋସେଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ମଧ୍ୟରେ ସମ୍ପର୍କକୁ ପ୍ରଭାବିତ କରୁଥିବା ସାମ୍ବିଧାନିକ ଏବଂ ଆଇନଗତ ବ୍ୟବସ୍ଥାଗୁଡ଼ିକର ଅଧ୍ୟୟନ କରିବ। କମିଟିରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅଶୋକ ବର୍ଦ୍ଧନ ସେଟ୍ଟୀ ଏବଂ ରାଜ୍ୟ ଯୋଜନା ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର ଏମ୍. ନାଗନାଥନ୍ ସଦସ୍ୟ ରହିଛନ୍ତି। ରାଜ୍ୟ ତାଲିକାରୁ ସମବର୍ତ୍ତୀ ସୂଚୀକୁ ସ୍ଥାନାନ୍ତର ହୋଇଥିବା ବିଷୟଗୁଡ଼ିକୁ ଫେରାଇ ଆଣିବା ନିମନ୍ତେ ଉପାୟ ବତାଇବା ସହ ରାଜ୍ୟଗୁଡ଼ିକ କିପରି ଅଧିକ ସ୍ୱାୟତ୍ତତା


ଏମ୍.କେ. ଷ୍ଟାଲିନ୍

କ୍ଷମତା ସହିତ କାର୍ଯ୍ୟ କରିପାରିବେ, ସେନେଇ ସୁପାରିସ କରିବେ।

ରାଜ୍ୟଗୁଡ଼ିକର କ୍ଷମତା ବଢ଼ାଇବା ଉପରେ ଷ୍ଟାଲିନ୍ ଜୋର୍ ଦେଇଛନ୍ତି। କେନ୍ଦ୍ର ସରକାର କ୍ରମାଗତ ଭାବେ ରାଜ୍ୟର ଅଧିକାରକୁ ଛଡ଼ାଇନେବାରେ ଲାଗିଥିବା ସେ ଅଭିଯୋଗ କରିଛନ୍ତି। କରୁଣାନିଧିଙ୍କ ସରକାର ସମୟରେ ଐତିହାସିକ ରାଜ୍ୟ ସ୍ୱାୟତ୍ତତା ସଂକଳ୍ପନାମା ବିଧାନସଭାରେ ଅଣାଯାଇଥିଲା। ରାଜ୍ୟ ବିଧାନସଭାର ରୁଲ୍-୧୧୦ ଅନୁଯାୟୀ ଷ୍ଟାଲିନ୍ ନୂଆ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ୨୦୨୬ ଜାନୁଆରୀ ସୁଦ୍ଧା କମିଟି ଅନ୍ତରୀଣ ରିପୋର୍ଟ ଦେବାକୁ ଥିବାବେଳେ ୨ ବର୍ଷରେ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବ। ଏହି ପଦକ୍ଷେପ କେବଳ ତାମିଲନାଡୁ ପାଇଁ ନୁହେଁ ବରଂ ବିବିଧତା ମଧ୍ୟରେ ଏକତା ସିଦ୍ଧାନ୍ତର ସୁରକ୍ଷା ନିମନ୍ତେ ସମସ୍ତ ରାଜ୍ୟ ପାଇଁ ଉଦ୍ଦିଷ୍ଟ ବୋଲି ଷ୍ଟାଲିନ୍ କହିଛନ୍ତି। ରାଜ୍ୟଗୁଡ଼ିକର ଅଧିକାର ଅବରୋଧ ହେଉଥିବାବେଳେ ସମ୍ବିଧାନର ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରାଯାଇ ସହଯୋଗମୂଳକ ସଂଘବାଦ, ଆଇନ ଏବଂ ନୀତି ଆଧାରିତ କେନ୍ଦ୍ର-ରାଜ୍ୟ ସମ୍ପର୍କ ସୁଦୃଢ଼ ହେବା ଆବଶ୍ୟକ। ସମ୍ବିଧାନ ଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ଗଢ଼ାଯାଇଥିବାରୁ ନିଜସ୍ୱ କ୍ଷେତ୍ରରେ କେହି କାହାର ଅଧସ୍ତନ ନୁହନ୍ତି ବୋଲି ବି.ଆର୍. ଆମ୍ବେଡ୍‌କର ସ୍ପଷ୍ଟ ଭାବେ କହିଥିଲେ। ଏହା ସତ୍ତ୍ୱେ କେନ୍ଦ୍ର ସରକାର କ୍ରମାଗତ ଭାବେ ରାଜ୍ୟଗୁଡ଼ିକର ଅଧିକାରକୁ ଅକ୍ତିଆର କରିଚାଲିଛନ୍ତି, ଯାହା ସାମ୍ବିଧାନିକ ସନ୍ତୁଳନରେ ବ୍ୟାଘାତ ସୃଷ୍ଟି କରୁଥିବା ଷ୍ଟାଲିନ୍ କହିଥିଲେ। ତେବେ ବିଧାନସଭାରେ ଷ୍ଟାଲିନ୍ ଉଚ୍ଚସ୍ତରୀୟ କମିଟି ଗଠନ ସମ୍ପର୍କରେ ଘୋଷଣା କଲାବେଳେ ବିରୋଧୀ ଦଳ ଏଆଇଏଡିଏମ୍‌କେ ଉପସ୍ଥିତ ନ ଥିଲା। ବିରୋଧୀ ଦଳ ଉଠାଇଥିବା ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବାଚସ୍ପତି ଏମ୍. ଆପ୍ପାଭୁ ଅନୁମତି ନ ଦେବାରୁ ଏଆଇଏଡିଏମ୍‌କେ କକ୍ଷତ୍ୟାଗ କରିଥିଲା। ରାଜ୍ୟ ପାଇଁ ନିରଙ୍କୁଶ ସ୍ୱାୟତ୍ତତା ଦେଶ ପକ୍ଷରେ ଭଲ ହେବ ନାହିଁ, ଏଥିରେ ଭାଜପା ଏକମତ ନୁହେଁ ବୋଲି କହି ଗୃହର ନେତା ନୈନାର ନାଗେନ୍ଦ୍ରନଙ୍କ ନେତୃତ୍ୱରେ କକ୍ଷତ୍ୟାଗ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଡିଏମ୍‌କେ ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ସମର୍ଥନ ଜଣାଇଥିଲେ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି ସମେତ ବିଭିନ୍ନ ନିଷ୍ପତ୍ତିକୁ ଷ୍ଟାଲିନ୍ ବିରୋଧ କରିଆସୁଛନ୍ତି। ତ୍ରିଭାଷୀ ନୀତି ବଳରେ କେନ୍ଦ୍ର ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକ ଉପରେ ହିନ୍ଦୀ ଭାଷାକୁ ଲଦିଦେବାକୁ ଉଦ୍ୟମ ଚଳାଇଥିବା କହି ଷ୍ଟାଲିନ୍ ଏହାର ତୀବ୍ର ବିରୋଧ କରିଥିବାବେଳେ ଅନ୍ୟ କେତେକ ଦଳ ମଧ୍ୟ ତାଙ୍କ ସହ ସ୍ୱର ମିଳାଇଛନ୍ତି। ସେହିପରି ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ରହିଥିବା ଏନ୍‌ଇଇଟି ପରୀକ୍ଷା ବ୍ୟବସ୍ଥାକୁ ଷ୍ଟାଲିନ୍ ବିରୋଧ କରିବା ସହ ତାମିଲନାଡୁରେ ଏଭଳି ପରୀକ୍ଷା ନ କରାଇ ସିଧାସଳଖ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଧାରରେ ପିଲାଙ୍କୁ ନାମଲେଖା ସୁଯୋଗ ଦେବା ପାଇଁ ଦାବି କରିଆସୁଛନ୍ତି।



ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଡ୍‌କରଙ୍କ ଜନ୍ମବାର୍ଷିକୀ ୨୦୨୫ ଏପ୍ରିଲ ୧୪କୁ ନ୍ୟୁୟର୍କ ସିଟିରେ ଡ. ବି.ଆର୍. ଆମ୍ବେଡ୍‌କର ଦିବସ ଭାବେ ଘୋଷଣା କରାଯାଇଛି। ଏଥିପାଇଁ ସେଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ନ୍ୟୁୟର୍କ ସିଟି ମେୟରଙ୍କ କାର୍ଯ୍ୟାଳୟର ଅନ୍ତର୍ଜାତୀୟ ବ୍ୟାପାର ଡେପୁଟି କମିଶନର ଦିଲୀପ ଚୌହାନ ଏବଂ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଯୋଗ ଦେଇଛନ୍ତି।


ଅମରନାଥ ଯାତ୍ରାରେ ସାମିଲ ହେବା ପାଇଁ ନିଜକୁ ପଞ୍ଜୀକୃତ କରିବା ନିମନ୍ତେ ଜମ୍ମୁରେ ମଙ୍ଗଳବାର ତୀର୍ଥଯାତ୍ରୀମାନେ ଧାଡ଼ିରେ ଛିଡ଼ାହୋଇଛନ୍ତି।

# ରାମମନ୍ଦିରକୁ ବୋମା ଧମକ

**ଅଯୋଧ୍ୟା,୧୫।୪**

ଉତ୍ତରପ୍ରଦେଶର ଅଯୋଧ୍ୟାସ୍ଥିତ ରାମମନ୍ଦିରକୁ ବୋମାରେ ଉଡ଼ାଇଦେବା ପାଇଁ ଇମେଲ୍ ଯୋଗେ ଧମକ ମିଳିଛି। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏନେଇ ଏତଲା ଦାଏର କରାଯିବା ପରେ ସାଇବର ସେଲ୍ ଘଟଣାର ତଦନ୍ତ କରୁଛି। ତାମିଲନାଡୁରୁ ଆସିଥିବା ଏହି ଇମେଲ୍ ସୋମବାର ରାତିରେ ମନ୍ଦିର ପରିଚାଳନା ସଂସ୍ଥା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ମିଳିଥିଲା। ମନ୍ଦିର ସୁରକ୍ଷା ବଢ଼ାଇବାକୁ ଏଥିରେ କୁହାଯାଇଥିଲା। ବାରବାଙ୍କୀ ଏବଂ ଚନ୍ଦୌଲି ଜିଲାରେ ମଧ୍ୟ ଏଭଳି ଧମକ ମିଳିଛି। ଫଳରେ ମନ୍ଦିରର ଚାରିପଟେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।

# ଆଲ୍ଲାହାବାଦ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୧୫।୪**

## ପୀଡ଼ିତା ସମସ୍ୟାକୁ ଆମନ୍ତ୍ରଣ କରିଥିବା ଟିପ୍ପଣୀ

ନିକଟରେ ଆଲ୍ଲାହାବାଦ ହାଇକୋର୍ଟ ଏକ ବିବାଦୀୟ ରାୟରେ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ଅବସରରେ ପୀଡ଼ିତା ସମସ୍ୟାକୁ ଆମନ୍ତ୍ରଣ କରିଥିଲେ ବୋଲି ଟିପ୍ପଣୀ ଦେଇଥିଲେ। ହାଇକୋର୍ଟଙ୍କ ଏଭଳି ଟିପ୍ପଣୀରେ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ସହ ଭର୍ତ୍ସନା କରିଛନ୍ତି। ଏମିଟି ୟୁନିଭର୍ସିଟି ନୋଏଡ଼ା କ୍ୟାମ୍ପସରେ ଜଣେ ପିଜି ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତଙ୍କୁ ଗତବର୍ଷ ଡିସେମ୍ବରରେ ଗିରଫ କରାଯାଇ ଜେଲରେ ରଖାଯାଇଥିଲା। ଅଭିଯୁକ୍ତ ପୀଡ଼ିତାଙ୍କୁ ଦିଲ୍ଲୀର ହୌଜଖାସ୍ଥିତ ବାର୍‌ରେ ଭେଟିଥିଲେ। ଛାତ୍ରୀ ଜଣକ ଦୀର୍ଘ ସମୟ ମଦ ପିଇ ଅତ୍ୟାଧିକ ନିଶାଗ୍ରସ୍ତ ଥିଲେ। ଘରକୁ ଯିବାକୁ ଅସମର୍ଥ ଥିବାରୁ ଅଭିଯୁକ୍ତଙ୍କ ସହ ଯିବା ପାଇଁ ରାଜି ହୋଇଥିଲେ। ଅଭିଯୁକ୍ତ ତାଙ୍କୁ ଜଣେ ସମ୍ପର୍କୀୟଙ୍କ ଘରକୁ ନେଇ ୨ ଥର ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଯଦି ପୀଡ଼ିତାଙ୍କ ଅଭିଯୋଗ ସତ ହୋଇଥାଏ, ତେବେ ସେ ନିଜେ ହିଁ ଏଥିପାଇଁ ଦାୟୀ। ଜଣେ ପିଜି ଛାତ୍ରୀ ହୋଇଥିବାରୁ ନିଜ କାର୍ଯ୍ୟର ନୈତିକତା ଏବଂ ପରିଣତି ସମ୍ପର୍କରେ ବୁଝିବାକୁ ସେ ଯଥେଷ୍ଟ ସମର୍ଥ ଥିଲେ ବୋଲି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ସିଂ କହିବା ସହ ଏହା ବଳାତ୍କାର ନୁହେଁ ବରଂ ସହମତିରେ ସମ୍ପର୍କ ଭଳି ଜଣାପଡୁଥିବା କହିଥିଲେ। ଉଚ୍ଚ ଅଦାଲତର ଏଭଳି ରାୟ ଅତ୍ୟନ୍ତ ସମ୍ବେଦନହୀନ ବୋଲି ଜଷ୍ଟିସ୍ ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଜଣେ ବିଚାରପତି ଏଭଳି ଟିପ୍ପଣୀ ଦେବା ପୂର୍ବରୁ ଯଥେଷ୍ଟ ସତର୍କ ରହିବା ଆବଶ୍ୟକ ବୋଲି ଜଷ୍ଟିସ୍ ଗଭାଇ କହିଛନ୍ତି।

# ପୋଷାକକୁ ନେଇ ବିବାଦରେ ହ୍ୱାଇଟ ହାଉସ୍ ପ୍ରେସ୍ ସେକ୍ରେଟାରି

**ୱାଶିଂଟନ, ୧୫।୪**

ଆମେରିକା ଏବଂ ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ଯୁଦ୍ଧ ସୋସିଆଲ ମିଡିଆରେ ପହଞ୍ଚିଛି। ଏକ ଖବରଦାତା ସମ୍ମିଳନୀରେ ହ୍ୱାଇଟ ହାଉସ୍ ପ୍ରେସ୍ ସେକ୍ରେଟାରି କାରୋଲିନ ଲିଭିଟ୍ ପିନ୍ଧିଥିବା ପୋଷାକକୁ ନେଇ ସମାଲୋଚନାର ଶିକାର ହୋଇଛନ୍ତି। ଚାଇନାର କୂଟନୀତିଜ୍ଞ ଝାଙ୍ଗ ଝିଶେଙ୍ଗ ସର୍ବପ୍ରଥମେ କାରୋଲିନଙ୍କୁ ଟାର୍ଗେଟ କରି ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ। କାରୋଲିନ କରିଥିବା ଏକ ଖବରଦାତା ସମ୍ମିଳନୀର ଫଟୋକୁ ଶେୟାର କରି ଝିଶେଙ୍ଗ ଲେଖିଥିଲେ, ହ୍ୱାଇଟ ହାଉସ ପ୍ରେସ୍ ସେକ୍ରେଟାରି ଚାଇନାରେ ତିଆରି (ମେଡ୍ ଇନ୍ ଚାଇନା) ପୋଷାକ ପିନ୍ଧିଛନ୍ତି। ଚାଇନା ସହ ବାଣିଜ୍ୟିକ ସମ୍ପର୍କକୁ ନେଇ ଟ୍ରମ୍ପ ପ୍ରଶାସନର ବୟାନବାଜି ଦୈନନ୍ଦିନ ବାସ୍ତବତାଠାରୁ ବହୁ ଦୂରରେ ଥିବା ସେ କହିଛନ୍ତି। କାରୋଲିନ ପିନ୍ଧିଥିବା ପୋଷାକରେ ଲାଗିଥିବା ଫିତା ଚାଇନାର ମାବୁରେ ଥିବା ଏକ କାରଖାନାରେ ନିର୍ମିତ


ކ
କାରୋଲିନ ଲିଭିଟ୍

ହୋଇଥିବା ନେଇ ଇଣ୍ଡୋନେସିଆର ଡେନ୍‌ପାସର ସହରରେ କନ୍‌ସୁଲ ଜେନେରାଲ ଅଫ୍ ଚାଇନା ଭାବେ କାର୍ଯ୍ୟରତ ଝିଶେଙ୍ଗ ନିଜ ପୋଷ୍ଟରେ ଦାବି କରିଛନ୍ତି। ଝିଶେଙ୍ଗଙ୍କ ପୋଷ୍ଟ ପରେ କାରୋଲିନଙ୍କ ପୋଷାକକୁ ନେଇ ସୋସିଆଲ ମିଡିଆରେ ଆମେରିକୀୟ ଏବଂ ଚାଇନାର ୟୁଜର୍ସମାନେ ପରସ୍ପର ବିରୋଧୀ ମନ୍ତବ୍ୟ ଦେଉଛନ୍ତି।

# ସୋନିଆ, ରାହୁଲଙ୍କ ନାଁରେ ଇଡିର ଚାର୍ଜଶିଟ୍

**ନୂଆଦିଲ୍ଲୀ,୧୫।୪**

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସ୍ୱତନ୍ତ୍ର ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଛି। ଉକ୍ତ ଚାର୍ଜଶିଟ୍‌ରେ କଂଗ୍ରେସ ଏମ୍‌ପି ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଦଳର ଦରିଆପାରି ଶାଖା ମୁଖ୍ୟ ସାମ୍ ପିତ୍ରୋଡାଙ୍କ ସମେତ ଦଳ ସହ ସମ୍ପୃକ୍ତ ସୁମନ ଦୁବେ, ୨ଟି କମ୍ପାନୀ ୟଙ୍ଗ୍, ଇଣ୍ଡିଆ ଏବଂ ଡୋଟେକ୍ସ ମର୍ଚାଣ୍ଡାଇଜ୍ ପ୍ରା.ଲିଃ ଏବଂ ସୁନିଲ ଭଣ୍ଡାରୀଙ୍କ ନାଁ ରହିଛି। ୨୫ରେ ଏହା ଉପରେ ଶୁଣାଣି ହେବ। ସରକାରୀ କମ୍ପାନୀ ଆସୋସିଏଟେଡ୍ ଜର୍ନାଲ୍ସ ଲିଃ (ଏଜେଏଲ୍)ର ୯୯% ଅଂଶଧନକୁ ଘରୋଇ କମ୍ପାନୀ ୟଙ୍ଗ୍ ଇଣ୍ଡିଆକୁ ଟ୍ରାନ୍ସଫର କରି ୨,୦୦୦ କୋଟି ଟଙ୍କା ହଡ଼ପ କରିବା ପାଇଁ କଂଗ୍ରେସ ନେତାମାନେ ଆପରାଧିକ ଷଡ଼ଯନ୍ତ୍ର କରିଥିଲେ ବୋଲି ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି। ୟଙ୍ଗ୍ ଇଣ୍ଡିଆରେ ସୋନିଆ ଏବଂ ରାହୁଲ ସର୍ବାଧିକ ଅଂଶୀଦାର। ଚାର୍ଜଶିଟ୍‌ରେ ସୋନିଆଙ୍କୁ ପ୍ରଥମ ଓ ରାହୁଲଙ୍କୁ ଦ୍ୱିତୀୟ ଅଭିଯୁକ୍ତ କରାଯାଇଛି।


ରାହୁଲ ଗାନ୍ଧୀ


ସୋନିଆ ଗାନ୍ଧୀ

## ନ୍ୟାଶନାଲ ହେରାଲ୍ଡ ମାମଲା

### ଆଜି କଂଗ୍ରେସର ଦେଶବ୍ୟାପୀ ବିକ୍ଷୋଭ

ସୋନିଆ ଏବଂ ରାହୁଲଙ୍କ ନାଁରେ ଇଡିର ଚାର୍ଜଶିଟ୍‌କୁ ବିରୋଧ କରି କଂଗ୍ରେସ ବୁଧବାର ଦେଶବ୍ୟାପୀ ବିକ୍ଷୋଭ କରିବାକୁ ଘୋଷଣା କରିଛି। ଦେଶର ସମସ୍ତ ଇଡି କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ଏଜେନ୍ସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବ। ରାଜ୍ୟସ୍ତରୀୟ ବିକ୍ଷୋଭରେ ଦଳୀୟ ବିଧାୟକ, ଏମ୍‌ପି, ଛାମୁଆ ସଂଗଠନର କାର୍ଯ୍ୟକର୍ତ୍ତା, କଂଗ୍ରେସ କର୍ମୀମାନେ ସାମିଲ ହେବେ ବୋଲି ଦଳ କହିଛି। ଭୟ ଓ ଅତ୍ୟାଚାର ରାଜନୀତି ବିରୋଧରେ ଲଢ଼ିବା ପାଇଁ ଆମର ମିଳିତ ସଂକଳ୍ପକୁ ବିକ୍ଷୋଭ ଜରିଆରେ ପରିପ୍ରକାଶ କରାଯିବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ବେଣୁଗୋପାଳ କହିଛନ୍ତି।

## ରବର୍ଟ ଭଦ୍ରାଙ୍କୁ ୬ ଘଣ୍ଟା ଇଡି ଜେରା

**ନୂଆଦିଲ୍ଲୀ, ୧୫।୪ (ପି.ଟି.)**

୨୦୦୮ରେ ହରିୟାଣାର ଶିକୋହସ୍ଥିତ ଏକ ଜମି ସମ୍ବନ୍ଧୀୟ ଅର୍ଥ ହେରଫେର ମାମଲାରେ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସ୍ୱାମୀ ତଥା ବ୍ୟବସାୟୀ ରବର୍ଟ ଭଦ୍ରାଙ୍କର ବୟାନ ରେକର୍ଡ କରିବା ସହ ତାଙ୍କୁ ୬ ଘଣ୍ଟା ଧରି ଜେରା କରିଛି। ଏହି ଅବସରରେ ଇଡି ଅଧିକାରୀମାନେ ମାମଲା ସମ୍ବନ୍ଧିତ ଅନେକ ପ୍ରଶ୍ନ ରବର୍ଟଙ୍କୁ ପଚାରିଥିଲେ। ତେବେ ମାମଲାକୁ ନେଇ ଅଧିକ ପଚରାଉଚରା ପାଇଁ ବୁଧବାର ପୁଣିଥରେ ଜେରା ପାଇଁ ହାଜର ହେବାକୁ ରବର୍ଟଙ୍କୁ ଇଡି ସମନ କରିଛି। ସେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ନୂଆଦିଲ୍ଲୀସ୍ଥିତ ଇଡି ମୁଖ୍ୟାଳୟରେ ପହଞ୍ଚି ଜେରାରେ ଯୋଗ ଦେଇଥିଲେ। ରାଜନୈତିକ ପ୍ରତିଶୋଧର ଭାବନା ସହ ତାଙ୍କୁ ଜେରା କରାଯାଉଛି ବୋଲି ରବର୍ଟ କହିଛନ୍ତି।

# ୯୦% ମହିଳା ପୋଲିସ ଜୁନିୟର ର୍‍ୟାଙ୍କରେ କାର୍ଯ୍ୟରତ

**ନୂଆଦିଲ୍ଲୀ, ୧୫।୪ (ପି.ଟି.)**

ଭାରତର ପୋଲିସ ବାହିନୀରେ ସମ୍ପ୍ରତି ୧ ହଜାରରୁ କମ୍ ମହିଳା ଡିଜିପି, ଏସ୍‌ପି ଭଳି ସିନିୟର ର୍‍ୟାଙ୍କ୍‌ରେ କାର୍ଯ୍ୟ କରୁଛନ୍ତି। ମହିଳା ପୋଲିସ ମଧ୍ୟରୁ ୯୦% କନ୍‌ଷ୍ଟେବଲ ଭଳି ଜୁନିୟର ର୍‍ୟାଙ୍କରେ କାର୍ଯ୍ୟ କରୁଥିବା ନେଇ ଅନେକ ନାଗରିକ ଏବଂ ସାମାଜିକ ସଙ୍ଗଠନ ଓ ଡେଟା ପାର୍ଟନରଙ୍କ ସହାୟତାରେ ଟାଟା ଟ୍ରଷ୍ଟ ପକ୍ଷରୁ କରାଯାଇଥିବା 'ଦି ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ୨୦୨୫'ରେ ପ୍ରକାଶ ପାଇଛି। ବିଭିନ୍ନ ରାଜ୍ୟର ପୋଲିସ ବିଭାଗ, ନ୍ୟାୟପାଳିକା, କାରାଗାର ଏବଂ ଆଇନଗତ ସହାୟତାକୁ ବିଚାରକୁ ନିଆଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ପୋଲିସ ବିଭାଗରେ ମହିଳାଙ୍କ ପ୍ରତିନିଧିତ୍ୱ ନେଇ ରହିଥିବା ଲକ୍ଷ୍ୟକୁ ସମ୍ପ୍ରତି ହାସଲ କରାଯାଇ ପାରି ନ ଥିବା ରିପୋର୍ଟ କହିଛି। ପୋଲିସ ବିଭାଗରେ ୨.୪ ଲକ୍ଷ ମହିଳା କାର୍ଯ୍ୟରତ ଥିବାବେଳେ ସେଥିମଧ୍ୟରୁ ମାତ୍ର ୯୬୦ ଜଣ ଇଣ୍ଡିଆନ୍ ପୋଲିସ ସର୍ଭିସ (ଆଇପିଏସ୍) ର୍‍ୟାଙ୍କର। ସେହିପରି ୨୪,୩୨୨ ଜଣ ମହିଳା ପୋଲିସ ଇନ୍‌ସ୍ପେକ୍ଟର, ସବ୍ ଇନସ୍ପେକ୍ଟର ପଦବୀରେ ସିନିୟର ର୍‍ୟାଙ୍କ ପୋଲିସ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଦେଶରେ ୨.୧୭ ଲକ୍ଷ ମହିଳା ପୋଲିସ କନ୍‌ଷ୍ଟେବଲ ଭାବେ ଜୁନିୟର ର୍‍ୟାଙ୍କରେ କାର୍ଯ୍ୟ କରୁଥିବା ଏହି ରିପୋର୍ଟ କହିଛି।

# ଭାରତର ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ୧୫ ବିଚାରପତି

**ନୂଆଦିଲ୍ଲୀ, ୧୫।୪ (ପି.ଟି.)**

ଭାରତରେ ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ କେବଳ ୧୫ ଜଣ ବିଚାରପତି ରହିଛନ୍ତି। ମଙ୍ଗଳବାର ଜାରି ହୋଇଥିବା 'ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ୨୦୨୫'ରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ପ୍ରତି ୧୦ ଲକ୍ଷ ଜନସଂଖ୍ୟାରେ ୫୦ ବିଚାରପତି ରହିବା ନେଇ ୧୯୮୭ ମସିହାରେ ଲ' କମିଶନ କରିଥିବା ସୁପାରିସଠାରୁ ବର୍ତ୍ତମାନର ବିଚାରପତିଙ୍କ ସଂଖ୍ୟା ବହୁତ ଦୂରରେ ଥିବା ଏହି ରିପୋର୍ଟ କହିଛି।

ଇଣ୍ଡିଆ ଜଷ୍ଟିସ୍ ରିପୋର୍ଟ ଅନୁଯାୟୀ, ୧୪୦ କୋଟି ଜନସଂଖ୍ୟାର ଦେଶ ଭାରତରେ ୨୧,୨୮୫ ଜଣ ବିଚାରପତି ରହିଛନ୍ତି। ସେହିପରି ଭାରତର ଉଚ୍ଚନ୍ୟାୟାଳୟଗୁଡ଼ିକରେ ସମୁଦାୟ



ମଞ୍ଜୁର ପଦବୀର ୩୩% ଖାଲିପଡ଼ିଥିବା ଏହି ରିପୋର୍ଟ କହିଛି। ସେଥିମଧ୍ୟରୁ କେବଳ ୨୦୨୫ରେ ୨୧% ପଦବୀ ଖାଲି ପଡ଼ିଛି, ଯାହା ସମ୍ପ୍ରତି ବିଚାରପତିଙ୍କର କାର୍ଯ୍ୟଭାର ବଢ଼ାଇଛି। ଦେଶର ଜିଲା କୋର୍ଟଗୁଡ଼ିକରେ ପ୍ରତି ବିଚାରପତିଙ୍କ ପିଛା ହାରାହାରି ୨,୨୦୦ ମାମଲାର ବୋଝ ରହିଥିବା ଏହି ରିପୋର୍ଟ କହିଛି। ଆଲ୍ଲାହାବାଦ ଏବଂ ମଧ୍ୟପ୍ରଦେଶ ହାଇକୋର୍ଟରେ ପ୍ରତି ବିଚାରପତିଙ୍କ ପିଛା ହାରାହାରି ୧୫ ହଜାର ମାମଲାର ବୋଝ ରହିଛି। ୨୦୧୭ରେ ଦେଶର ଜିଲା ଅଦାଲତଗୁଡ଼ିକରେ ମହିଳା ବିଚାରପତିଙ୍କ ସଂଖ୍ୟା ମୋଟ ବିଚାରପତିଙ୍କର ୩୦% ହୋଇଥିବାବେଳେ ଏବେ ଏହି ସଂଖ୍ୟା ବଢ଼ି ୩୮.୩%ରେ ପହଞ୍ଚିଛି। ସେହିପରି ଦେଶର ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୨୦୧୭ରେ ମହିଳା ବିଚାରପତିଙ୍କ ସଂଖ୍ୟା ୧୧.୪% ଥିବାବେଳେ ୨୦୨୫ରେ ଏହା ବଢ଼ି ୧୪% ହୋଇଛି। ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଗୁଡ଼ିକ ତୁଳନାରେ ଜିଲା ଅଦାଲତଗୁଡ଼ିକରେ ମହିଳା ବିଚାରପତିଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ ବୋଲି ଏହି ରିପୋର୍ଟ କହିଛି। ସମ୍ପ୍ରତି ଦେଶର ୨୫ ହାଇକୋର୍ଟରେ କେବଳ ଜଣେ ମହିଳା ମୁଖ୍ୟ ବିଚାରପତି ରହିଛନ୍ତି। ସେହିପରି ଭାରତର ଜିଲା ଅଦାଲତଗୁଡ଼ିକରେ କେବଳ ୫% ବିଚାରପତି ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗରୁ ଆସୁଥିବାବେଳେ ୧୪% ବିଚାରପତି ଅନୁସୂଚିତ ଜାତି(ଏସ୍‌ସି) ବର୍ଗରୁ ଆସୁଛନ୍ତି। ୨୦୧୮ରୁ ୬୯୮ ଜଣ ହାଇକୋର୍ଟ ବିଚାରପତି ନିଯୁକ୍ତ ହୋଇଥିବାବେଳେ ସେଥିମଧ୍ୟରୁ କେବଳ ୩୭ ଜଣ ଏସ୍‌ସି ଏବଂ ଏସ୍‌ଟି ବର୍ଗର ହୋଇଥିବା ଏହି ରିପୋର୍ଟ କହିଛି। ସେହିପରି ଭାରତର ନ୍ୟାୟପାଳିକାରେ ଅନ୍ୟ ପଛୁଆ ଜାତି (ଓବିସି) ବର୍ଗର ବିଚାରପତିଙ୍କ ସାମଗ୍ରିକ ପ୍ରତିନିଧିତ୍ୱ ୨୫.୬% ରହିଛି।




## ସଡ଼କ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ

### ରାମଲୀଳା ଯାତ୍ରା ଦେଖି ଫେରୁଥିଲେ

ବଡ଼ଗାଁ,୧୫।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ରାଜ୍ୟ ରାଜପଥ ୧୦ରେ ସୋମବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବିରତୋଲା ଗ୍ରାମର ଠଣସୁନ୍ଦର ସା(୨୩), ଦିଲୀପ କୁମାର ନାଏକ(୨୨) ଓ ଚନ୍ଦନ ଲୋହାର(୨୨)। ବଡ଼ଗାଁ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବଡ଼ଗାଁ ଥାନାରେ ଏକ ମାମଲା(ନଂ. ୯୫/୨୫) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ ବିରତୁଲା ଗ୍ରାମର ଠଣସୁନ୍ଦର, ଦିଲୀପ ଓ ଚନ୍ଦନ ସୋମବାର ରାତିରେ ବଡ଼ଗାଁ ରାମଲୀଳା ଯାତ୍ରା ଦେଖି ଏକ ବାଇକ ଯୋଗେ ଫେରୁଥିବାବେଳେ ବଡ଼ଗାଁ ଆଦର୍ଶ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଛିଡ଼ା ହୋଇଥିବା ଟ୍ରାକ୍ଟର ସହ ପିଟି ହୋଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଗ୍ରାମର ଲୋକେ ସେମାନଙ୍କୁ ଉଦ୍ଧାର କରି ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଦୁର୍ଘଟଣା ପରେ ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବଡ଼ଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରାକ୍ଟରକୁ ଜବତ କରିଛି। ଟ୍ରାକ୍ଟରଟି ବିରତୋଲା ଗ୍ରାମର ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ସବ୍‌ଇନ୍‌ସପେକ୍ଟର ଖଗପତି ବିଶ୍ୱାଳ ସୂଚନା ଦେଇଛନ୍ତି।

## ଆଜି ଝଡ଼ବର୍ଷା ପାଇଁ ବିଭିନ୍ନ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର,୧୫।୪ (ଅନୁରାଧା ମହାରଣା)

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ଜାରି ରହିଥିବାବେଳେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଝଡ଼ବର୍ଷାର ପ୍ରଭାବ ରହିବ। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ନୟାଗଡ଼, ଗଜପତି, ଗଞ୍ଜାମ ଓ କୋରାପୁଟ ଆଦି ଜିଲାକୁ ଝଡ଼ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ଘଡ଼ଘଡ଼ି ଓ ବିଜୁଳି ଭୟ ରହିଥିବାବେଳେ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବୌଦ୍ଧ, ରାୟଗଡ଼ା, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଓ ଢେଙ୍କାନାଳ ଜିଲାରେ ମଧ୍ୟ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀର ସମ୍ଭାବନା ଥିବାରୁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ରାଜ୍ୟରେ ସୃଷ୍ଟିହେଲା ୨୫୦୦ ଗୃହରକ୍ଷୀ ପଦବୀ

ଭୁବନେଶ୍ୱର, ୧୫।୪ (ସୁନିତ୍ ମିଶ୍ର)

ରାଜ୍ୟରେ ୨୫୦୦ ଗୃହରକ୍ଷୀ ପଦବୀ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ଗୃହରକ୍ଷୀ ପଦବୀ ସଂଖ୍ୟା ୧୭,୬୭୫ ରହିଛି। ୨୫୦୦ ନୂଆ ପଦବୀ ସୃଷ୍ଟି ହେବା ପରେ ସମୁଦାୟ ପଦବୀ ସଂଖ୍ୟା ୨୦,୧୭୫ ହୋଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ପୋଲିସ ବାହିନୀରେ ପଦବୀ ସଂଖ୍ୟା ବୃଦ୍ଧି କରାଯିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ରାଜ୍ୟ ପୋଲିସ ବିଭାଗର ବିଭିନ୍ନ ଶାଖାରେ ପ୍ରାୟ ୧୨ ହଜାର ପଦବୀ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଛନ୍ତି।

## ଏସ୍‌ଏଚ୍‌ଜିଙ୍କୁ ସୁଧମୁକ୍ତ ଋଣ ଜାରି ରହିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୪(ସୁନିତ୍ ମିଶ୍ର)

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡ଼ିକ ପାଇଁ ସୁଧମୁକ୍ତ ଋଣ ବ୍ୟବସ୍ଥାକୁ ରାଜ୍ୟ ସରକାର ଜାରି ରଖିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମଙ୍ଗଳବାର ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ସୁଧମୁକ୍ତ ଋଣ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ପୂର୍ବରୁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଜାରି ରଖିଥିଲେ। ମଙ୍ଗଳବାର ଏହାକୁ ୨୦୨୫-୨୬ ଓ ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ ଜାରି ରଖିବା ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏହି ପଦକ୍ଷେପ ରାଜ୍ୟରେ ମହିଳା ଉଦ୍ୟୋଗୀ ଓ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ମହିଳା ଭାଗୀଦାରି ଜରିଆରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଅର୍ଥନୀତି ସୁଦୃଢ଼ ହେବ ବୋଲି ସେ କହିଛନ୍ତି।



ଲୋକସେବା ଭବନରେ ମଙ୍ଗଳବାର କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ୍‌ରାମ୍ ମାଝି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ବିଦ୍ୟୁତ୍ ଟାରିଫ୍ ଜନଶୁଣାଣି ୬କୁ ଘୁଞ୍ଚିଲା

### କୋଇଲା ମୂଲ୍ୟ ନିର୍ଣ୍ଣୟ ଦରଖାସ୍ତକୁ ସାର୍ବଜନୀନ ପାଇଁ ଓସିପିଏଲ୍‌କୁ ଓଇଆର୍‌ସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୪ (ରବିନାରାୟଣ ଜେନା)

ଚଳିତ ଆର୍ଥିକବର୍ଷ ୨୦୨୫-୨୬ ପାଇଁ ଖୁଚୁରା ବିଦ୍ୟୁତ୍ ଟାରିଫ୍ ଧାର୍ଯ୍ୟ ସଂକ୍ରାନ୍ତୀୟ ଜନଶୁଣାଣି ଆସନ୍ତା ମେ' ୬ ତାରିଖକୁ ଘୁଞ୍ଚିଛି। ଏହି ସମୟ ମଧ୍ୟରେ କୋଇଲା ମୂଲ୍ୟ ନିର୍ଣ୍ଣୟ ଦରଖାସ୍ତକୁ ସାର୍ବଜନୀନ କରିବାପାଇଁ ଓସିପିଏଲ୍‌କୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ପକ୍ଷରୁ କୁହାଯାଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଚଳିତ ଆର୍ଥିକବର୍ଷ ଲାଗି ଓପିଜିସିର ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ ପାଇଁ ଦୁଇଟି ଦରଖାସ୍ତ ଓଇଆର୍‌ସିଙ୍କ ନିକଟରେ ଦାଖଲ ହୋଇଥିଲା। ମାତ୍ର ଓଇଆର୍‌ସି କେବଳ ପ୍ରଥମ ପର୍ଯ୍ୟାୟ ୪୨୦ ମେଗାୱାଟ୍ ବିଶିଷ୍ଟ ୟୁନିଟ୍ ପ୍ରଥମ ଓ ଦ୍ୱିତୀୟ ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ କରି ଖୁଚୁରା ବିଦ୍ୟୁତ୍ ମୂଲ୍ୟକୁ ଅପରିବର୍ତ୍ତିତ ରଖିଥିଲେ। ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ୧୩୨୦ ମେଗାୱାଟ୍ ବିଶିଷ୍ଟ ୟୁନିଟ୍ ୩ ଓ ୪ର ବିଦ୍ୟୁତ୍ ମୂଲ୍ୟ ନିର୍ଣ୍ଣୟ ପାଇଁ ଓଇଆର୍‌ସି ଜନଶୁଣାଣି କରିଥିଲେ। ଓଇଆର୍‌ସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଓ ଅନ୍ୟ ଦୁଇ ସଭ୍ୟ ଗଜେନ୍ଦ୍ର ମହାପାତ୍ର ଏବଂ ସୁଶାନ୍ତ ରାୟ ମହାପାତ୍ର ପୂର୍ଣ୍ଣ ବେଞ୍ଚରେ ଜନଶୁଣାଣି କରିଥିଲେ। ଏହି ଅବସରରେ ଜନସାଧାରଣଙ୍କ ତରଫରୁ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଥିଲେ, ଓପିଜିସି ବିଦ୍ୟୁତ ମୂଲ୍ୟ ନିର୍ଣ୍ଣୟ ପ୍ରକ୍ରିୟାରେ କୋଇଲା ମୂଲ୍ୟ ଏକ ମୁଖ୍ୟଅଂଶ। ଓପିଜିସି ବିଦ୍ୟୁତ୍ ମୂଲ୍ୟରେ କୋଇଲା ଖର୍ଚ୍ଚର ଅବଦାନ ପ୍ରାୟ ୫୦ ପ୍ରତିଶତ ଥିବାବେଳେ କୋଇଲା ମୂଲ୍ୟ ଏପର୍ଯ୍ୟନ୍ତ ଆୟୋଗ ନିର୍ଣ୍ଣୟ କରିନାହାନ୍ତି। ବିଦ୍ୟୁତ୍ ଉତ୍ପାଦନ ପାଇଁ ଓପିଜିସି ଆବଶ୍ୟକ କରୁଥିବା କୋଇଲା ଏହାକୁ ଆବଣ୍ଟିତ ହୋଇଥିବା ମନୋହରପୁର କୋଇଲା ଖଣିରୁ ମିଳୁଛି, ଯାହାର ପରିଚାଳନା ଦାୟିତ୍ୱ ଓପିଜିସିର ସହଯୋଗୀ ସଂସ୍ଥା ଓଡ଼ିଶା କୋଲ୍ ଏଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଉପରେ ନ୍ୟସ୍ତ ହୋଇଛି। ଓଇଆର୍‌ସି ଅଧିନିୟମ ଅନୁସାରେ କୋଇଲା ମୂଲ୍ୟ ନିର୍ଣ୍ଣୟ ପାଇଁ ଓସିପିଏଲ୍ ବହୁତ ବିଳମ୍ବରେ ଦରଖାସ୍ତ କରିଥିଲେ ବି ତାହାକୁ ଜନଶୁଣାଣି ମାଧ୍ୟମରେ ନିର୍ଣ୍ଣୟ କରିବା ପାଇଁ ଆୟୋଗ ଅଦ୍ୟାବଧି କୌଣସି ପଦକ୍ଷେପ ନେଇନାହାନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଆୟୋଗ କୋଇଲା ମୂଲ୍ୟ ନିର୍ଣ୍ଣୟ ପାଇଁ ଜନଶୁଣାଣି ପ୍ରକ୍ରିୟା ଅବଲମ୍ବନ କରିବାକୁ ଚାହୁଁ ନାହାନ୍ତି। କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ (ସିଇଆର୍‌ସି) ଉପଭୋକ୍ତାଙ୍କ ନିକଟରେ ଏହାର ଲାଭ ପହଞ୍ଚାଇବା ପାଇଁ ୨୦୧୯ରେ ଏକ ଅଧ୍ୟୟନ ଗୋଷ୍ଠୀ କରିଥିଲେ। ଅଧ୍ୟୟନ ରିପୋର୍ଟ ମିଳିବାପରେ ୨୦୨୧ରେ କୋଇଲା ମୂଲ୍ୟ ନିର୍ଣ୍ଣୟ ଅଧିନିୟମ ଜାରି କଲେ । କିନ୍ତୁ ମନୋହରପୁର କୋଇଲାଖଣିରୁ ୨୦୧୯ରୁ କୋଇଲା ଉତ୍ତୋଳନ ହୋଇ ଓପିଜିସିକୁ ଯୋଗାଣ ହେଉଥିଲେ ବି ରାଜ୍ୟ ଆୟୋଗ କୌଣସି ପଦକ୍ଷେପ ନେଲେନାହିଁ। ଫଳରେ କେନ୍ଦ୍ରୀୟ ତାପଜ ବିଦ୍ୟୁତ୍ ସଂସ୍ଥା ପାଇଁ କୋଇଲା ମୂଲ୍ୟ ଟନ୍ ପିଛା ୯୦୦ ଟଙ୍କା ରହିଥିବାବେଳେ ଓଡ଼ିଶା ଉପଭୋକ୍ତା ଟନ୍ ପିଛା ଦୁଇଗୁଣ ଅର୍ଥାତ୍ ୧୮୦୦ ଟଙ୍କା ଟାରିଫ୍ ମାଧ୍ୟମରେ ପରିଶୋଧ କରୁଛନ୍ତି। ତେଣୁ ମନୋହରପୁର କୋଇଲା ଖଣିର ଲାଭ ୬ ବର୍ଷ ବିତି ଯାଇଥିଲେ ବି ଉପଭୋକ୍ତାଙ୍କ ନିକଟରେ ଆଜି ପର୍ଯ୍ୟନ୍ତ ତାହା ପହଞ୍ଚି ପାରିଲା ନାହିଁ। ତେଣୁ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି କୋଇଲା ମୂଲ୍ୟ ନିର୍ଣ୍ଣୟ ପାଇଁ ଓସିପିଏଲ୍ କରିଥିବା ଆବେଦନଟିକୁ ଏକ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ସାର୍ବଜନୀନ କରିବାକୁ ସେ ଦାବି କରିଥିଲେ।

ଆୟୋଗ ସମସ୍ତଙ୍କ ପକ୍ଷ ଶୁଣିବା ପରେ ଓପିଜିସିର ଜନଶୁଣାଣିକୁ ମେ' ୬ ତାରିଖକୁ ଘୁଞ୍ଚାଇବା ସହିତ କୋଇଲା ମୂଲ୍ୟ ନିର୍ଣ୍ଣୟ ପାଇଁ ଜନଗଣଙ୍କ ମତାମତ ଏକ ସାଧାରଣ ବିଜ୍ଞପ୍ତି ଜରିଆରେ ଆହ୍ୱାନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ ବୋଲି ଆନନ୍ଦ କହିଛନ୍ତି।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ: ଜଣେ ଅଟକ

### ଥାନାରେ ଅଭିଯୋଗ, ଏସ୍‌ପିଙ୍କୁ ଭେଟିଲା ବିଜେଡି

ପାଟଣାଗଡ଼/ବଲାଙ୍ଗୀର,୧୫।୪ (ସଚ୍ଚିଦାନନ୍ଦ ମହାକୁର/ ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପାଟଣଗଡ଼ ବ୍ଲକ ଛକ ମଝିରେ ପଲିଥିନ୍ ଘୋଡ଼ା ଯାଇଥିବା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମଙ୍ଗଳବାର ସକାଳେ କେହି ନିଆଁ ଲଗାଇ ଦେଇଥିବା ଦେଖାଯାଇଥିଲା। ନିଆଁ ଲାଗିବା ପରେ ପଲିଥିନ୍ ହୁତୁ ହୁତୁ ହୋଇ ଜଳିଉଠିଥିଲା। ଖବର ପାଇ ପାଟଣାଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫାଇବର ନିର୍ମିତ ପ୍ରତିମୂର୍ତ୍ତିରେ କିଏ ନିଆଁ ଲଗାଇଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ପ୍ରତିମୂର୍ତ୍ତି ପାଖରେ ଥିବା ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଉକ୍ତ ଯୁବକ ଜଣକ ନିଆଁ ଲଗାଇଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ସମ୍ପୃକ୍ତ ଯୁବକ ଜଣକ ମାନସିକ ରୋଗୀ ବୋଲି କୁହାଯାଉଥିବାରୁ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. କହିଛନ୍ତି।

ଅନ୍ୟପକ୍ଷେ ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେର ବିଜେଡି କର୍ମୀଙ୍କ ସହ ଥାନାକୁ ଯାଇ ଘଟଣା ଉପରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପ୍ରତିମୂର୍ତ୍ତିରେ ନିଆଁ ଲଗାଇ ଜାଳିଦେବା ଘଟଣା ବିଜୁପ୍ରେମୀ ଏବଂ ଜନସାଧାରଣଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି ବୋଲି ମେହେର କହିଛନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ପୋଲିସ ଗୁରୁତର ଭାବେ ଏବଂ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସେ ଦାବି କରିଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଆଗାମୀ ଦିନରେ ଧରା ନଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ବଲାଙ୍ଗୀର ଏସ୍‌ପି ଅଫିସକୁ ଯାଇ ଜିଲା ପରିଷଦ ସଭାପତି ତଥା ବିଜେଡି ନେତ୍ରୀ ଦେବକୀ ସାହୁ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ସଦର ବ୍ଲକ୍ ଅଧକ୍ଷା ସରିତା ବାଗ, ଦେଓଗାଁ ବ୍ଲକ୍ ଅଧକ୍ଷ ଦୟାନିଧି ଖମାରୀ, କାଉନସିଲର ସରିତା ଦାଶ, ନଳିନୀ ପୋଡ଼, ସଞ୍ଜୁଲତା ଦନ୍ତା ଏବଂ ଅନ୍ୟମାନେ ଘଟଣାରୁ ଦୃଢ଼ ନିନ୍ଦା କରି ଏହାର ତଦନ୍ତ ଦାବି କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ୨୦୨୪ ନିର୍ବାଚନ ପୂର୍ବରୁ ପାଟଣାଗଡ ବ୍ଲକ ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ପଲିଥିନ୍ ଘୋଡ଼ାଯାଇଥିବା ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯିବା ପୂର୍ବରୁ ବିବାଦ ତେଜିଥିଲା। କେତେକ ଲୋକେ ଏହି ପ୍ରତିମୂର୍ତ୍ତି ସ୍ଥାପନକୁ ବିରୋଧ କରିଥିଲେ। ସେଠାରେ ପୂର୍ବରୁ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଲଗାଯିବାକୁ ପ୍ରସ୍ତାବିତ ହୋଇଥିବା କହି ଧାରଣାରେ ବସିଥିଲେ। ଫଳରେ ସେହିଦିନରୁ ବିଜୁ ପ୍ରତିମୂର୍ତ୍ତିଟି ପଲିଥିନ୍ ଘୋଡ଼ାଇବା ଅବସ୍ଥାରେ ରହିଥିଲା। ମଙ୍ଗଳବାର ସକାଳେ କେହି ଦୁର୍ବୃତ୍ତ ଉକ୍ତ ପ୍ରତିମୂର୍ତ୍ତିରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାକୁ ନେଇ ଏବେ ପୁଣି ଥରେ ବିବାଦ ତେଜିଛି। ପାଟଣାଗଡ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କୁ ପଚାରିବାରୁ, ପ୍ରତିମୂର୍ତ୍ତିରେ ନିଆଁ ଲଗାଯିବା ଘଟଣାରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି ବୋଲି କହିଛନ୍ତି।



ପାଟଣାଗଡ଼ ବ୍ଲକ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲାଗି ଜଳୁଛି।

### କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୪(ସୁନିତ୍ ମିଶ୍ର): ବଲାଙ୍ଗୀର ଜିଲା ପାଟଣାଗଡ଼ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡ଼ି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ନିଶ୍ଚିତ ଜଣେ ହୀନ ଓ ରୁଗ୍ଣ ମାନସିକତାର ବ୍ୟକ୍ତି ହୋଇଥିବେ। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ଜଣେ ବ୍ୟକ୍ତି ଗିରଫ ମଧ୍ୟ ହୋଇସାରିଛନ୍ତି। ଯଦି ଘଟଣା ପଛରେ କିଛି ଷଡ଼ଯନ୍ତ୍ର ଥାଏ, ତେବେ ଏହାର ମଧ୍ୟ ପର୍ଦ୍ଦାଫାଶ କରିବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ଓଡ଼ିଶାର ସମସ୍ତ ବରପୁତ୍ରଙ୍କୁ ରାଜ୍ୟ ସରକାର ସମ୍ମାନ ଦେବାରେ ବିଶ୍ୱାସ କରନ୍ତି ଓ ପୂଜ୍ୟପୂଜା ପାଇଁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି। ବିଜୁବାବୁଙ୍କ ପ୍ରତି ତାଙ୍କର ବ୍ୟକ୍ତିଗତ ଭାବେ ଗଭୀର ସମ୍ମାନ ରହି ଆସିଛି। ଗତ ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଜୟନ୍ତୀକୁ ରାଜ୍ୟ ସ୍ତରରେ ବିପୁଳ ଉତ୍ସାହର ସହ ପାଳନ କରାଯାଇଥିଲା। ସେଥିରେ ସେ ନିଜେ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ମଧ୍ୟ ଏପ୍ରିଲ ୧୮ ତାରିଖରେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## 'ରେରା'ରେ ଅନ୍ତର୍ଦ୍ୱନ୍ଦ୍ୱ, ସରକାରୀ କାର୍ଯ୍ୟରେ ବାଧା

### ସରକାରଙ୍କୁ ଅଧକ୍ଷ ଓ ସଚିବଙ୍କ ଗୁହାରି

ଭୁବନେଶ୍ୱର,୧୫।୪ (ରବିନାରାୟଣ ଜେନା)

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ(ରେରା)ରେ ଏବେ ଅଧକ୍ଷ ଏବଂ ସଚିବଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ତୀବ୍ର ହେବାରେ ଲାଗିଛି। ଫଳରେ ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଭିନ୍ନ ଆବାସ ପ୍ରକଳ୍ପର ପଞ୍ଜୀକରଣ କାର୍ଯ୍ୟ ଆଗକୁ ବଢ଼ିପାରୁ ନ ଥିବାବେଳେ 'ରେରା' ପକ୍ଷରୁ ଫୋରେନ୍‌ସିକ ଅଡିଟ୍ କାର୍ଯ୍ୟ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, 'ରେରା'ର ପୂର୍ବତନ ଅଧକ୍ଷ ସିଦ୍ଧାନ୍ତ ଦାସ ଫେବୃଆରୀ ୨୮ରେ ପଦତ୍ୟାଗ କରିଥିଲେ। ଏହାପରେ ୧ମାସ ପର୍ଯ୍ୟନ୍ତ ରେରା ଅଧକ୍ଷ ପଦ ଖାଲି ରହିଥିଲା। ମାର୍ଚ୍ଚ ୨୮ରେ ରେରାର ନ୍ୟାୟିକ ସଦସ୍ୟ ଗୋପାଳ ଚନ୍ଦ୍ର ପଟ୍ଟନାୟକଙ୍କୁ କାମଚଳା ଅଧକ୍ଷ ରୂପେ ସରକାରଙ୍କ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ହେଲେ ସଚିବ ଶ୍ରାବଣୀ ପଟ୍ଟନାୟକ ରେରା ଅଧକ୍ଷଙ୍କୁ ତିଳେ ହେଲେ ଖାତିର କରୁ ନ ଥିବା ଅଭିଯୋଗ ହୋଇଛି। ଏପରି କି ତାଙ୍କ କଥା ନ ମାନିଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରାବଣୀ ରେରା କର୍ମଚାରୀଙ୍କୁ ଧମକାଉଛନ୍ତି। ସେ ଦୀର୍ଘ ୫ ବର୍ଷ ଧରି ରେରାରେ ରହିଲେଣି। ସରକାରୀ କାର୍ଯ୍ୟରେ ବିଶୃଙ୍ଖଳା ଆଚରଣ କରିବା ସହିତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରୁଛନ୍ତି। ତାଙ୍କୁ ବଦଳି କରିବା ପାଇଁ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ସରକାରଙ୍କୁ ଜାନୁଆରୀ ୨୨ରେ ପତ୍ର ଲେଖିଥିଲେ। ହେଲେ ତାଙ୍କୁ ଏଠାରେ ସ୍ଥାୟୀ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମୁଖ୍ୟଶାସନ ସଚିବଙ୍କୁ ରେରା ଅଧକ୍ଷ ପତ୍ର ଲେଖି ଜଣାଇଛନ୍ତି। ଅନ୍ୟପକ୍ଷରେ ସଚିବ ଶ୍ରାବଣୀ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବଙ୍କୁ ପତ୍ର ଲେଖି ଅଧକ୍ଷଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ବିଭାଗୀୟ ସଚିବ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ସେ ଅନୁରୋଧ କରିଛନ୍ତି। ଦୀର୍ଘଦିନ ଧରି 'ରେରା'ରେ ଏହିଭଳି ଭାବେ ଅସନ୍ତୋଷ ବାତାବରଣ ଲାଗି ରହିଥିବାରୁ ତଳସ୍ତରର କର୍ମଚାରୀମାନେ ଏବେ କାହା ଆଦେଶ ମାନିବେ ଜାଣିପାରୁ ନାହାନ୍ତି। ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସବୁଠାରୁ ବଡ଼କଥା ହେଲା, ବିଲ୍ଡର ଓ ଗୃହ କ୍ରେତାମାନଙ୍କ କାର୍ଯ୍ୟ ଏହାଦ୍ୱାରା ବିଶେଷ ଭାବେ ପ୍ରଭାବିତ ହେଉଛି। ସରକାର ଯଥାଶୀଘ୍ର ଏ ବାବଦରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏ ସଂକ୍ରାନ୍ତରେ 'ରେରା' ସଚିବ ଶ୍ରାବଣୀ ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯିବାରେ ସେ କହିଛନ୍ତି, 'ଏନେଇ ମୁଁ ସଚିବଙ୍କୁ ପତ୍ର ଲେଖି ଜଣାଇଛି। ହେଲେ ଏହା ଅଫିସିଆଲ କଥା, ବିଶେଷ କିଛି କହିପାରିବି ନାହିଁ।'ଅଧକ୍ଷ ଗୋପାଳ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି, 'ସେମିତି କିଛି ନୁହେଁ, ଏନେଇ ଗଣମାଧ୍ୟମକୁ କିଛି କହିପାରିବି ନାହିଁ।'ଅନ୍ୟପକ୍ଷରେ ସାମାଜିକ କର୍ମୀ ବିମଳେନ୍ଦୁ ପ୍ରଧାନ କହିଛନ୍ତି, କାର୍ଯ୍ୟାଳୟରେ ସୁସ୍ଥ ବାତାବରଣ ଅଭାବରୁ ନୂତନ ଆବାସ ପ୍ରକଳ୍ପର ପଞ୍ଜୀକରଣ କାର୍ଯ୍ୟ ହୋଇପାରୁନାହିଁ। 'ରେରା' ପକ୍ଷରୁ ବିଭିନ୍ନ ପ୍ରକଳ୍ପରେ ଫୋରେନ୍‌ସିକ ଅଡିଟ୍ ପାଇଁ ନିଷ୍ପତ୍ତି ନିଆଯାଇଥିଲେ ହେଁ ତାହା ହେଉନାହିଁ। ଫଳରେ ଉପଭୋକ୍ତା ଓ ବିଲ୍‌ଡରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ବିସ୍ଫୋରକ ସହ ୭ ମାଓବାଦୀ ଗିରଫ

ମାଲକାନଗିରି,୧୫।୪ (ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ବିଜାପୁର ଜିଲାରେ ମାଓବାଦୀ ବିରୋଧୀ ଅଭିଯାନକୁ ଜୋର୍‌ଦାର କରାଯାଇଛି। ଭୈରମଗଡ଼ ପୋଲିସ ଏବଂ ଡିଆର୍‌ଜି ଯବାନମାନେ ମିଳିତ ଭାବେ କୋଲନାର ଓ ଡାଲେର ଅଞ୍ଚଳ ଅଭିମୁଖେ ଏରିଆ ଡୋମିନେଶନ ପାଇଁ ମଙ୍ଗଳବାର ବାହାରିଥିଲେ। ଡିଆର୍‌ଜି, ଭୈରମଗଡ଼ ଏବଂ ମିରତୁର ପୋଲିସ, ଛତିଶଗଡ଼ ସଶସ୍ତ୍ର ବାହିନୀ ୧୫/ଇ ବାଟାଲିୟନ ଦ୍ୱାରା କରାଯାଇଥିବା ପୃଥକ୍ ଅପରେଶନରେ ବିସ୍ଫୋରକ ସହ ୭ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଟିଫିନ୍ ବୋମା, କୋର୍ଡେକ୍ସ ତାର, ଜିଲୋଟିନ୍ ଷ୍ଟିକ୍, ଡିଟୋନେଟର, ବ୍ୟାଟେରି, ବିଦ୍ୟୁତ୍ ତାର ଏବଂ ଭୂମି ଖୋଳିବା ଉପକରଣ ଆଦି ଜବତ କରାଯାଇଛି।

## ବାରିପଦାରେ ହେବ ଜାତୀୟ ପିଏମ୍ ବିଶ୍ୱକର୍ମା କର୍ମଶାଳା

### ଯୋଗଦେବେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ବାରିପଦା,୧୫।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଏସ୍‌ସି-ଏସଟି ହବ ଓ ପିଏମ୍ ବିଶ୍ୱକର୍ମାର ଦିନିକିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଲଘୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ବିଭାଗ କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାଝୀ, ରାଜ୍ୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଉକ୍ତ ବିଭାଗର କେନ୍ଦ୍ର ଓ ରାଜ୍ୟ ସଚିବମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ହସ୍ତଶିଳ୍ପୀମାନଙ୍କ କୌଳିକ ବୃତ୍ତିକୁ ନେଇ ପ୍ରସ୍ତୁତ ଦ୍ରବ୍ୟକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ବିଚାରପତି ସଙ୍ଗମ କୁମାର ସାହୁ ଓଲ୍‌ସା ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ୍



କଟକ,୧୫।୪(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁଙ୍କୁ ଓଡ଼ିଶା ରାଜ୍ୟ ଲିଗାଲ ସର୍ଭିସ ଅଥରିଟି (ଓଲ୍‌ସା)ର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଭାବେ ରାଜ୍ୟପାଳ ମନୋନୀତ କରିଛନ୍ତି। ରାଜ୍ୟ ଆଇନ ବିଭାଗ ପକ୍ଷରୁ ଏନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଓଲ୍‌ସାର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ୍ ଭାବେ ହାଇକୋର୍ଟ ବିଚାରପତି ଅରିନ୍ଦମ ସିହ୍ନା କାର୍ଯ୍ୟ କରୁଥିଲେ। ହେଲେ ସିହ୍ନା ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି ହେବା ପରେ ଉକ୍ତ ଦାୟିତ୍ୱ ବିଚାରପତି ସାହୁଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସୈନିକ ସ୍କୁଲ ସାମ୍ନାରୁ ଡମ୍ପିଂୟାର୍ଡ ହଟାଇବା ଦାବିରେ ସିପିଆଇର ବିକ୍ଷୋଭ, ସ୍ଥାନ: ସୈନିକ ସ୍କୁଲ ଗୋଟ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କଲେଜ ଅଫ ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ୍‌ର ହୀରକ ଜୟନ୍ତୀ ସମାରୋହ, ସ୍ଥାନ: ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ମୃତି ସାନ୍ତ୍ୱନା ପତ୍ରିକାର ଚତୁର୍ଦ୍ଦଶତମ ବିଷୁବ ମିଳନ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।
- ୪୮ତମ ବୈଶାଖୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ଉତ୍କଳ ବିପନ୍ନ ସହାୟତା ସମିତିର ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ ନଂ. ୱାର୍ଡର ସୁନ୍ଦରାପାଟଣା– ରୁଦ୍ରପୁର ଗ୍ରାମର ମା' ଗେହ୍ଲା ଦେବୀଙ୍କ ବିଜେସ୍ଥଳୀ, ସମୟ: ରାତି ୭ଟା ୩୦।
- ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ବାଳିବଧ', ସ୍ଥାନ: ରାମଲୀଳା ପଡ଼ିଆ, ବେଣ୍ଣୁପୁର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ଲଙ୍କା ପୋଡ଼ି' ଓ ଉଡନ୍ତା ହନୁମାନଙ୍କ ଅଭିନୟ ପ୍ରଦର୍ଶନ, ସ୍ଥାନ: ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ବଇଗୁଆ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ ବାଳିବଧ', ସ୍ଥାନ: ଶ୍ରୀ ପତିତପାବନ ଦେବ ମନ୍ଦିର ପରିସର, କାକରୁଦ୍ରପୁର, ସମୟ ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ନାଟକ 'ସୂପନେଖାର ନାସା ଓ କର୍ଣ୍ଣ ଛେଦନ, ସ୍ଥାନ: ଶ୍ରୀ ସୀତା ରାମେଶର ମନ୍ଦିର ସମ୍ମୁଖ, ଗୋତଲିନ୍ଧା, ସମୟ: ରାତି ୧୧ଟା ୩୦।

**କଟକ**
- ପିଏମ୍‌ଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ନୂଆପାଟଣା, ତିଗିରିଆ, ସମୟ: ସକାଳ ୭ଟା।
- ପିଏମ୍‌ଶ୍ରୀ ଓଟିଏମ୍ ହାଇସ୍କୁଲର ବାର୍ଷିକ ଉତ୍ସବ 'ଆନନ୍ଦିକା ୨୦୨୫', ସ୍ଥାନ–ଚୌଦ୍ୱାରସ୍ଥିତ ଓଟିଏମ୍ ହାଇସ୍କୁଲ ପରିସର, ସମୟ– ଅପରାହ୍ନ ୫ଟା।

**ପୁରୀ**
- ପ୍ରକଳ୍ପସ୍ତରୀୟ ଅଙ୍ଗନୱାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର, ସ୍ଥାନ: ପେଣ୍ଠପଡ଼ା ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସର, ସତ୍ୟବାଦୀ ବ୍ଲକ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଭଗବତ ମେଳଣ, ସ୍ଥାନ: ପାର୍ବତୀପୁର ମେଳଣପଡ଼ିଆ, ସମୟ: ରାତି ୧୨ଟା।

**ବାଲେଶ୍ୱର**
- ମା' ପରମ ବୈଷ୍ଣବାଣୀଙ୍କର ବାର୍ଷିକ ଉତ୍ସବ ଓ ହରିହାଟ, ସ୍ଥାନ: ରାଣୀପାଟଣା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମାଗୁରଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ମାଗୁରଗଡ଼ିଆ, ସିମୁଳିଆ, ସମୟ: ଦିବସବ୍ୟାପୀ।
- ପଞ୍ଚମ ବାର୍ଷିକ ସଙ୍କଟମୋଚନ ପୂଜା ଉତ୍ସବ, ସ୍ଥାନ: ଅବଙ୍ଖୁଣା–ବୁଢିପୋଖରୀ, ସିମୁଳିଆ, ସମୟ: ଦିବସବ୍ୟାପୀ।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ସପ୍ତମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଅନନ୍ତପୁର ମଣ୍ଡପ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଜଗନ୍ନାଥପ୍ରସାଦ କହୁଣିଆସାହି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ସ୍କୁଲ ବାର୍ଷିକ ଉତ୍ସବ ସମାରୋହ, ସ୍ଥାନ: ରହଣିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ନବଜୀବନ ଫାଉଣ୍ଡେଶନର ବାର୍ଷିକ ରାଜ୍ୟସ୍ତରୀୟ ସମାରୋହ–୨୦୨୫, ସ୍ଥାନ: ଖଡ଼ିପଦା, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଚଇତି ପର୍ବ, ସ୍ଥାନ: ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା।
- ନାମ ସଂକୀର୍ତ୍ତନ ଓ ହରିକଥା ପରିବେଷଣ, ସ୍ଥାନ: ବାଲିମେଦ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- କବି ସମ୍ମିଳନୀ, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ:ସନ୍ଧ୍ୟା ୭ଟା ୩୦।

**ମୟୂରଭଞ୍ଜ**
- ସିଏମ୍ ଟ୍ରଫି–୨୦୨୫ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶାନ୍ତିନିକେତନ ଟିମ୍ ସହିତ ନବଜ୍ୟୋତି ଯୁବକ ଟିମ୍‌ର ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଜାତୀୟ ପିଏମ୍ କର୍ମଶାଳାରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ତକତପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନାଟ୍ୟ ମହୋତ୍ସବର ନାଟକ 'ଜୀବନ ଜଳୁଛି', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ:ସନ୍ଧ୍ୟା ୭ଟା।
- ଚଇତି ପର୍ବର ତୃତୀୟ ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମାଣିଦା ଖେଳ ପଡ଼ିଆ, ରାସଗୋବିନ୍ଦପୁର, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**
- ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ, ସ୍ଥାନ: ଆସିକା ବ୍ଲକ ଗଙ୍ଗାପୁର ନିକଟସ୍ଥ ଚନ୍ଦ୍ରକଲ୍ଲେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।

**ଢେଙ୍କାନାଳ**
- ବାର୍ଷିକ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ପିଏମଶ୍ରୀ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ, କାମାକ୍ଷାନଗର, ସମୟ: ସକାଳ ୯ଟା।

**କେନ୍ଦ୍ରାପଡ଼ା**
- ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସକାଳ ୬ଟା।
- ଶ୍ରୀମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଚବଳସାହି, ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା।
- ମା' ନଉଲକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ: ସକାଳ ୮ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ଗିରିୟା, ରାଜକନିକା, ସମୟ: ସକାଳ ୯ଟା।
- ମେଡିକାଲ କଲେଜ ଦାବିରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୧୦ଟା।

**ନୟାଗଡ଼**
- ଅଷ୍ଟ ପ୍ରହର ଓ ନାମଯଜ୍ଞ, ସ୍ଥାନ: କଣ୍ଟିଲୋ ହରି ସୁବୁଦ୍ଧିପାଟଣାର ମଙ୍ଗଳାଙ୍କ ପୀଠ, ସମୟ: ସକାଳ ୮ଟା।
- ଚଇତି ପର୍ବର ୫ମ ଦିବସ, ସ୍ଥାନ: କଣ୍ଟିଲୋ ଅତିବୁଦ୍ଧିପାଟଣା, ସମୟ: ମଧ୍ୟାହ୍ନ ୧୨ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବର ୫ମ ଦିବସ, ସ୍ଥାନ: କଣ୍ଟିଲୋ ଫକିର ଅତବୁଦ୍ଧିପାଟଣା, ସମୟ: ମଧ୍ୟାହ୍ନ ୧୨ଟା।
- ଚଇତି ପର୍ବର ୫ମ ଦିବସ, ସ୍ଥାନ: କଣ୍ଟିଲୋ କଂସାରିସାହିପାଟଣା, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଏକାଦଶ ଦିବସରେ ଅଭିଷେକ ବେଶ, ସ୍ଥାନ: ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡିଲାଗୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରପୁର, ସମୟ: ସକାଳ ୯ଟା ୩୦।
- ୮୦ ତମ ଜିଲା ପରିଷଦ ବୈଠକ, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ବିକ୍ରମପୁର, ଗୁଣପୁର, ସମୟ: ଅପରାହ୍ନ ୪ଟା।

**ନବରଙ୍ଗପୁର**
- ଅଗ୍ନିଶମ ସେବା ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଶ୍ରୀପଣ୍ଡିତ ମହାସଭାର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା।
- ବିଦ୍ୟାସାଗର ଜ୍ଞାନ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ : ମୁରା ରାମଚଣ୍ଡି ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।
- ରାମଲୀଳା ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

**ରାଉରକେଲା**
- ମ୍ୟୁନିସିପାଲ କଲେଜରେ ବିଦାୟକାଳୀନ ସମାରୋହ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟରେ ଓଡ଼ିଆ ନବବର୍ଷ ଓ ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର–୨, ସମୟ: ପୂର୍ବାହ୍ନ ୧୦ଟା।
- ବାସନ୍ତିକ ଦୁର୍ଗାପୂଜାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର–୩, ଅହିରାବନ୍ଧ ପଡିଆ, ସମୟ: ଅପରାହ୍ନ ୪ଟା।

**ବରଗଡ଼**
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସମାରୋହ,ସ୍ଥାନ: ଡୁଙ୍ଗୁରିପାଲି, ବରଗଡ଼, ସମୟ:ସକାଳ ୮ଟା।
- ଶାନ୍ତି ତପୋବନ ଆଶ୍ରମର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତପୋବନ ଆଶ୍ରମ ପରିସର, ବରଗଡ଼, ସମୟ: ସକାଳ ୮ଟା

**କଳାହାଣ୍ଡି**
- ଜିଲାସ୍ତରୀୟ ମହିଳା କ୍ରିକେଟ ଦଳ ଚୟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୯ଟା।
- ଅଭିଭାବକ ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ବିକାଶ ଡିଗ୍ରୀ କଲେଜ, ସମୟ: ଅପରାହ୍ନ ୪ଟା।
- ଷୋହଳପ୍ରହର ନାମଯଜ୍ଞ ସମାପନ, ସ୍ଥାନ: ଲାଞ୍ଜିଗଡ ସାପ୍ତାହିକ ବଜାର ପରିସର, ସମୟ: ସକାଳ ୭ଟା ୨୫।

**ବୌଦ୍ଧ**
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଏକାଦଶ ଦିବସ ନାଟକ କୁମ୍ଭକର୍ଣ୍ଣ ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଏକାଦଶ ଦିବସ ନାଟକ ଲକ୍ଷ୍ମଣ ଶକ୍ତିଭେଦ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

**ଦେବଗଡ଼**
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ମାରୁତି ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ ସର୍ବଦେବାଦେବୀ ପୂଜା, ସ୍ଥାନ: ସୋନପୁର ସହର ପଟାଭାଡି ସ୍ଥିତ ମାରୁତି ନଗର, ସମୟ: ସକାଳ ୭ଟା।
- ଡ. ଆମ୍ବେଡକରଙ୍କ ଜୟନ୍ତୀ ପାଳନ ସମାରୋହ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ଭୀମଟିକିରା ଆମ୍ବେଡକର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

**ନୂଆପଡ଼ା**
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ପଦ୍ମପୁର ଗାଁ, ସମୟ: ସକାଳ ୮ଟା ୧୫।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଢକସର ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ ଧର୍ମସଭା, ସ୍ଥାନ: ଖଡିଆଳ ବ୍ଲକ ଢକସର ଗାଁ, ସମୟ: ଅପରାହ୍ନ ୪ଟା।

**ଝାରସୁଗୁଡ଼ା**
- ୧୬ ପ୍ରହର ନାମଯଜ୍ଞ, ସ୍ଥାନ: ପଞ୍ଚଗାଁ ଯଜ୍ଞମଣ୍ଡପ, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ତିଲେଇ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ରୁଦ୍ରାଭିଷେକ ଓ ଯଜ୍ଞ, ସ୍ଥାନ: କେଞ୍ଚୁରୀ ଶିବ ମନ୍ଦିର, ସମୟ: ସକାଳ ୮ଟା।
- ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ଯାମପାଲି କମ୍ୟୁନିଟି ହଲ, ସମୟ: ସକାଳ ୮ଟା।



ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା ଓ ଉପବାଚସ୍ପତି ମୋହନ ସିଂ ବିଷ୍ଟ ମଙ୍ଗଳବାର ବିଧାନସଭାରେ ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## 'ନେଭା'ର କାର୍ଯ୍ୟକାରିତାକୁ ଦିଲ୍ଲୀ ବାଚସ୍ପତିଙ୍କ ପ୍ରଶଂସା

**ଭୁବନେଶ୍ୱର,୧୫।୪(ରବିନାରାୟଣ ଜେନା)**

ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦର ଗୁପ୍ତା ଓ ଉପବାଚସ୍ପତି ମୋହନ ସିଂ ବିଷ୍ଟ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ମଙ୍ଗଳବାର ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଓଡ଼ିଶା ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ବିଶେଷ ଭାବେ ଅବଗତ ହେବା ସହିତ ଓଡ଼ିଶା ବିଧାନସଭାରେ ଜାତୀୟ ଇ–ବିଧାନ ଆପ୍ଲିକେଶନ୍ (ନେଭା) କିଭଳି ବିଧାନସଭା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି ତାହା ଉପରେ ଅବଗତ ହୋଇଥିଲେ। କାଗଜବିହୀନ ବିଧାନସଭା ପରିଚାଳନାରେ 'ନେଭା'ର ସଫଳ କାର୍ଯ୍ୟକାରିତାକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ଦିଲ୍ଲୀ ବିଧାନସଭାର ସଚିବ ରଣଜିତ୍ ସିଂ, ବିତ୍ତ ଅଧିକାରୀ ଗୁରୀନ୍ଦର ସିଂ ଏବଂ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମନେପଡ଼ିଲେ ଦେହ ଥରୁଛି

### ୧୯୭୮ ଏପ୍ରିଲ ୧୬ ଘୂର୍ଣ୍ଣିଝଡ଼ ବିଭୀଷିକା

**ଆନନ୍ଦପୁର,୧୫।୪ (ସୁଶାନ୍ତ କୁମାର ସାହୁ)**



ଘୂର୍ଣ୍ଣିଝଡ଼ ବିଭୀଷିକା ସମୟର ଦୃଶ୍ୟ। (୧୯୭୮ର ଫଟୋ)

ସେଦିନ ଥିଲା ଏପ୍ରିଲ ୧୬। ଅପରାହ୍ନ ସମୟରେ ହଠାତ୍ କଳାବାଦଲ ଆକାଶରେ ଘୋଟିଆସିଥିଲା। କେହି କିଛି ବୁଝିବା ପୂର୍ବରୁ ଚାହୁଁ ଚାହୁଁ ପ୍ରଳୟଙ୍କାରୀ ଘୂର୍ଣ୍ଣିଝଡ଼ର ରୂପନେଇ ସବୁକିଛି ଛାରଖାର କରିଦେଇଥିଲା। ଘୂର୍ଣ୍ଣିଝଡ଼ ଏତେ ଭୟଙ୍କର ଥିଲା ଯେ, ଘଟଣାରେ ୧୭୮ ଜଣଙ୍କ ଜୀବନ ଯାଇଥିଲା। ନିମିଷକ ମଧ୍ୟରେ ସବୁ କିଛି ଉଜାଡ଼ି ଦେଇଥିଲା। ଏହାରି ମଧ୍ୟରେ ଏହାକୁ ୪୭ ବର୍ଷ ବିତିଯାଇଛି। ମାତ୍ର ଆଜି ବି ମେଘ ଉଠାଇଲେ ଗ୍ରାମବାସୀ ଭୟରେ ଥରୁଥିବା କହୁଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ପୁରୁଣାବାନ୍ଧଗୋଡ଼ା ଗାଁରେ ୧୯୭୮ ଏପ୍ରିଲ ୧୬ ଅପରାହ୍ନ ୪ଟାରେ ଘୂର୍ଣ୍ଣିଝଡ଼ ହୋଇଥିଲା। ପ୍ରଥମେ ଆକାଶରେ କଳାବାଦଲ ଘୋଟିଆସିଲା। କ୍ରମଶଃ ଏହା ଘନୀଭୂତ ହୋଇ ଘୂର୍ଣ୍ଣିଝଡ଼ର ରୂପ ନେଲା। ନିମିଷକ ମଧ୍ୟରେ ପ୍ରଳୟଙ୍କରୀ ରୂପ ଧାରଣ କରି ଗଛ, ଗୋରୁ ଓ ମଣିଷଙ୍କୁ ଆକାଶକୁ ଉଡ଼ାଇନେଲା। ଗାଁର ୧୨୦ଟି ଘର ଦେଖୁଦେଖୁ ମାଟିରେ ମିଶିଗଲା। କ୍ଷଣିକ ମଧ୍ୟରେ ୧୭୮ ଲୋକଙ୍କ ସହ ୭ ଶହ ଗୃହପାଳିତ ପଶୁଙ୍କ ଜୀବନ ଚାଲିଗଲା। ଗାଁ ଏକ ପ୍ରକାର ଶ୍ମଶାନରେ ପରିଣତ ହୋଇଗଲା। କେବଳ ପୁରୁଣାବାନ୍ଧଗୋଡ଼ା ଗ୍ରାମ ନୁହେଁ, ଘୂର୍ଣ୍ଣିଝଡ଼ ନିକଟସ୍ଥ କରଡ଼ାମାଳି, ନର୍ଦ୍ଦା, ତିଗିରିଆ, ବିଲାବନ୍ଧ ଆଦି ଗାଁରେ ମଧ୍ୟ କ୍ଷତି ଘଟାଇଥିଲା। ଘଟଣା ପରେ ଦେଶ, ବିଦେଶରୁ ସହାୟତାର ସୁଅ ଛୁଟିଥିଲା। ଅକାଳରେ ପ୍ରାଣ ହରାଇଥିବା ଲୋକଙ୍କର ଗାଁମୁଣ୍ଡରେ ସମୂହ ଦାହସଂସ୍କାର କରାଗଲା। ସେହି ସ୍ଥାନରେ ଏକ ସ୍ମୃତିସ୍ତମ୍ଭ ମଧ୍ୟ ସ୍ଥାପିତ ହୋଇଛି। ସେହି ଅବିଶ୍ୱସନୀୟ ଘୂର୍ଣ୍ଣିଝଡ଼ ବିଷୟରେ ଆଜି ବି ଭାବିଲା ବେଳକୁ ଦେହ ଥରି ଉଠୁଥିବା ପ୍ରତ୍ୟକ୍ଷଦର୍ଶୀ ନାରାୟଣ ଚନ୍ଦ୍ର ଧୀର, ପ୍ରଦୀପ କୁମାର ନାଏକ, ନୃସିଂହ ଚରଣ ଧୀର, ସେବତୀ ନାୟକ କହିଛନ୍ତି। ଦୁର୍ଘଟଣା ପରେ ପୁରୁଣାବାନ୍ଧଗୋଡ଼ା ଗାଁରେ ଅନେକ ପରିବର୍ତ୍ତନ ଆସିଛି। କିନ୍ତୁ ଏପ୍ରିଲ ୧୬ ଆସିଲେ ଏବେ ବି ନିଜ ଲୁହକୁ ସମ୍ଭାଳି ପାରନ୍ତିନି ବୋଲି ପ୍ରତ୍ୟକ୍ଷଦର୍ଶୀ ମତପ୍ରକାଶ କରିଛନ୍ତି।

## ୧୦ ବର୍ଷ ପରେ ମା' କୋଳକୁ ଫେରିଲା ପୁଅ

**ବାଲେଶ୍ୱର, ୧୫।୪(ବାଞ୍ଛାନିଧି ଦେ):**




ଉଦ୍ଧାର ପୁଅକୁ ସିଡବ୍ଲ୍ୟୁସି ଦ୍ୱାରା ମା'କୁ ହସ୍ତାନ୍ତର କରାଯାଉଛି।

ଦୀର୍ଘ ୧୦ବର୍ଷ ପରେ ମା' କୋଳକୁ ଫେରିଲା ପୁଅ। ପୁଅକୁ ପାଇ ଭାବବିହ୍ୱଳ ହୋଇପଡ଼ିଲେ ମା'। ବହୁ ସଂଘର୍ଷ ପରେ ସେ ତାଙ୍କ ପୁଅକୁ ଫେରିପାଇଛନ୍ତି। ଆଜି ଧର୍ମର ଜୟ ହୋଇଛି। ପୁଅକୁ ପାଇ ବହୁତ ଖୁସି ଅନୁଭବ କରୁଛନ୍ତି ବୋଲି ମା' ସୀମା ଶତପଥି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ବାଲେଶ୍ୱର ଜିଲା ଗୋପାଳପୁର ଥାନା ଅଧୀନ ପଣ୍ଡାଶୁଣି ଗ୍ରାମର କମଳାକାନ୍ତ ମିଶ୍ର ମୋତିଗଞ୍ଜ ମେଣ୍ଟାଶୂଳ ଅଞ୍ଚଳର ଶରତ କୁମାର ଶତପଥିଙ୍କ କନ୍ୟା ସୀମାଙ୍କୁ ୨୦୦୮ରେ ବିବାହ କରିଥିଲେ। ଯୌତୁକଜନିତ ନିର୍ଯାତନା ଦିଆଯାଉଥିବା ନେଇ ୨୦୧୬ରେ ସୀମା ସ୍ୱାମୀଙ୍କ ବିରୋଧରେ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଥିଲେ। ସେମାନଙ୍କର ଏକ ଶିଶୁପୁତ୍ର ଥିଲା। ସୀମା ଶିଶୁପୁତ୍ର ସହ ନିଜ ବାପଘରକୁ ପଳାଇ ଆସିଥିଲେ। କୌଶଳକ୍ରମେ ସ୍ୱାମୀ କମଳାକାନ୍ତ ୪ବର୍ଷର ପୁଅକୁ ମା'ଠାରୁ ଲୁଚାଇ ନେଇ ଫେରାର ହୋଇଯାଇଥିଲେ। ପୁଅକୁ ଫେରିପାଇବା ଓ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଇବା ପାଇଁ ସୀମା ପରିବାର ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଶିଶୁପୁତ୍ରକୁ ମା'ଙ୍କୁ ହସ୍ତାନ୍ତର କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କମଳାକାନ୍ତ ଫେରାର ଥିବାରୁ ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ବାଲେଶ୍ୱର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଦିଲ୍ଲୀରେ ଚଢ଼ାଉ କରି ୧୪ବର୍ଷର ନାବାଳକ ପୁତ୍ରକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲେ। ନାବାଳକ ପୁତ୍ରକୁ ଜିଲା ଶିଶୁ ମଙ୍ଗଳ କମିଟି ହେପାଜତରେ ରଖାଯାଇଥିଲା। ମଙ୍ଗଳବାର ପରିବାର ଅଦାଲତରେ ଗିରଫ ବାପାଙ୍କୁ ହାଜର କରାଯାଇଥିଲା। ଏହି ସମୟରେ ଉଦ୍ଧାର ପୁତ୍ର ସନ୍ତାନଙ୍କ ସହ ଉଭୟ ପକ୍ଷ ପରିବାର ଲୋକେ ସେଠାରେ ଉପସ୍ଥିତ ଥିଲେ।

ସୀମା ଶତପଥୀଙ୍କ ଓକିଲ ସସ୍ମିତା ମିଶ୍ରଙ୍କ କହିବା ଅନୁସାରେ, ସୀମାଙ୍କୁ ଭରଣପୋଷଣ ଓ ପୁଅକୁ ଫେରି ପାଇବା ଘଟଣାରେ ପରିବାର ଅଦାଲତରେ ଶୁଣାଣି ହୋଇଥିଲା। ପ୍ରଥମେ କମଳାକାନ୍ତଙ୍କ ସ୍ତ୍ରୀ ସୀମାଙ୍କ ପକ୍ଷରୁ କୋର୍ଟରେ ଭରଣପୋଷଣ ପାଇଁ ୬ଲକ୍ଷ ୪୫ହଜାର ଟଙ୍କା ଦାବି କରାଯାଇଥିଲା। ପ୍ରାଥମିକ ସ୍ତରରେ କମଳାକାନ୍ତ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ବାକି ୫ଲକ୍ଷ ୪୫ହଜାର ଟଙ୍କା ପ୍ରଦାନ କରି ନ ଥିଲେ। କୋର୍ଟ କମଳାକାନ୍ତଙ୍କୁ ବାକି ଟଙ୍କା ପ୍ରଦାନ କରିବାକୁ କହିଥିଲେ ହେଁ ସେ ଦେଇପାରିବେ ନାହିଁ ବୋଲି କହିଥିଲେ। ଏକ ଅଣ୍ଡରଟେକିଂ ମାଧ୍ୟମରେ ସିଡବ୍ଲୁସିଙ୍କଠାରୁ ଉଦ୍ଧାର ପୁତ୍ରକୁ ତାଙ୍କ ମା' ସୀମାକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ। କୋର୍ଟଙ୍କ ପୁରୁଣା ନିର୍ଦ୍ଦେଶ ମୁତାବକ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଓ ଅନିତା କରଙ୍କ ଉପସ୍ଥିତିରେ ଅଣ୍ଡରଟେକିଂ ଦ୍ୱାରା ନାବାଳକ ପୁଅକୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଥିଲା। ନାବାଳକଙ୍କ ଅଜା ଓ ଆଈ ଉପସ୍ଥିତ ଥିଲେ। ଅପରପକ୍ଷରେ କମଳାକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୨୦ ହଜାରରେ ପଣା ଗ୍ଲାସ ନିଲାମ

**ବଡବିଲ,୧୫।୪(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ପିଏଚଡିସ୍ଥିତ ଐକ୍ୟକ୍ଷେତ୍ରରେ ସୋମବାର ସନ୍ଧ୍ୟାରେ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଶୈଳଜା ବିଷୁବ ସଂସ୍କୃତି ପକ୍ଷରୁ ଏକ ସାଂସ୍କୃତିକ ମହା ମିଳନର ଆୟୋଜନ ହୋଇଥିଲା। ଏହି ଅବସରରେ ଶ୍ରୀ ଜଗନ୍ନାଥଙ୍କଠାରେ ଲାଗି ହୋଇଥିବା ଏକ ପଣା ଗ୍ଲାସ୍‌ର ନିଲାମ ଡାକ ଆରମ୍ଭ ହୋଇଥିଲା। ସର୍ବାଧିକ ୨୦ ହଜାର ଟଙ୍କା ଡାକ ଦେଇ ଶୁଭରନ ସାମଲ ନେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଆୟୋଜିତ ମିଳନର ପ୍ରାରମ୍ଭରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ମୁଖ୍ୟ ବକ୍ତାଭାବେ ବଡବିଲ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପକ ଅସିତ ପ୍ରଧାନ ଯୋଗଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି କର୍ମଦିଗଟି ଭଲ ରହିଲେ ମଧ୍ୟ ପରିଚାଳନା ସମସ୍ୟାରେ ଚିନ୍ତିତ ହେବେ। ଈର୍ଷାପରାୟଣ ମନୋଭାବ ପୋଷଣକରି ନିଜ ଲୋକ ଅସୁବିଧାରେ ପକାଇବାକୁ ଚେଷ୍ଟା କରିବେ। ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ। ରାଜନୀତି ଏବଂ ସାଙ୍ଗଠନିକ କ୍ଷେତ୍ର ଶୃଙ୍ଖଳିତ ରହିବ।

**ବୃଷ**: କର୍ମ କ୍ଷେତ୍ରରେ ଅବହେଳିତ ଏବଂ ଅଟକି ରହିଥିବା କାର୍ଯ୍ୟକୁ ପୂରଣ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିହେବ। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ବନ୍ଧୁ ସମସ୍ୟା ସୃଷ୍ଟି କରିପାରନ୍ତି। ବନ୍ଧୁଙ୍କ ଆହ୍ୱାନରେ ସଭାସମିତିରେ, ରାଜନୈତିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସଂଗୀତ, ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମ ଅର୍ଜନ କରିବେ।

**ମିଥୁନ**: ବିଭିନ୍ନ ସମସ୍ୟା ହେତୁ କର୍ମକ୍ଷେତ୍ରରେ ଅନ୍ୟମନସ୍କ ରହି କାମକୁ ବିଗାଡ଼ି ଦେଇପାରନ୍ତି। ସମ୍ପର୍କୀୟଙ୍କ ସହ ମିଶି କାର୍ଯ୍ୟପନ୍ଥା ସ୍ଥିର କରିପାରନ୍ତି। ଆଜି ଯାନବାହନ ଚାଳନା, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଦୀର୍ଘଦିନର ଅସୁସ୍ଥତା ପରେ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି।

**କର୍କଟ**: ସଂଯମତା ଅଭାବରୁ କିମ୍ବା ମତାନ୍ତରରୁ ମନାନ୍ତର ଘଟିବ, ଯାହାର ପରିଣାମ ପରିବାରକୁ ମଧ୍ୟ ଆକ୍ରାନ୍ତ କରିପାରେ। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ପାଇବେ ଏବଂ କାମଟି ତ୍ୱରାନ୍ୱିତ ହେବ। ସନ୍ଦେହଜନକ ପରିସ୍ଥିତିକୁ ଲକ୍ଷ୍ୟ କରି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ସିଂହ**: ସମସ୍ୟା ଓ ପ୍ରତିବନ୍ଧକ ଚିର ସହଚର ହେଲେ ମଧ୍ୟ ଆଜିର ପରିସ୍ଥିତି ଭଲ ରହିବ। ଖଳ ଲୋକଙ୍କର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ସଭାସମିତି, ସାହିତ୍ୟ, ସାମ୍ବାଦିକତା, ନୂତନ କର୍ମାରମ୍ଭ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା**: ପାରିବାରିକ କ୍ଷେତ୍ର, ଜମିଜମା ବ୍ୟବସାୟ, ବିଦ୍ୟୁତ, ଇଟାଭାଟି ସମ୍ପର୍କୀୟ କ୍ଷେତ୍ର ବିବାଦୀୟ ରହିବ। ଅଭାବ ରହିଲେ ମଧ୍ୟ ସାହାଯ୍ୟ ପାଇବାରେ ଅସୁବିଧା ହେବ ନାହିଁ। ବୁଦ୍ଧିଜୀବୀ କିମ୍ବା ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଅବସ୍ଥାଚକ୍ରରେ ପଡ଼ି ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ତୁଳା**: ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଲାଭ କରିବେ କିନ୍ତୁ ସମସ୍ୟା ବିଜଡ଼ିତ ରହିବାକୁ ପଡ଼ିବ। ସୁବିଧାବାଦୀ ଚିନ୍ତାଧାରା ସମାଲୋଚନା ପାଇଁ ଖୋରାକି ଯୋଗାଇପାରେ। ବନ୍ଧୁଙ୍କୁ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ତଥାପି ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ।

**ବିଛା**: ପ୍ରତ୍ୟେକ ସ୍ତରରେ ଆଲୋଚନା ପରିସରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟକୁ ସନ୍ତୁଷ୍ଟ କରିପାରିବେ। ସ୍ତ୍ରୀଙ୍କ ସହ ମତାନ୍ତର କିମ୍ବା ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିପାରେ। ଦୀର୍ଘ ଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଆକସ୍ମିକ ଭାବରେ ପାଇ ଖୁସି ହେବେ। ଅଟକି ରହିଥିବା ଅର୍ଥ ଜୋର୍ କରି ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ**: ନିଜର ଅପରିଣାମଦର୍ଶିତା ହେତୁ ସମସ୍ୟା ସୃଷ୍ଟି ସମ୍ଭାବନା ରହିଛି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଓ ଏକ ନିର୍ଦ୍ଦିଷ୍ଟ ସମାଧାନରେ ଉପନୀତ ହେବେ। ଭଲ ସମ୍ପର୍କ ଥିବା ବନ୍ଧୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି। ଶିଳ୍ପ, ବାଣିଜ୍ୟ, ହୋଟେଲ, ଲେଖକ, ସାମ୍ବାଦିକତା କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମକର**: ଯେତେ ପ୍ରକାରର ସୁବିଧା ଥିଲେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ପିଲାଙ୍କ କଳହକୁ କେନ୍ଦ୍ର କରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବୈବାହିକ କର୍ମ ସମ୍ପାଦନା ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**କୁମ୍ଭ**: ସ୍ୱାର୍ଥ ସାଧନ ଲାଳସାରେ ନିଜ ଲୋକଟି ଶତ୍ରୁତା କରିବାକୁ ପଛାଇବ ନାହିଁ। ସାଧାରଣ ଘଟଣାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଆକସ୍ମିକ ଭାବରେ ଧାତବଜନିତ ଦ୍ରବ୍ୟ ଲାଭର ଯୋଗ ରହିଛି।

**ମୀନ**: ପ୍ରତ୍ୟେକ ଦିଗରୁ ସହଯୋଗ ପାଇ କର୍ମକ୍ଷେତ୍ରରେ ପ୍ରତିଷ୍ଠାବନ୍ତ ହେବେ। ବିବାଦୀୟ ଘଟଣାରେ କିମ୍ବା ଅର୍ଥ ପ୍ରାପ୍ତିରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିବେ। ଆଶା କରିଥିବା ଜିନିଷଟି ଆଜି ପାଇଯିବେ। ନୂଆ ଯୋଜନା, ନୂତନ ବ୍ୟବସାୟ, ଚୁକ୍ତିପତ୍ର, ଜମିଜମା କାରବାର, ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ସଫଳତା ପାଇବେ।

ଆଜି ଏପ୍ରିଲ ୧୬ ତାରିଖ। ବୈଶାଖ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ବୁଧବାର। ରାଶି ନକ୍ଷତ୍ର ଅନୁରାଧା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୧ମି. ଗତେ ଘ.୦୭.୧୧ମି. ମଧ୍ୟେ, ଘ.୧୦.୧୨ମି. ଗତେ ଘ.୧୧.୨୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୧୧.୪୬ମି. ଗତେ ଘ.୦୧/୨୦ମି. ମଧ୍ୟେ ରାହୁ କାଳ।

# ଦୃଷ୍ଟିବାଧିତ ମା' କୋଳକୁ ଫେରିଲା ଚୋରି ଶିଶୁପୁତ୍ର

ଭୁବନେଶ୍ୱର,୧୫।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ରାମ ମନ୍ଦିର ସାମ୍ନାରେ ଭିକ୍ଷାବୃତ୍ତି କରୁଥିବା ଦୃଷ୍ଟିବାଧିତ ମା' ପାଖରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଦେଢ଼ବର୍ଷର ଶିଶୁପୁତ୍ରକୁ କମିଶନରେଟ୍ ପୋଲିସ ସୋମବାର ରାତିରେ ବାଲେଶ୍ୱରରୁ ଉଦ୍ଧାର କରିଛି। ଏଥିସହିତ ପୁରୀ ପଳାଇ ଯାଇଥିବା ଅପହର୍ତ୍ତା କେଦାର ପଣ୍ଡାଙ୍କୁ ଗିରଫ କରିଛି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ୪୮ଘଣ୍ଟାର ଅପରେଶନ୍ କରି ପୋଲିସ ଶିଶୁପୁତ୍ରକୁ ଉଦ୍ଧାର କରିପାରିଛି। ଅପରପକ୍ଷେ ପୁଅକୁ ପାଇ ମା' ଜୟନ୍ତୀ ଆତ୍ମହରା ହେବା ସହ ରାଜ୍ୟ ସରକାର ଓ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି। ଅଭିଯୁକ୍ତ କେଦାର ଶିଶୁକୁ ନେଇ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ବୋଇତା ଗାଁର ଝେଲମ ରାଣି ପଣ୍ଡା ଓରଫ ଝିଲିଙ୍କୁ ଦେଇଥିଲେ। ମିଳିତ ପୋଲିସ ଟିମ୍ ସୋମବାର ରାତିରେ ବୋଇତା ଗାଁରେ ଚଢ଼ାଉ କରି ଶିଶୁକୁ ଉଦ୍ଧାର କରିବା ସହ ଝିଲିଙ୍କୁ ଉଠାଇ ଆଣିଥିଲା। ଝିଲିଙ୍କୁ ପୋଲିସ ଅଟକ ରଖି ଘଟଣାରେ ତାଙ୍କର ସମ୍ପୃକ୍ତିକୁ ନେଇ ପଚରାଉଚରା କରୁଛି। କେଦାର ଶିଶୁକୁ ପାଳିବାକୁ ନେଇଥିବା ବୟାନରେ କହିଥିବାବେଳେ ଝିଲି ମଧ୍ୟ ସମାନ କଥା ଦୋହରାଇଛନ୍ତି। ହେଲେ ଏହା ପଛରେ ଆଉ କିଛି କାରଣ ଥିବା ଆଶଙ୍କା କରି ତଦନ୍ତ ଜାରି ରହିଛି ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ମଙ୍ଗଳବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଭିଯୁକ୍ତ କେଦାର (୨୭)ଙ୍କ ଘର ଯାଜପୁର ଜିଲା ଗଙ୍ଗାଧରପୁର ଗାଁରେ। ତାଙ୍କ ନାଁରେ ପାହାଳ ଥାନାରେ ଗୋଟିଏ ଓ ଯାଜପୁର ଥାନାରେ ଦୁଇଟି ଦୁଇଚକିଆ ଯାନ ଚୋରି ମାମଲା ରହିଛି। କେଦାରଙ୍କୁ ଖାରବେଳନଗର ଥାନା



ଶିଶୁପୁତ୍ରକୁ ଫେରିପାଇବା ପରେ ଖୁସିରେ ବିଭୋର ମା' ଜୟନ୍ତୀ।



ଗିରଫ ଅଭିଯୁକ୍ତ କେଦାର ପଣ୍ଡା।

## ବାଲେଶ୍ୱରରୁ ଶିଶୁ ଉଦ୍ଧାର, ପୁରୀରୁ ଅପହର୍ତ୍ତା ଗିରଫ

ପକ୍ଷରୁ କୋର୍ଟ ଚାଲାଣ କରାଯିବା ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତ କରିଥିବା ନିଷ୍ଠୁର କର୍ମର ପ୍ରାୟଶ୍ଚିତ୍ତ ପାଇଁ ସେ ପୁରୀ ପଳାଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଖାରବେଳନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି।

ତଦନ୍ତରୁ ଜଣାପଡିଛି, କେଦାର ପୂର୍ବରୁ ବେଙ୍ଗାଲୁରୁରେ ଜୋମାଟୋ ଓ ସ୍ୱିଗୀରେ ଡେଲିଭରି ବୟ ଭାବେ କାମ କରୁଥିଲେ। ଝିଲିଙ୍କ ସ୍ୱାମୀ ପ୍ରଶାନ୍ତ ମଧ୍ୟ ସେଠାରେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ହେବା ସହ ପାରିବାରିକ ସମ୍ପର୍କ ବଢ଼ିଥିଲା। ଝିଲିଙ୍କ ସହ କେଦାର ମୋବାଇଲରେ କଥା ହେବା ସହ ଓଡ଼ିଶା ଆସି ଭେଟିଥିଲେ। ଝିଲିଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ। ୯ବର୍ଷର ପୁଅ କିଡ୍‌ନୀଜନିତ ଗୁରୁତର ରୋଗରେ ପୀଡିତ ଥିବାରୁ ତା'ର ଚିକିତ୍ସା ଚାଲିଛି। ଝିଲି ଆଉ ଏକ ଶିଶୁପୁତ୍ରକୁ ପାଳିବାକୁ ଚାହୁଁଥିବା କେଦାରଙ୍କୁ କହିଥିଲେ। ଶିଶୁପୁତ୍ରକୁ ପାଳିଲେ ଭଗବାନଙ୍କ କୃପା ଲାଭ ହେବ ଏବଂ ନିଜ ପୁଅ ଭଲ ହୋଇଯିବ ବୋଲି ଝିଲିଙ୍କ ଧାରଣା ଥିଲା। ଏପଟେ କେଦାର ରାମମନ୍ଦିର ସାମ୍ନାରେ ମୋବାଇଲରେ ଭିଡିଓ କଲ୍ କରି ଝିଲିଙ୍କୁ ଏକ ଶିଶୁକୁ ଦେଖାଇବା ସହ ସେ ଅନାଥ ବୋଲି କହିଥିଲେ। ଯୋଜନା ଅନୁଯାୟୀ, କେଦାର ଶନିବାର ରାତିରେ ରାମମନ୍ଦିର ସାମ୍ନାରୁ ମା' ଜୟନ୍ତୀଙ୍କ ପାଖରୁ ଶିଶୁକୁ ଚୋରି କରି ନେଇ ଚାଲିଚାଲି ଭୁବନେଶ୍ୱର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ଟ୍ରେନ୍ ଯୋଗେ ବାଲେଶ୍ୱର ରେଳ ଷ୍ଟେଶନ ଯାଇଥିଲେ। ରବିବାର ଝିଲି ମଧ୍ୟ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ଉଭୟ ଶିଶୁପୁତ୍ରକୁ ନେଇ ଗାଁକୁ ଯାଇଥିଲେ। ଅପରପକ୍ଷରେ ଶିଶୁଟି ରାଜ୍ୟ ବାହାରକୁ ଚାଲାଣ ହୋଇଥିବା ସନ୍ଦେହ କରି ଭୁବନେଶ୍ୱର ପୋଲିସ ୪ଟି ଟିମ୍ କରିବା ସହ ଏଥିପାଇଁ ରେଲୱେ ପ୍ରୋଟେକ୍ସନ୍ ଫୋର୍ସ (ଆର୍‌ପିଏଫ୍), ପଶ୍ଚିମବଙ୍ଗ ପୋଲିସ, ବାଲେଶ୍ୱର ଓ ଭଦ୍ରକ ପୋଲିସର ସହାୟତା ନେଇଥିଲା। ତେବେ ଝିଲି କାହାରିକୁ ନ ଜଣାଇବା ପାଇଁ ଶିଶୁଟିର ଲମ୍ବା ଚୁଟି କାଟିଦେବା ସହ ଝିଅ ଡ୍ରେସ୍ ପିନ୍ଧାଇ ରଖିଥିଲେ। ଅପରପକ୍ଷରେ ରୁଚିକା ସମାଜ ମଙ୍ଗଳ ସଂଗଠନ ପକ୍ଷରୁ ଉଦ୍ଧାର ଶିଶୁଟିକୁ ଅତିରିକ୍ତ ଶିଶୁ କଲ୍ୟାଣ ସମିତିଙ୍କ ନିକଟରେ ହାଜର କରାଯାଇଥିଲା। ସମିତିଙ୍କ ନିର୍ଦ୍ଦେଶକ୍ରମେ ମା' ଜୟନ୍ତୀ, ତାଙ୍କ ୭ବର୍ଷୀୟା ଝିଅ ଓ ଉଦ୍ଧାର ଶିଶୁପୁତ୍ରକୁ ତମାଣ୍ଡୋ କାଶିପୁରସ୍ଥିତ ଶକ୍ତି ସଦନରେ ରଖାଯାଇ ଦେଖାଶୁଣା କରାଯାଉଛି। ଘଟଣାରେ ଅନୁସନ୍ଧାନ ରିପୋର୍ଟ ୩ଦିନ ମଧ୍ୟରେ ଉପସ୍ଥାପନ କରିବା ପାଇଁ ରୁଚିକା କର୍ତ୍ତୃପକ୍ଷଙ୍କୁ ସମିତି ନିର୍ଦ୍ଦେଶ ଦେଇଛନ୍ତି। ଜୟନ୍ତୀ ଓ ତାଙ୍କ ପିଲାଙ୍କୁ ଥଇଥାନ ପାଇଁ ଖୋର୍ଦ୍ଧା ଜିଲାପାଳଙ୍କୁ ରୁଚିକା କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି ଅନୁରୋଧ କରିଥିଲେ। ସେମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ସହ ଏକ ରିପୋର୍ଟ ଉପସ୍ଥାପନା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଗୋଆରେ ଓଡ଼ିଆ ଯୁବକଙ୍କୁ ହତ୍ୟା

## ୨ ସାଥୀଙ୍କୁ ଗିରଫ କଲା ପୋଲିସ

**ପେଟପାଟଣା ପାଇଁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିଲେ। ନିଜ ଅଞ୍ଚଳର ୨ଜଣ ସାଥୀଙ୍କ ସହ ଭଡ଼ା ଘରେ ରହି ଏକ କମ୍ପାନୀରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ହେଲେ ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ସାଥୀ ୨ଜଣ ମିଶି ଅନ୍ୟ ଜଣଙ୍କୁ ହତ୍ୟା କରି ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ଉଭୟଙ୍କୁ ଗିରଫ କରି ପଚରାଉଚରା କରୁଛି।**



ଖଗେଶ୍ୱର ଶବର

ରାଇଆ(ଗୋଆ)/
ଜୁନାଗଡ଼(ଉତ୍ତମ ଦାସ),୧୫।୪

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଗୌଡ଼ଛେଣ୍ଡିଆ ଗ୍ରାମର ଖଗେଶ୍ୱର ଶବର(୩୮) ଦିନ ମଜୁରିଆ କାମ କରିବାକୁ ଗୋଆ ଯାଇଥିଲେ। ସେଠାରେ ଏକ କମ୍ପାନୀରେ କାର୍ଯ୍ୟ କରିବା ସହ ରାଇରା ଜିଲାର ସୋନାରଓ୍ୱଡ଼ରେ ଏକ ଭଡ଼ା ଘରେ ରହୁଥିଲେ। ତାଙ୍କ ସହିତ ଯଶୋବନ୍ତ ମାଝି(୪୩) ଏବଂ ରବି ମାଝି(୨୮) ସାଙ୍ଗ ହୋଇ ରହୁଥିଲେ। ଯଶୋବନ୍ତଙ୍କ ଘର ଗୌଡ଼ଛେଣ୍ଡିଆ ଗ୍ରାମରେ ହୋଇଥିବାବେଳେ ରବିଙ୍କ ଘର ଜୁନାଗଡ଼ ବ୍ଲକ ଝିଲିଙ୍ଗଡର ଗ୍ରାମରେ। ଗତ ଶନିବାର କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଯଶୋବନ୍ତ ଏବଂ ରବି ଉଭୟେ ମିଶି ଖଗେଶ୍ୱରଙ୍କୁ ହତ୍ୟା କରିଥିଲେ। ଖଗେଶ୍ୱରଙ୍କ ମୃତଦେହ ଭଡ଼ା ଘରେ ପଡ଼ିଥିବାବେଳେ ଉଭୟେ ଫେରାର ହୋଇଯାଇଥିଲେ। ରବିବାର ଖଗେଶ୍ୱରଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ସ୍ଥାନୀୟ ପଞ୍ଚାୟତର ସଦସ୍ୟ ପିଟର କ୍ୱାଡ୍ରୋସ୍ ନିକଟସ୍ଥ ମାଇନା କର୍ଟୋରିମ୍ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ହତ୍ୟା ଘଟଣା ପରଠାରୁ ଯଶୋବନ୍ତ ଏବଂ ରବି ଫେରାର ଥିବାରୁ ସେମାନଙ୍କ ଉପରେ ସନ୍ଦେହ କରି ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ୩ଟି ଟିମ୍ କରି ନିକଟସ୍ଥ ମାର୍‌ଗାଓ ରେଳ ଷ୍ଟେଶନ, କେଟିସି ବସ୍ ଷ୍ଟାଣ୍ଡ ଏବଂ ସ୍ଥାନୀୟ ଅଞ୍ଚଳରେ ଅଭିଯୁକ୍ତଙ୍କୁ ଖୋଜାଖୋଜି କରିଥିଲା। ସ୍ଥାନୀୟ ଗୋଇନ୍ଦା ରିପୋର୍ଟ ଏବଂ ଟେନାଣ୍ଟ ଭେରିଫିକେଶନ ରିପୋର୍ଟକୁ ଆଧାର କରି ପୋଲିସ ଯଶୋବନ୍ତଙ୍କୁ ମାରଗାଓ ରେଳ ଷ୍ଟେଶନରୁ ପ୍ରଥମେ ଗିରଫ କରିଥିଲା। ପରେ ତାଙ୍କ ସୂଚନା ଆଧାରରେ ରବିଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ଉଭୟଙ୍କ ବିରୋଧରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ପଚରାଉଚରା କରାଯାଉଥିବା ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଖଗେଶ୍ୱର କିଛି ବର୍ଷ ଧରି ଗୋଆରେ କାମ କରୁଥିବାବେଳେ ଶେଷ ଥରପାଇଁ ଗତ ନଭେମ୍ବର ମାସରେ ଯାଇଥିଲେ। ତାଙ୍କର ମୃତ୍ୟୁ ଖବର ପାଇବା ପରେ ଭାଇ ଯଦୁ ଶବର ଏବଂ ଅନ୍ୟ ସମ୍ପର୍କୀୟମାନେ ଗୋଆ ଯାଇଛନ୍ତି। ଖଗେଶ୍ୱରଙ୍କ ସ୍ତ୍ରୀ ଏବଂ ୨ ପୁଅ ଗ୍ରାମରେ ରହୁଛନ୍ତି।

# ପୂର୍ବତନ ବିଧାୟକଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ

ଧର୍ମଶାଳା/କାଏମା,୧୫।୪
(ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଆକ୍ରମଣ ଘଟଣାରେ ପୋଲିସ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ବିଜେଡି ସମର୍ଥକ ଧର୍ମଶାଳା ଥାନା କୁମାରୀ ଗ୍ରାମର ମନୋଜ ଦାସ ଏବଂ ଭାଜପା ସମର୍ଥକ ଆରୁହା ଗ୍ରାମର ସୁଶାନ୍ତ ସାମଲ,ସୁରେଶ ସାମଲ ଓ ରାଜେନ୍ଦ୍ର ବାରିକ ବୋଲି ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି। ଧର୍ମଶାଳା ପୋଲିସ ଉଭୟ ପକ୍ଷରୁ ହୋଇଥିବା ୨ଟି ମାମଲା(ନଂ.୨୧୬/୨୫ ଓ ୨୧୮/୨୫)କୁ ଭିତ୍ତିକରି ୪ଜଣଙ୍କୁ ମଙ୍ଗଳବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିଲା। ସେଠାରେ ମନୋଜଙ୍କୁ ଜାମିନ ମିଳିଛି। ଅନ୍ୟ ୩ଜଣଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି।



ଗିରଫ ୪ ଯୁବକଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି।

ସୂଚନାଯୋଗ୍ୟ, ଗତ ୧୩ ତାରିଖ ଅପରାହ୍ନରେ ଧର୍ମଶାଳା ପୂର୍ବତନ ବିଧାୟକ ବଳବନ୍ତରାୟ ଆରୁହା ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା ହିଙ୍ଗୁଳା ଯଜ୍ଞରେ ଯୋଗଦେବାକୁ ଯାଉଥିଲେ। ଏହି ସମୟରେ ସେଠାରେ ତାଙ୍କ ଗାଡ଼ି ଉପରକୁ କେତେଜଣ ଯୁବକ ଆକ୍ରମଣ କରିଥିଲେ। ସେଠାରେ ତାଙ୍କ ସମର୍ଥକ ଓ ଆକ୍ରମଣକାରୀଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଜେନାପୁର ଥାନା ଅଧିକାରିଣୀ ନିରୁପମା ଜେନା ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ବିଧାୟକ ବଳବନ୍ତରାୟଙ୍କୁ ଉଦ୍ଧାର କରିଥିଲେ। ଏହି ଆକ୍ରମଣ ଘଟଣାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ଦାୟୀ ବୋଲି ପୂର୍ବତନ ବିଧାୟକ କହିଥିଲେ। ହେଲେ ସୋମବାର ଭାଜପା ମଣ୍ଡଳ ସଭାପତି ଏକ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ।

# ମାଲିକାଣୀଙ୍କୁ ହତ୍ୟା କରି ମୃତଦେହ ଉପରେ ଡେଇଁ ଭିଡିଓ କଲେ ନାବାଳକ

ହାଇଦ୍ରାବାଦ, ୧୫।୪

ହାଇଦ୍ରାବାଦର କୁଶାଇଗୁଡ଼ା ଅଞ୍ଚଳରେ ଜଣେ ୭୫ ବର୍ଷୀୟା ବୃଦ୍ଧା କମଳା ଦେବୀଙ୍କୁ ତାଙ୍କ ଦୋକାନରେ କାର୍ଯ୍ୟ କରୁଥିବା ଜଣେ ୧୭ ବର୍ଷୀୟ ନାବାଳକ ହତ୍ୟା କରିଛନ୍ତି। କମଳାଙ୍କୁ ହତ୍ୟା କରିସାରିବା ପରେ ନାବାଳକ ଜଣକ ତାଙ୍କ ମୃତଦେହ ଉପରେ ଡେଇଁ ଭିଡିଓ ରେକର୍ଡ କରିଥିଲେ ଓ ଉକ୍ତ ଭିଡିଓକୁ କମଳାଙ୍କ ସମ୍ପର୍କୀୟଙ୍କ ନିକଟକୁ ପଠାଇଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ନାବାଳକଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ପ୍ରକାଶ ଯେ, ସ୍ୱାମୀଙ୍କ ମୃତ୍ୟୁ ପରେ କମଳା ତାଙ୍କ କୁଶାଇଗୁଡ଼ାସ୍ଥିତ ଘରେ ଏକାକୀ ରହୁଥିଲେ। ସେ ସ୍ୱାମୀଙ୍କ ଦୋକାନଗୁଡ଼ିକୁ ଭଡ଼ାରେ ଦେଇଥିଲେ। ସମ୍ପୃକ୍ତ ନାବାଳକ କମଳାଙ୍କ ଏକ ଦୋକାନରେ କାମ କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି। କିଛିଦିନ ତଳେ କମଳା ନାବାଳକଙ୍କୁ ଜୋର୍‌ରେ ଗାଳି କରିଥିଲେ, ଯେଉଁଥିରେ କ୍ଷୁବ୍ଧ ହୋଇ ସେ ତାଙ୍କୁ ହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ଗତ ୧୧ ତାରିଖ ରାତିରେ ସମ୍ପୃକ୍ତ ନାବାଳକ କମଳାଙ୍କ ଘରକୁ ଯାଇ ଏକ ଲୁହା ରଡ୍‌ରେ ତାଙ୍କ ମୁଣ୍ଡକୁ ପିଟି ହତ୍ୟା କରିଥିଲେ। ଏହାପରେ ସେ କମଳାଙ୍କ ମୃତଦେହ ଉପରେ ଡେଇଁ ଭିଡିଓ ରେକର୍ଡ କରିଥିଲେ। ସେ ପରେ ଏକ ଶାଢ଼ିକୁ କମଳାଙ୍କ ବେକରେ ବାନ୍ଧି ତାଙ୍କ ମୃତଦେହକୁ ଫ୍ୟାନ୍‌ରେ ଝୁଲାଇ ଦେଇଥିଲେ ଓ ଘରର ତାଲା ପକାଇ ଫେରାର୍ ହୋଇଯାଇଥିଲେ। ସୋମବାର ନାବାଳକ ଜଣକ କମଳାଙ୍କ ଜଣେ ସମ୍ପର୍କୀୟଙ୍କୁ ମୃତଦେହ ଉପରେ ଡେଉଁଥିବାର ଭିଡିଓ ପଠାଇଥିଲେ। କମଳାଙ୍କ ହତ୍ୟା ହୋଇଥିବା ନେଇ ଉକ୍ତ ସମ୍ପର୍କୀୟ ପୋଲିସକୁ ଖବର ଦେଇଥିଲେ। ମଙ୍ଗଳବାର ପୋଲିସ କମଳାଙ୍କ ଘରେ ପହଞ୍ଚିବା ସହ ତାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ନୁଆଣି କଦଳିଫେଣି
ମୋ ନଣନ୍ଦର ଓଷା
ଟାକୁଆ ଗାଲକୁ ବଣ ହଳଦୀ
ଖୋସି ଦେଉଥାଏ ଖୋସା।**

ସୌନ୍ଦର୍ଯ୍ୟକୁ ନେଇ ନାରୀଙ୍କ ମନରେ ବିଶେଷ ଆଗ୍ରହ ବା ରୁଚି ରହିଥାଏ। ସଜେଇ ହୋଇ ଅନ୍ୟ ଆଗରେ ନିଜକୁ ଦେଖେଇହେବାରେ ସେମାନେ ଖୁସି ଆନନ୍ଦ ପାଇଥାନ୍ତି। ଏପରିସ୍ଥଳେ ଗାଉଁଲି ଝିଅର ଫେଶନ ହେବାର ଢଙ୍ଗ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଡ଼ିଆ ଗଛ ବାଆ ବୁରୁଛ
ବାଟକୁ ପଡ଼ିଛି ଛାଇ
ବଣି ଚଢେଇର ପୁଅ ହୋଇଛି
କୁଳ ଉଦ୍ଧାରିବା ପାଇ।**

ବଂଶକୁ ଆଗକୁ ନେବା ପାଇଁ ବା ବଂଶ ବୃଦ୍ଧି ପାଇଁ ସନ୍ତାନର ଆବଶ୍ୟକତା ରହିଥାଏ। ପୁତ୍ର ସନ୍ତାନ ଲାଭ ନିମନ୍ତେ ଅନେକେ ନାନା ଓଷା, ବାର, ବ୍ରତ ରଖିବା ସହ ଈଶ୍ୱରଙ୍କ ଠାରେ ମାନସିକ ରଖିଥାନ୍ତି। କୌଣସି ପରିବାର ମଧ୍ୟରେ ପୁଅଟିଏ ଜାତ ହୋଇଛି ଜାଣି ବଂଶ ରକ୍ଷା ହୋଇଗଲା ଭାବି ଖୁସିରେ ଏଭଳି ଉପଲକ୍ଷ୍ୟର ଅବତାରଣା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶରଣକୁଳ ଥାନା ଏସ୍‌ଆଇଙ୍କୁ ଧରିଲା ଭିଜିଲାନ୍ସ

## ମାମଲାରେ ସହଯୋଗ ପାଇଁ ଲାଞ୍ଚ ନେଉଥିଲେ

ଭୁବନେଶ୍ୱର, ୧୫।୪(ସତ୍ୟଜିତ୍ ରାଉତ)

ଏକ ଆପରାଧିକ ମାମଲାରେ ସହଯୋଗ କରିବା ପାଇଁ ବିଚାରବିଭାଗୀୟ ହାଜତରେ ଥିବା ଜଣେ ଅଭିଯୁକ୍ତଙ୍କ ଝିଅଙ୍କଠୁ ୪ ହଜାର ଟଙ୍କା ଲାଞ୍ଚ ନେବାବେଳେ ନୟାଗଡ଼ ଜିଲା ଶରଣକୁଳ ଥାନା ଏସ୍‌ଆଇ ରାଜେଶ କୁମାର ଶ୍ରୀଚନ୍ଦନ (୨୦୧୭ ବ୍ୟାଚ୍) ମଙ୍ଗଳବାର ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଟିମ୍ ରାଜେଶଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୭/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ଏସ୍‌ଆଇ ରାଜେଶଙ୍କୁ ପଚରାଉଚରା କରାଯାଉଥିବାବେଳେ ବୁଧବାର ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ତେବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଅଭିଯୁକ୍ତ ରାଜେଶଙ୍କ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଉଥିବା ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଶରଣକୁଳ ଥାନାରେ ଗତ ୬ତାରିଖରେ ରୁଜୁ ଏକ ହତ୍ୟା ଉଦ୍ୟମ ମାମଲା (ନଂ.୪୯/୨୦୨୫)ରେ ନୟାଗଡ଼ ସଦର ଥାନା ରାଉତରାପୁର ଅଞ୍ଚଳର ନିରଞ୍ଜନ ଦାସଙ୍କୁ ପୋଲିସ ଗିରଫ କରିଥିଲା। କୋର୍ଟ ଚାଲାଣ ପରେ ନିରଞ୍ଜନ ବିଚାରବିଭାଗୀୟ ହାଜତକୁ ଯାଇଥିଲେ। ବୁଧବାର ନୟାଗଡ଼ କୋର୍ଟରେ ନିରଞ୍ଜନଙ୍କ ଜାମିନ ଶୁଣାଣି ହେବାର ଅଛି। ରାଜେଶ ଉକ୍ତ ମାମଲାରେ ତଦନ୍ତ ଅଧିକାରୀ ଥିବାରୁ ସେ କେସ୍ ଡାଏରୀ ଦାଖଲ କରିବାର ଥିଲା। ଏଥିରେ ରାଜେଶ ସାହାଯ୍ୟ କରିବେ ବୋଲି କହି ନିରଞ୍ଜନଙ୍କ ଝିଅ ମୋନାଲିସାଙ୍କଠାରୁ ଟଙ୍କା ଦାବି କରିଥିଲେ। ଏ ସମ୍ପର୍କରେ ମୋନାଲିସା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ରାଜେଶ ମୋନାଲିସାଙ୍କଠୁ ଥାନାରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।



ରାଜେଶ କୁମାର ଶ୍ରୀଚନ୍ଦନ

# ଶିଶୁପୁତ୍ରକୁ ନେଇ ବାପା ଫେରାର, ମା' ଥାନାର ଦ୍ୱାରସ୍ଥ

ଚୌଦ୍ୱାର,୧୫।୪(ଆଶୁତୋଷ ଦାସ)

କଟକ ଜିଲା ଚୌଦ୍ୱାର ପୌରପାଳିକା ୨ ନମ୍ବର ୱାର୍ଡ ଅନ୍ତର୍ଗତ ମୁସ୍‌ଲିମ୍ ସାହିରୁ ଜଣେ ୧୧ ମାସର ଶିଶୁପୁତ୍ରକୁ ତାଙ୍କ ବାପା ନେଇ ଫେରାର ହୋଇଯାଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଶିଶୁପୁତ୍ରଙ୍କ ମା' ଖୁଦ୍‌ରତୁନ ନିସାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୫୩/୨୫) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ପ୍ରତାପଦିଘୀ ବାଘମାରୀ ଗ୍ରାମର ମୀର୍ଜା ରଫିଉଲ୍ ବେଗ୍‌ଙ୍କ ସହିତ ୨୦୧୭ରେ ଚୌଦ୍ୱାରର ଖୁଦ୍‌ରତୁନ ନିସାଙ୍କ ନିକା ହୋଇଥିଲା। ୨୦୨୪ ମେ' ମାସରେ ଖୁଦ୍‌ରତୁନ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଗତ ୧୨ ତାରିଖ ରାତିରେ ବୁଲାଇବା ପାଇଁ କହି ଶିଶୁପୁତ୍ରକୁ ନେଇ ରଫିଉଲ୍ ଘରୁ ବାହାରି ଆସିଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ନ ଫେରିବାରୁ ଖୁଦ୍‌ରତୁନ ଓ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶେଷରେ ଖୁଦ୍‌ରତୁନ ଥାନାରେ ପହଞ୍ଚି ପୁଅକୁ ନେଇ ସ୍ୱାମୀ କେଉଁଆଡ଼େ ପଳାଇ ଯାଇଥିବା ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଛି। ଇତିମଧ୍ୟରେ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଶିଶୁପତ୍ରକୁ ଉଦ୍ଧାର କରିପାରି ନାହିଁ। ଅପରପକ୍ଷରେ ଖୁଦ୍‌ରତୁନଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ଏବଂ ପରିବାରର ସମସ୍ତେ ଦୃଷ୍ଟିବାଧିତ ହୋଇଥିବାରୁ ପୋଲିସ ତୁରନ୍ତ ପଦକ୍ଷେପ ନେଇ ପୁଅକୁ ଖୋଜି ଆଣିବାକୁ ଖୁଦ୍‌ରତୁନ ନିବେଦନ କରିଛନ୍ତି। ଏନେଇ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଶିଶୁପୁତ୍ରଙ୍କୁ ଉଦ୍ଧାର କରାଯିବ।

## ଶାବଳରେ ଆକ୍ରମଣ, ବାପପୁଅ ଗୁରୁତର

ହିଞ୍ଜିଳିକାଟୁ,୧୫।୪(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ରାଳବ ଗ୍ରାମରେ ମଙ୍ଗଳବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଆକ୍ରମଣ, ପ୍ରତିଆକ୍ରମଣ ହୋଇଛି। ଏଥିରେ ଗୋଟିଏ ପରିବାରର ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରାଳବ ଗ୍ରାମ ଦେଉଳ ସାହିର ପୂର୍ଣ୍ଣଚନ୍ଦ୍ର ମୁନି (୪୦) ଓ ତାଙ୍କ ପୁଅ ଅମରନାଥ ମୁନି (୧୭)।

# ଗାଁ ଦାଣ୍ଡରେ ପ୍ରତାପଙ୍କୁ ହତ୍ୟା ଘଟଣାରେ ୨ ଗିରଫ

## ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ଫେରାର

ବୋଲଗଡ଼,୧୫।୪(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ତୃତୀୟପଡ଼ା ମୌଜାର ଝାନ୍‌ସୀପାଟଣା ଗାଁ ଦାଣ୍ଡରେ ପ୍ରତାପ କୁମାର ସେଠୀଙ୍କୁ ହତ୍ୟା ଘଟଣାରେ ମଙ୍ଗଳବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ରାମଚନ୍ଦ୍ର ବେହେରା (୫୦) ଏବଂ ତାଙ୍କ ସ୍ତ୍ରୀ ସୁଷମା ବେହେରା(୪୫)। ତେବେ ମୁଖ୍ୟ ଅଭିଯୁକ୍ତ ରାମଚନ୍ଦ୍ରଙ୍କ ପୁଅ ଓ ତାଙ୍କ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରିଣୀ ସ୍ନିଗ୍ଧାମୟୀ ବରାଳ କହିଛନ୍ତି।

ସୂଚନାଥାଉ କି, ସ୍ଥାନୀୟ ଶିବ ମନ୍ଦିର ପରିସରରେ ଥିବା କାଳିକା ମନ୍ଦିରଠାରେ ସୋମବାର ମଧ୍ୟାହ୍ନରେ ଝାମୁଯାତ୍ରା ଚାଲିଥିବା ବେଳେ ପ୍ରତାପ ଦଣ୍ଡ ଠାକୁରଙ୍କ ଦର୍ଶନ ପାଇଁ ଯାଇଥିଲେ। ତେବେ ସେ ଠାକୁରଙ୍କୁ ଛୁଇଁ ନମସ୍କାର କରୁଥିବା ବେଳେ ରାମଚନ୍ଦ୍ରଙ୍କ ପୁଅ ଜାତିଆଣ ଆକ୍ଷେପ କରି ପ୍ରତାପଙ୍କୁ ଧକ୍କା ମାରିଥିଲେ। ଏହା ପରେ ସେ ଘରକୁ ଆସି ଘଟଣା ସମ୍ପର୍କରେ ଜଣାଇଥିଲେ। ଅପରାହ୍ନରେ ପ୍ରତାପ ଓ ତାଙ୍କ ସ୍ତ୍ରୀ ବୀଣାପାଣି, ପୁଅ ରସାନନ୍ଦ ସମ୍ପୃକ୍ତ ରାମଚନ୍ଦ୍ରଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ରାମଚନ୍ଦ୍ରଙ୍କ ପୁଅ ଏକ ମାରଣାସ୍ତ୍ରରେ ପ୍ରତାପଙ୍କୁ ଆକ୍ରମଣ କରିଥିଲେ। ଫଳରେ ପ୍ରତାପଙ୍କ ଛାତି ଓ ପେଟ ଚିରି ହୋଇ ଗଭୀର କ୍ଷତ ହୋଇଥିଲା। ଆକ୍ରମଣ ସମୟରେ ରସାନନ୍ଦ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଫଳରେ ରସାନନ୍ଦଙ୍କ ହାତ, ପାପୁଲି ଓ ଆଙ୍ଗୁଠିରେ ଗଭୀର କ୍ଷତ ହୋଇଛି। ପ୍ରତାପ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆସି ଘର ଆଗରେ ପଡ଼ିଯାଇଥିଲେ। ପରେ ଗୁରୁତର ବାପପୁଅଙ୍କୁ ପରିବାର ଲୋକେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରତାପଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ରସାନନ୍ଦ ଏବେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।



ତୁମେ ଯେଉଁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ–ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। –ଶ୍ରୀମା



# ହିନ୍ଦୀରେ ଇଂଲିଶ୍ ନାମ

ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ଇଂଲିଶ୍–ମାଧ୍ୟମ ସ୍କୁଲଗୁଡ଼ିକରେ ପ୍ରଚଳିତ ନୂଆ ପାଠ୍ୟ ପୁସ୍ତକର ହିନ୍ଦୀ ନାମକରଣ କରିଛି, ଯାହାକୁ ନେଇ ବିବାଦ ଉପୁଜିଛି। ଉଲ୍ଲେଖନୀୟ ଯେ, କେନ୍ଦ୍ର ସରକାରଙ୍କ ଅଧୀନ ଏନ୍‌ସିଇଆର୍‌ଟି ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ)ର ବିଭିନ୍ନ ଶ୍ରେଣୀ ପାଇଁ ପାଠ୍ୟକ୍ରମ ଏବଂ ବହି ପ୍ରସ୍ତୁତ କରିଥାଏ। ଚଳିତବର୍ଷ ଷଷ୍ଠ ଶ୍ରେଣୀର ଇଂଲିଶ୍ ପୁସ୍ତକର ନାମ ହନିସକଲ୍‌କୁ ବଦଳାଇ ହିନ୍ଦୀରେ ପୁର୍ବୀ ରଖାଯାଇଛି। ଏହା ଶାସ୍ତ୍ରୀୟ ସଙ୍ଗୀତର ଏକ ରାଗର ନାମ। ଏହାସହ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଇଂଲିଶ୍ ପୁସ୍ତକର ନାମ ହିନ୍ଦୀରେ ମୃଦଙ୍ଗ ରଖାଯାଇଛି। ଏହା ବ୍ୟତୀତ ତୃତୀୟ ଶ୍ରେଣୀ ଇଂଲିଶ୍ ବହିର ନାମ ସନ୍ତୁର ହୋଇଛି। ଏସବୁ ବାଦ୍ୟଯନ୍ତ୍ରର ନାମ। ସେହିପରି ଷଷ୍ଠ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ନାମ ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ୍ ବିୟଣ୍ଡ ବଦଳରେ ଏବେ ହିନ୍ଦୀରେ 'ସମାଜ କା ଅଧ୍ୟୟନ: ଭାରତ ଔର ଉସ୍‌କେ ଆଗେ' କରାଯାଇଛି। ତେବେ ପୁସ୍ତକର ନାମକୁ ଇଂଲିଶ୍‌ରୁ ହିନ୍ଦୀ କରାଯାଇଥିବାରୁ ତାହା ଉପରେ ଭାଷା ବିଶେଷଜ୍ଞ ଓ ଶିକ୍ଷାବିତ୍‌ମାନେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ଏହି ପଦକ୍ଷେପ ଯୋଗୁ ଏନ୍‌ସିଇଆରଟି ତାହାର ଦୀର୍ଘବର୍ଷର ନିୟମାବଳୀଠାରୁ ଦୂରେଇ ଯାଇଛି। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସ୍କୁଲରେ ତ୍ରିଭାଷୀ ନୀତି ଲାଗୁ କରି ଅଣ–ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ହିନ୍ଦୀ ଭାଷାକୁ ଜୋରଜବରଦସ୍ତି ଲଦି ଦିଆଯାଉଛି ବୋଲି ତାମିଲନାଡୁ ସମେତ ଅନେକ ରାଜ୍ୟ ବିରୋଧ କରିଆସୁଥିବାବେଳେ ଏବେ ଏନ୍‌ସିଇଆରଟିର ଏହି ପଦକ୍ଷେପ ବିବାଦକୁ ଆହୁରି ତୀବ୍ର କରିଛି।

୧ ସେପ୍ଟେମ୍ବର ୧୯୬୧ରେ ଗଠିତ ଏନ୍‌ସିଇଆର୍‌ଟି ୧୯୭୭ରୁ ପୁସ୍ତକ ପରିବର୍ତ୍ତନକୁ ନେଇ ଅଧିକାଂଶ ସମୟରେ ବିବାଦରେ ରହିଆସିଛି। ନିକଟ ଅତୀତରେ ସିଲାବସ୍‌କୁ ଅଧିକ ବଦଳାଯିବା ସହ ଓ ବିଭିନ୍ନ ଶ୍ରେଣୀର ପାଠ୍ୟ ପୁସ୍ତକରେ ବିଷୟଗୁଡ଼ିକରେ ପରିବର୍ତ୍ତନ କିମ୍ବା ସଂଶୋଧନ କରାଯାଉଛି। ଦ୍ୱାଦଶ ଇତିହାସ ବହିରୁ ଗୋଟିଏ ଅଧ୍ୟାୟରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ବିଷୟରେ ଏବଂ ସପ୍ତମ ଶ୍ରେଣୀ ଇତିହାସ ବହିରେ ମୋଗଲ ସମ୍ରାଟ୍‌ଙ୍କ ସଫଳତାର କାହାଣୀରେ ପରିବର୍ତ୍ତନ କରାଯାଇଥିଲା। ଏହା ବ୍ୟତୀତ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବହିଗୁଡ଼ିକରୁ ଗୋଧ୍ରା ଦଙ୍ଗା ବିଷୟକୁ ବାଦ ଦିଆଯାଇଥିଲା। ଏଭଳି ବ୍ୟାପକ ପରିବର୍ତ୍ତନକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ହୁଏ ଯେ, ପାଠ୍ୟ ପୁସ୍ତକରେ ଗୋଟିଏ ଗୋଷ୍ଠୀର ରାଜନୈତିକ ଦଳର ବିଚାରଧାରାକୁ ପ୍ରତିଫଳିତ କରିବାରେ ଏନ୍‌ସିଇଆର୍‌ଟିର ସକ୍ରିୟ ଭୂମିକା ରହୁଛି। ଏହା ବ୍ୟତୀତ ବାରମ୍ବାର ଇତିହାସକୁ ବଦଳାଇବା ସହିତ ପାଠ୍ୟକ୍ରମରେ ପରିବର୍ତ୍ତନ ଅଣାଯାଉଥିବାରୁ ବିଗତ ବର୍ଷର ବହି ପରବର୍ତ୍ତୀ ବର୍ଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବ୍ୟବହାର କରାଯାଉନାହିଁ। ଫଳ ସ୍ୱରୂପ ଯେଉଁ ପରିବାରରେ ଏକରୁ ଅଧିକ ପିଲା ଥିବେ, ସେଠାରେ ଦ୍ୱିତୀୟ ପିଲା ତା'ର ବଡ଼ ଭଉଣୀ କିମ୍ବା ଭାଇର ବହିକୁ ବ୍ୟବହାର କରିପାରିବ ନାହିଁ। ଏହାଦ୍ୱାରା ଅନେକ ପରିବାର ଉପରେ ଅର୍ଥନୈତିକ ଚାପ ମଧ୍ୟ ଲଦି ଦିଆଯାଉଛି, ଯାହା ସମ୍ପୂର୍ଣ୍ଣ ଭାବେ ଅଦରକାରୀ। ସାଧାରଣରେ ପାଠ୍ୟ ପୁସ୍ତକକୁ ଭଉଣୀ ଭାଇ ପଢୁଥିବାର ସମସ୍ତେ ଜାଣନ୍ତି। କିନ୍ତୁ ଅନିଶ୍ଚିତତା ଏବଂ ନିଜେ ଅସ୍ପଷ୍ଟ ଥିବା ଏନ୍‌ସିଇଆର୍‌ଟିର କର୍ମକର୍ତ୍ତାମାନେ ବୋଧହୁଏ ଜାଣିପାରୁନାହାନ୍ତି କେଉଁ ପ୍ରକାର ଐତିହାସିକ ବାର୍ତ୍ତାକୁ ବଦଳାଇଲେ ତାଙ୍କର ଲକ୍ଷ୍ୟ ପୂରଣ ହେବ। ଏଠାରେ ମନେରଖିବାକୁ ହେବ ଯେ, ଏନ୍‌ସିଇଆର୍‌ଟି ହେଉଛି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଶିକ୍ଷା ମନ୍ତ୍ରଣାଳୟର ଏକ ଅଙ୍ଗ। ତାହାର ବଜେଟ ବା ବ୍ୟୟ ଅଟକଳ ସେହି ମନ୍ତ୍ରଣାଳୟରୁ ଆସିଥାଏ। ଯେତେବେଳେ ସରକାର ବଦଳିବ, ଯାହା କି ଗଣତନ୍ତ୍ରରେ ଏକ ସୁନିଶ୍ଚିତ ଘଟଣା, ସେତେବେଳେ ପୁନର୍ବାର ପାଠ୍ୟକ୍ରମରେ ପରିବର୍ତ୍ତନ ଆଣିବା ସେହି ସରକାରଙ୍କର ପ୍ରଥମ ଦାୟିତ୍ୱ। ଏହା ଦ୍ୱାରା ଆମେ ଭବିଷ୍ୟତ ପିଢ଼ିକୁ ଏକ ବିକୃତ ଇତିହାସ ବାଢ଼ିବା, ଯାହାକି ଏହି ଦେଶ ପାଇଁ କ୍ଷତିକାରକ ହେବ। ଏହା କହିଲାବେଳକୁ ସ୍ୱୀକାର କରିବାକୁ ହେବ ଯେ, ବ୍ରିଟିଶ୍ ଶାସକମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଭାରତର ଇତିହାସ ଗଳ୍ପଗୁଡ଼ିକରେ ମୁସଲମାନ, ମୋଗଲ ଏବଂ ଗୋରା ଶାସକମାନଙ୍କର ଭୂମିକାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ହିନ୍ଦୁମାନଙ୍କର ଭୂମିକା ଅତ୍ୟନ୍ତ ଗୌଣ କରି ଦିଆଯାଇଥିଲା। ତେବେ ଏଭଳି ଦେଖିଲାବେଳକୁ ସବୁ ଘଟଣାରେ ପରିବର୍ତ୍ତନ ଅଣାଗଲେ ଭବିଷ୍ୟତରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଉଦାହରଣ ସ୍ୱରୂପ, ଯଦି କେହି କହେ ଯେ, ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିଥିବା ନାଥୁରାମ ଗଡ୍‌ସେ ମରାଠୀ ନ ଥିଲେ କିମ୍ବା ତାଙ୍କର ଧର୍ମ ହିନ୍ଦୁ ନ ଥିଲା, ତେବେ ତାହା ଏକ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସମସ୍ତେ ଜାଣିବେ। ଏଭଳି ପାଠ ଯଦି ଆମ ପିଲାଙ୍କୁ ପଢ଼ାଯାଏ, ତେବେ ଭାରତୀୟ ସମାଜକୁ ଧ୍ୱଂସାଭିମୁଖୀ କରିଦେଇପାରେ।

ଶେଷରେ କୁହାଯାଇପାରେ ଯେ, ଏଭଳି ପାଠ୍ୟକ୍ରମ ପ୍ରତ୍ୟେକ ମୁହୂର୍ତ୍ତରେ ବଦଳାଇବା ଦ୍ୱାରା ଶିକ୍ଷକମାନଙ୍କର ଦକ୍ଷତା ହ୍ରାସ ପାଇବ। ଏଥିସହିତ ଏନ୍‌ସିଇଆର୍‌ଟି ଭଳି ସଂସ୍ଥା ପ୍ରତ୍ୟେକ ବର୍ଷ ଯଥେଷ୍ଟ ପରିମାଣରେ ବହି ଛପାଇ ଛାତ୍ରୀଛାତ୍ରଙ୍କୁ ଯୋଗାଇବାରେ ବିଫଳ ହେଉଥିବା କଥା ଏହି ଦଶନ୍ଧି ଭିତରେ ଶୁଣାଯାଉଛି। ଏହି ଅପାରଗତାକୁ ଆୟତ୍ତ କରି ପୂର୍ବରୁ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ସାଙ୍ଗରେ ଖେଳିବା ଆଦୌ ଗ୍ରହଣୀୟ ନୁହେଁ।

# କିଶୋର ନ୍ୟାୟ ବ୍ୟବସ୍ଥାରେ ଶିଶୁ ଯତ୍ନ ଅନୁଷ୍ଠାନ



ରାଜୀବ କୁମାର ନାୟକ

କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମରେ ସାଧାରଣତଃ ଦୁଇ ପ୍ରକାରର ଶିଶୁଙ୍କ ସମ୍ବନ୍ଧରେ ପ୍ରାବଧାନତା ରହିଛି। ପ୍ରଥମତଃ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଏବଂ ଦ୍ୱିତୀୟରେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ। ଯତ୍ନ ଏବଂ ସୁରକ୍ଷା ସମ୍ବନ୍ଧୀୟ ମାମଲା ସବୁର ଫଇସଲା ଜିଲାସ୍ତରରେ ଅବସ୍ଥାପିତ ଶିଶୁ ମଙ୍ଗଳ ସମିତି କରୁଥିବାବେଳେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁଙ୍କ ମାମଲା ସବୁ କିଶୋର ନ୍ୟାୟ ବୋର୍ଡ ଫଇସଲା କରିବାର ବ୍ୟବସ୍ଥା ରହିଛି। ପୁଣି ମାମଲା ସବୁ ଚାରି ମାସ ମଧ୍ୟରେ ଏବଂ ନିହାତି ସମ୍ଭବ ହୋଇ ନ ପାରିଲେ ଛଅ ମାସ ମଧ୍ୟରେ ନିଷ୍ପତ୍ତି ନେବାର ପ୍ରାବଧାନତା ରହିଛି।

ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ମଧ୍ୟରେ ମାତୃପିତୃହୀନ ଶିଶୁ ଭିନ୍ନ ଯୌନ ନିର୍ଯାତନାର ଶିକାର ହୋଇଥିବା ଶିଶୁ, ଚାଲାଣର ଶିକାର ହୋଇଥିବା ଶିଶୁ, ମାନସିକ ବିକାରଗ୍ରସ୍ତ ଶିଶୁ, ବାଲ୍ୟ ବିବାହର ଶିକାର ହୋଇଥିବା ଶିଶୁ, ଘର ଛାଡ଼ି ପଳାଇ ଆସିଥିବା ତଥା ହଜି ଯାଇଥିବା ଶିଶୁ, ଉଦ୍ଧାର ଶିଶୁ ଶ୍ରମିକ ଭଳି ତତ୍‌କ୍ଷଣାତ୍ ନିଷ୍ପତ୍ତି ନେବାକୁ ଥିବା କେସ୍‌ସବୁ ମଧ୍ୟ ଅନ୍ତର୍ଭୁକ୍ତ। ଯଦିଓ ପରିବାରରେ ରହିବା ଶିଶୁର ଅଧିକାର, ତଥାପି ସ୍ଥଳ ବିଶେଷରେ ଶିଶୁର ସର୍ବୋତ୍ତମ ସ୍ୱାର୍ଥକୁ ଆଖି ଆଗରେ ରଖି ତା'ର ପାଠପଢ଼ା ସକାଶେ କିଛି ବର୍ଷ ଲାଗି ବା ଯତ୍ନ ଏବଂ ସୁରକ୍ଷା ଦାୟିତ୍ୱ ନେବା ପାଇଁ ଉପଯୁକ୍ତ ବ୍ୟକ୍ତି ଚିହ୍ନଟ ହେବା ପର୍ଯ୍ୟନ୍ତ ସ୍ୱଳ୍ପ ରହଣି ସକାଶେ କୌଣସି ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ରହିବା ନିମିତ୍ତ ନିର୍ଦ୍ଦେଶ ପ୍ରଦାନ କରାଯାଇଥାଏ। ଏଥିନିମିତ୍ତ ୱାନ୍ ଷ୍ଟପ୍ ସେଣ୍ଟର, ମୁକ୍ତ ଆଶ୍ରୟ ସ୍ଥଳ (ଓପନ ଶେଲ୍‌ଟର) ତଥା ଶିଶୁଗୃହ ରହିଅଛି। ଏଠି ଶିଶୁକୁ ଉପଯୁକ୍ତ ଥଇଥାନ ନିମିତ୍ତ ନିର୍ଦ୍ଦେଶ ଦେବାବେଳେ କମିଟି ସମୟ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାଏ। ଯୌନ ନିର୍ଯାତନାର ଶିକାର ହୋଇଥିବା ଶିଶୁଟିଏକୁ ୱାନ ଷ୍ଟପ୍ ସେଣ୍ଟରରେ ଅତିବେଶିରେ ପାଞ୍ଚଦିନ ରଖାଯାଇପାରିବ ବା ନିର୍ଦ୍ଦେଶନାମାର ଅବଧିକୁ ହୁଏତ ଆଉ କିଛି ଦିନ ସକାଶେ ବୃଦ୍ଧି କରାଯାଇପାରେ। କିନ୍ତୁ ସମିତି ପାଖରେ ଅନ୍ୟ କିଛି ବିକଳ୍ପ ନ ଥିବାରୁ ତାକୁ ଶିଶୁଗୃହରେ ରଖାଯାଇଥାଏ। ଆଗରୁ ଏଭଳି ପୀଡ଼ିତାଙ୍କୁ ସ୍ୱାଧାରଗୃହରେ ରଖାଯାଉଥିଲା। କିନ୍ତୁ ସରକାରଙ୍କ ବର୍ତ୍ତମାନର ନୀତି ଅନୁଯାୟୀ ସ୍ୱାଧାର ଗୃହରେ ରହିବା ନିମିତ୍ତ ସମ୍ପୃକ୍ତା ପୀଡ଼ିତାର ବୟସ ଅଠର ବର୍ଷ ନିହାତି ପକ୍ଷେ ହୋଇଥିବା ଆବଶ୍ୟକ। ଅନ୍ୟ କ୍ଷେତ୍ରରେ ପରିବାରର ସଦସ୍ୟ ଯଦି ଝିଅକୁ ଘରକୁ ନ ନେଉଛନ୍ତି ଏବଂ ପାଠପଢ଼ା ଛାଡ଼ି ଦେଇଥିବ କି ପଢ଼ିବାରେ ଅରାଜି ହେଉଥିବ, ତାକୁ ଶିଶୁଗୃହରେ ରଖିଲେ ତା' ପ୍ରତି ଅଲଗା ଅନ୍ତେବାସୀଙ୍କ ଦୃଷ୍ଟିଭଙ୍ଗୀ ଭିନ୍ନ ହେବ। ଏଭଳି ଝିଅଙ୍କ ସଂଖ୍ୟା ମଧ୍ୟ ଏକାଥରକୁ ବହୁତ ନ ଥିବା କାରଣରୁ ତା' ପାଇଁ ଅଲଗା



ବ୍ୟବସ୍ଥା ଶିଶୁଗୃହ କର୍ତ୍ତୃପକ୍ଷ କରିବା ସହଜ ନୁହେଁ। ଶିଶୁକୁ ଜଣେ କରି ଅନ୍ୟମାନଙ୍କଠାରୁ ଅଲଗା ରଖିଲେ ତା'ର ଏକାକୀତ୍ୱବୋଧ ମଧ୍ୟ ଅସୁବିଧାରେ ପକାଇପାରେ। ଅନେକ ସମୟରେ ଘର ଛାଡ଼ି କୌଣସି ପୁଅପିଲା ସହିତ ଝିଅ ଯଦି ଚାଲି ଆସିଥାଏ, ତା'ହେଲେ ମା'ବାପା ଯଦି ନେବାକୁ ନ ଆସନ୍ତି ଝିଅଟି ଶିଶୁଗୃହର ପାଚେରି ଡେଇଁ ପଳାୟନ କରିବାର ଅନେକ ମାମଲା ପୋଲିସ ପାଖରେ ପଡି ରହିଛି।

ମାନସିକ ଅସୁସ୍ଥ ଶିଶୁକୁ ଥଇଥାନ ନିମିତ୍ତ ଓଡ଼ିଶାର ଅଧିକାଂଶ ଜିଲାରେ ବ୍ୟବସ୍ଥା ନାହିଁ। ଏଭଳି କ୍ଷେତ୍ରରେ ମଧ୍ୟ ଶିଶୁ ମଙ୍ଗଳ ସମିତିକୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ହୋଇଥାଏ। ଭିନ୍ନକ୍ଷମ ଶିଶୁ ଯଦି ହଜିଯାଇ ବା ଘରୁ ପଳାୟନ କରିଥିବା ଅବସ୍ଥାରେ ଶିଶୁ ମଙ୍ଗଳ ସମିତି ଆଗରେ ଉପସ୍ଥାପିତ ହୁଏ, ତାକୁ ଥଇଥାନ ନିମିତ୍ତ ଅଧିକାଂଶ ଜିଲାରେ କିଛି ବ୍ୟବସ୍ଥା ନାହିଁ। କାରଣ ସେହି ଶିଶୁ ଆଖିକୁ ଦେଖା ଯାଉ ନ ଥିବାରୁ ବା ମୂକ ହୋଇଥିବାରୁ ନିଜର ଅସୁବିଧା ପ୍ରକାଶ କରିପାରେନାହିଁ।

ଅପରପକ୍ଷରେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁକୁ ବେଲ୍ ନ ମିଳିଲେ ତାକୁ ମଧ୍ୟ ଏକ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯିବାର ପ୍ରାବଧାନତା ରହିଛି। ଏଠି ଅପରାଧ ସବୁକୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଅଛି ଯଥା– ମାମୁଲି, ଗୁରୁତର ଏବଂ ଜଘନ୍ୟ। ମାମୁଲି ଅପରାଧ ସେସବୁକୁ କୁହାଯାଇଥାଏ, ଯେଉଁଠି ଦଣ୍ଡର ପ୍ରାବଧାନତା ତିନି ବର୍ଷରୁ କମ୍ ଥାଏ। ଯେଉଁଠାରେ ଦଣ୍ଡର ମାତ୍ରା ତିନି ବର୍ଷରୁ ବେଶି ଏବଂ ଅତି ଅଧିକ ଦଣ୍ଡର ପ୍ରାବଧାନତା ଯେତେ ଅଧିକ ବି ଥାଇପାରେ, ତାକୁ ଗୁରୁତର ଅପରାଧ ଏବଂ ଯେଉଁଠି ଦଣ୍ଡର ପ୍ରାବଧାନତା ଅତି କମ୍‌ରେ ସାତ ବର୍ଷ ଥାଏ, ତାକୁ ଜଘନ୍ୟ ଅପରାଧ କୁହାଯାଇଥାଏ। ଏହି ତିନି ଶ୍ରେଣୀର ପିଲାଙ୍କ କଥା ବିଚାରକଲେ ମାମୁଲି ଅପରାଧରେ ବେଲ୍ ମିଳିବାର ସମ୍ଭାବନା ଶହେରୁ ଶହେ। ଏପରିକି କିଶୋର ନ୍ୟାୟ ବୋର୍ଡରେ ଉପସ୍ଥାପିତ ନ କରି ପୋଲିସ ମଧ୍ୟ ଏକ୍ଷେତ୍ରରେ ବେଲ୍ ଦେଇ ଏ ସମ୍ବନ୍ଧୀୟ ସମସ୍ତ ଦଲିଲ ପରବର୍ତ୍ତୀ ସମୟରେ ବୋର୍ଡକୁ ପଠାଇ ଦେଇପାରେ। ଜଘନ୍ୟ ଅପରାଧ କ୍ଷେତ୍ରରେ ହଠାତ୍ ବେଲ୍ ପ୍ରାୟତଃ ମିଳି ନ ଥାଏ ଏବଂ ଏ କ୍ଷେତ୍ରରେ ୧୬ରୁ ୧୮ ବର୍ଷ ବୟସର କୌଣସି ବ୍ୟକ୍ତି ନାଁରେ ଅଭିଯୋଗ ଥିଲେ, ତାଙ୍କୁ ନିରାପଦ ସ୍ଥଳ ବା ପ୍ଲେସ୍ ଅଫ୍ ସେଫ୍‌ଟିରେ ରଖାଯିବ ଆଉ ସଂପୃକ୍ତ ଶିଶୁର ବୟସ ୧୬ ବର୍ଷରୁ କମ୍ ଥିଲେ ତାକୁ ପର୍ଯ୍ୟବେକ୍ଷଣ ଗୃହରେ ରଖାଯିବ। ଠିକ୍ ସେହିପରି ଗୁରୁତର ଅପରାଧ କ୍ଷେତ୍ରରେ ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁକୁ ସ୍ଥଳ ବିଶେଷରେ ତତ୍‌କ୍ଷଣାତ୍ ବେଲ୍ ମିଳି ଯାଇଥାଏ ଆଉ କିଛି କ୍ଷେତ୍ରରେ ତୁରନ୍ତ ବେଲ୍ ନ ମିଳିଲେ ମଧ୍ୟ ଅଳ୍ପ ଦିନ ମଧ୍ୟରେ ବେଲ୍ ମିଳିଯିବା ସମ୍ଭାବନା ଯଥେଷ୍ଟ ବେଶି ଥାଏ।

କିଶୋର ନ୍ୟାୟ (ଶିଶୁମାନଙ୍କୁ ଯତ୍ନ ଏବଂ ସୁରକ୍ଷା) ଅଧିନିୟମ ୨୦୧୫ ଅନୁଯାୟୀ ବେଲ୍ ହେଉଛି ଶିଶୁର ଅଧିକାର ଏବଂ ବେଲ୍ ଦେବାକୁ ମନା କରିବା ହେଉଛି ବ୍ୟତିକ୍ରମ। ବେଲ୍ ଦେବାକୁ ମନା କଲାବେଳେ ବୋର୍ଡ ଦୁଇ/ତିନୋଟି ବିଷୟ ଦେଖିଥାଏ ଯଥା–୧. ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ ବେଲ୍‌ରେ ଗଲେ ତା' ପାଇଁ ବାହାରେ ଶାରୀରିକ ବା ମନସ୍ତାତ୍ତ୍ୱିକ ବିପଦ ନାହିଁ ତ? ୨. ସଂପୃକ୍ତ ଶିଶୁ ବେଲ୍‌ରେ ଯାଇ କୌଣସି ଜଣାଶୁଣା ମନ୍ଦ ଲୋକଙ୍କ ସଂସ୍ପର୍ଶରେ ଆସିବ ନି ତ? ଏବଂ ୩. ସଂପୃକ୍ତ ବ୍ୟକ୍ତିର ବେଲ୍ ଆଇନକୁ ବାଟବଣା କରିଦେବ ନାହିଁ ତ? ତେଣୁ ଅନେକ ସ୍ଥଳେ ବେଲ୍ ମିଳିବା ବା କିଛି ଦିନ ଅନ୍ତରରେ ବେଲ୍ ମିଳିବାର ସମ୍ଭାବନା କାରଣରୁ ତଥା ଜଘନ୍ୟ ଅପରାଧ ସ୍ଥଳେ ଏବଂ କେସ୍ ଫଇସଲା ହେଉ ହେଉ ବ୍ୟକ୍ତିକୁ ୧୮ ବର୍ଷରୁ ଅଧିକ ହୋଇଯାଇଥିବ ଏବଂ ୨୧ ବର୍ଷ ହୋଇ ନ ଥିବ ସେପରି ସ୍ଥଳେ ଦଣ୍ଡ ମିଳିଲା ପରେ ତାଙ୍କୁ ନିରାପଦ ସ୍ଥଳରେ ରଖାଯିବାର ପ୍ରାବଧାନତା ରହିଛି ଆଉ ୨୧ ବର୍ଷରେ ପଦାର୍ପଣ କରିସାରିଥିଲେ ତାକୁ ସାଧାରଣ ଜେଲରେ ରଖିବାର ବ୍ରବସ୍ଥା ଅଛି। ଏଭଳି କ୍ଷେତ୍ରରେ ଓଡ଼ିଶା ସରକାର ଯେଉଁ ତିନି/ଚାରୋଟି ଲେଖାଏଁ ଜିଲା ସକାଶେ ଗୋଟିଏ କରି ପର୍ଯ୍ୟବେକ୍ଷଣ ଗୃହ ସହିତ ଏକାଠିକରି ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା କରିଛନ୍ତି, ତହିଁରେ ରହିବାକୁ ପିଲା ଆସିବେ କୁଆଡୁ? କେସ୍ ଚାଲୁଥିବା ସମୟରେ ପର୍ଯ୍ୟବେକ୍ଷଣ ଗୃହ ଏବଂ ଦଣ୍ଡ ମିଳିଲେ ଯେଉଁ ସ୍ୱତନ୍ତ୍ର ଗୃହରେ ରହିବାର ବ୍ୟବସ୍ଥା ରହିଛି, ତାହା ପୁଣି ବୟସ ଭିତ୍ତିରେ ପୃଥକ୍ ପୃଥକ୍ କରି ରଖାଯିବାର କଥା କୁହାଯାଇଅଛି ତାହା ମଧ୍ୟ ଅବାସ୍ତବ ମନେହୁଏ। କାରଣ ଅନେକ ମାମୁଲି ତଥା ଗୁରୁତର କେସ୍‌ରେ ଦଣ୍ଡ ମିଳିବାର ସମ୍ଭାବନା ଯଥେଷ୍ଟ କମ୍ ଥିବାରୁ ଏବଂ କାଁ ଭାଁ କେଉଁଠି ଦଣ୍ଡ ମିଳୁଥିବା ଏଭଳି କେସ୍‌ର ସଂଖ୍ୟା ଏତେ କମ୍ ଯେ, ତା' ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଖୁବ୍ କଷ୍ଟ। ତେଣୁ ଆଗାମୀ ଦିନରେ ଏହା ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ ଯେ, ଏବେ ଏବେ ଖୋଲା ଯାଇଥିବା ଅନେକ ଶିଶୁଯତ୍ନ ଅନୁଷ୍ଠାନ ବନ୍ଦ ମଧ୍ୟ ହୋଇ ଯାଇପାରେ। ଅନ୍ୟ ଦିଗରେ ସ୍ୱତନ୍ତ୍ର ପୋଷ୍ୟ ଗ୍ରହଣ କେନ୍ଦ୍ରରେ ଛଅ ବର୍ଷରୁ କମ୍ ବୟସର ଶିଶୁଙ୍କୁ ହିଁ କେବଳ ରଖାଯାଇ ପାରିବ ଏବଂ ବହୁତ ସଂଖ୍ୟାରେ ପୋଷ୍ୟ ଗ୍ରହଣ ସକାଶେ ଉପଯୁକ୍ତ ଶିଶୁ ଥାଇ ମଧ୍ୟ ପିତା/ମାତା ବା ଅନ୍ୟ କେହି ଅଭିଭାବକ ହସ୍ତାନ୍ତର କରିବାକୁ ନାରାଜ ହେଉଥିବା କାରଣରୁ ପୋଷ୍ୟ ଗ୍ରହଣରେ ଆଗକୁ ବଢ଼ି ହେଉନାହିଁ।

ମୋ: ୯୪୩୭୫୭୧୮୩୧

# ଅସହ୍ୟ ତାତି



ଅଲେଖ ଚନ୍ଦ୍ର ସାମଲ

ଆଧୁନିକ ଯନ୍ତ୍ରପାତି, କଳକାରଖାନା ଓ ଯାନବାହନରୁ ବାହାରୁଥିବା ଅଙ୍ଗାରକାମ୍ଳ ଓ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷଣ କରିବାରେ ଲାଗିଛି। ଏହାଦ୍ୱାରା ବାୟୁମଣ୍ଡଳର ତାପମାତ୍ରା ମଧ୍ୟ ବୃଦ୍ଧି ହେବାରେ ଲାଗିଛି। ଏଥିପାଇଁ ଗ୍ରୀଷ୍ମ ଋତୁ ବ୍ୟତୀତ ଅନ୍ୟ ଋତୁମାନଙ୍କରେ ବି ଅସହ୍ୟ ଗରମ ହେଉଛି। ଏହା କେବଳ ଉତ୍ତପ୍ତ ବାୟୁମଣ୍ଡଳ ଯୋଗୁ। କେବଳ ତାତି ହେଉଛି ତାହା ନୁହେଁ, ଏହା ଅଧିକ ଜୀବନ ନେବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି। ବୈଜ୍ଞାନିକମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଆଶାତୀତ ଭାବେ ଲୋକ ଓ ପଶୁପକ୍ଷୀଙ୍କର ମୃତ୍ୟୁ ହେବ। ଏହାର ପ୍ରମୁଖ କାରଣ ହେଉଛି ବାୟୁ ପ୍ରଦୂଷଣ। ଗବେଷଣା ଅନୁସାରେ, ଲୋକମାନେ ଦୂଷିତ ପାଣି ପିଇ ବେଶି ସଂଖ୍ୟାରେ ମୃତ୍ୟୁମୁଖରେ ପଡୁଥିଲେ। କିନ୍ତୁ ବାୟୁ ପ୍ରଦୂଷଣ ଯୋଗୁ ଆହୁରି ଅଧିକ ମୃତ୍ୟୁମୁଖରେ ପଡ଼ିବେ ବୋଲି ଜଣାପଡ଼ିଛି। ସର୍ଭେ ଅନୁଯାୟୀ ବାୟୁ ପ୍ରଦୂଷଣ ଯୋଗୁ ଲୋକଙ୍କ ମୃତ୍ୟୁ ସଂଖ୍ୟା ଧୀରେ ଧୀରେ ବଢ଼ି ୨୦୫୦ ମସିହା ବେଳକୁ ପ୍ରତିବର୍ଷ ୩ଲକ୍ଷ ୬୦ ହଜାର ଲୋକ ମୃତ୍ୟୁମୁଖରେ ପଡ଼ିବେ। ଆସନ୍ତା କେତେ ବର୍ଷ ଭିତରେ ସହରର ଲୋକମାନଙ୍କ ମରଣ ହେବ କେବଳ ପ୍ରଦୂଷିତ ପରିବେଶ ଓ ଅପରିଷ୍କାର ପାଣି ଯୋଗୁ। ଉଭୟ ବିକାଶଶୀଳ ଓ ବିକଶିତ ଦେଶ ୨୦୫୦ ମସିହା ସୁଦ୍ଧା ତାତି ଉଠିବ। ବର୍ଷକୁ ପ୍ରାୟ ୩ ଲକ୍ଷ ୬୦ ହଜାର ଲୋକ ମୃତ୍ୟୁମୁଖରେ ପଡ଼ିବେ। ସେଥିମଧ୍ୟରୁ ଚାଇନା ଓ ଭାରତରେ ଏହି ସମସ୍ୟା ବେଶି ଦେଖାଯିବ। କାରଣ ଏହି ଦେଶମାନଙ୍କରେ ଆଶାତୀତ ଭାବେ ଜନସଂଖ୍ୟା, ଯାନବାହନ, କଳକାରଖାନା ଓ ବିଭିନ୍ନ ଯନ୍ତ୍ରପାତି ବୃଦ୍ଧି ପାଉଛି। କିନ୍ତୁ ଏଥିରୁ ନିର୍ଗତ ହେଉଥିବା ବିଷାକ୍ତ ଅଙ୍ଗାରକାମ୍ଳକୁ ଶୋଷି ନେବା ପାଇଁ ଉପଯୁକ୍ତ ପରିମାଣରେ ଗଛ ନାହିଁ। ଏଠାରେ ଜଙ୍ଗଲ କ୍ଷୟ କରାଯାଉଛି। କିନ୍ତୁ ସେହିପରି ଭାବରେ ସୃଷ୍ଟି କରାଯାଉନାହିଁ। ଦ ଅର୍ଗାନାଇଜେଶନ କୋଅପରେଶନ ଆଣ୍ଡ ଡେଭଲପମେଣ୍ଟର ରିପୋର୍ଟ ଅନୁଯାୟୀ, ଏହାର ପ୍ରଭାବରେ ସମ୍ପୂର୍ଣ୍ଣ ଜଳବାୟୁ ପରିବର୍ତ୍ତନ ହୋଇଯିବ। ୬ଟି ଋତୁ ଅନୁଭବ ହେବା କଷ୍ଟକର ହୋଇପଡ଼ିବ। ବେଶି ଗ୍ରୀଷ୍ମ ଋତୁ ଅନୁଭବ ହେବ। ଯାହା ଅସହ୍ୟ ହୋଇପଡ଼ିବ। ତାପ ବୃଦ୍ଧି ଯୋଗୁ ଭୂପୃଷ୍ଠରୁ ଜଳ ପତନ ତଳକୁ ଖସି ଯିବ। ଲୋକେ ଭୂପୃଷ୍ଠର ପରିଷ୍କାର ପାଣି ପିଇବା ପାଇଁ ପାଇବେନି, ଚାଷ ଜମି ମଧ୍ୟ ଉପଯୁକ୍ତ ପାଣି ନ ପାଇ ମରୁଡ଼ି ପଡ଼ିବ, ଏହିପରି ଭାବରେ ବିଭିନ୍ନ ସମସ୍ୟା ଦେଖାଯିବ।

ବୈଜ୍ଞାନିକ କହନ୍ତି ଯେ ଗ୍ଲୋବାଲ ୱାର୍ମିଂ ଯୋଗୁ ଆଜି ତ ବିଭିନ୍ନ ଦୁର୍ଘଟଣାମାନ ଘଟୁଛି। ଯଦି ଆହୁରି ତାପମାତ୍ରା ଦ୍ରୁତ ବେଗରେ ବୃଦ୍ଧି ପାଇବ, ତେବେ ବଞ୍ଚିବା ଅସମ୍ଭବ। ପୃଥିବୀରୁ ଜୀବସତ୍ତା ଲୋପ ପାଇଯିବା ଆଶଙ୍କା ସୃଷ୍ଟି ହେବ। ତେଣୁ ଏଥିରେ ବଞ୍ଚିବାକୁ ହେଲେ ଆମକୁ ପୃଥିବୀକୁ ସବୁଜମୟ କରିବାକୁ ହେବ। ବଡ଼ ବଡ଼ ଜଙ୍ଗଲ ସୃଷ୍ଟି କରିବାକୁ ହେବ। ଏହାଦ୍ୱାରା କ୍ଷତିକାରୀ ଅଙ୍ଗାରକାମ୍ଳ ଗଛ ଶୋଷି ନେବ ଏବଂ ପରିବେଶ ସୁସ୍ଥ ରହିବ। ଯାନବାହନର ବ୍ୟବହାର ନିୟନ୍ତ୍ରଣ କରିବା। ନଚେତ୍ ୨୦୫୦ ବେଳକୁ ମୃତ୍ୟୁମୁଖରେ ପଡ଼ିବା ସ୍ୱାଭାବିକ, ଏଥିରେ ସନ୍ଦେହ ନାହିଁ।

ତେବେ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ଅଭାବନୀୟ ଓ ଅପ୍ରତ୍ୟାଶିତ ପ୍ରାକୃତିକ ବିପଦ ଓ



ଜଳବାୟୁ ସଙ୍କଟ ସମଗ୍ର ବିଶ୍ୱ ପାଇଁ ବଡ଼ ଉଦ୍‌ବେଗର କାରଣ ପାଲଟିଛି। ଇତିମଧ୍ୟରେ ଦେଖାଦେଇଛି ୟୁରୋପ, ଉତ୍ତର ଆମେରିକା, ଏସିଆ, ଓସେନିଆ ଓ ଆଫ୍ରିକାର ପ୍ରାୟ ୪୦ ଦେଶ ଗମ୍ଭୀର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛନ୍ତି। ମୋଟାମୋଟି ଦେଖିଲେ, ବିଶ୍ୱ ଏବେ ଏକସଙ୍ଗେ ବନ୍ୟା, ଝଡ଼, ହିଟ୍‌ୱେଭ, ଜଙ୍ଗଲ ନିଆଁ ଓ ମରୁଡ଼ି କବଳରେ। ପ୍ରକୃତି ବିରୋଧରେ ଅତିଶୟ ମାନବୀୟ ହସ୍ତକ୍ଷେପ ଏହାର ମୁଖ୍ୟ କାରଣ, ଯାହାଦ୍ୱାରା ପୃଥିବୀ ଉପରେ ଜଳବାୟୁ ସଙ୍କଟ ଘନେଇଛି ବୋଲି ବୈଜ୍ଞାନିକ ପ୍ରମାଣରୁ ସ୍ପଷ୍ଟ ହୋଇଛି। ଏହିପରି ଅତିଶୟ ଜଳବାୟୁଜନିତ ଘଟଣା ବାରମ୍ବାର ତଥା ଆହୁରି ଗମ୍ଭୀର ହେବାକୁ ଯାଉଛି ବୋଲି ୱାର୍ଲଡ ମେଟେରୋଲୋଜିକାଲ ଅର୍ଗାନାଇଜେଶନ ନିଜର ସଦ୍ୟ ରିପୋର୍ଟରେ ଚେତାଇ ଦେଇଛି। ମାନବ ପ୍ରେରିତ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱସ୍ତରରେ ଅତିରିକ୍ତ ବର୍ଷା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ସଦ୍ୟତମ ଅଧ୍ୟୟନ ସ୍ପଷ୍ଟ କରିଛି।

ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ସଙ୍କଟ ତାଲିକାରେ ବିଶ୍ୱର ଅନ୍ୟତମ ବିକାଶଶୀଳ ରାଷ୍ଟ୍ର ଭାରତ ମଧ୍ୟ ବର୍ତ୍ତି ପାରିନାହିଁ। ମଣିଷ ନିଜେ ପ୍ରଚୁର ମାତ୍ରାରେ ଉଭୟ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପଲ୍ୟୁଶନ ବା ପ୍ରଦୂଷଣ ଉତ୍ପନ୍ନ କରୁଛି। ଟକ୍ସିକ୍ ପଲ୍ୟୁଶନ ହେଉଛି ଫାଇନ୍ ପାର୍ଟିକ୍ୟୁଲେଟ ମ୍ୟାଟର, ଯାହା ମଣିଷ ସ୍ୱାସ୍ଥ୍ୟକୁ ସିଧାସଳଖ କ୍ଷତି ପହଞ୍ଚାଏ। ସେହିପରି ନନ୍‌ଟକ୍ସିକ୍ ପଲ୍ୟୁଶନ ବା ପ୍ରଦୂଷଣ ବିଶ୍ୱତାପନ ପାଇଁ ଦାୟୀ। ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ଯୋଗୁ ଏହା ମାନବ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଉଭୟ ପ୍ରଦୂଷଣ ପରସ୍ପରକୁ ବଢ଼ାଇଥାଏ। ସଦ୍ୟ ଅଧ୍ୟୟନରେ ଗବେଷକମାନେ ବିଶ୍ୱର କିଛି ନିର୍ଦ୍ଦିଷ୍ଟ ଦେଶରେ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପ୍ରଦୂଷଣ ମଧ୍ୟରେ ଦୃଢ଼ ସମ୍ପର୍କ ଦର୍ଶାଇଛନ୍ତି। ଏହି ଦୁଇ ପ୍ରକାର ପ୍ରଦୂଷଣ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ପ୍ଲସ ୱାନ୍ ପତ୍ରିକାରେ ପ୍ରକାଶିତ ଅଧ୍ୟୟନରେ ଗବେଷକମାନେ ଏଭଳି କିଛି ଦେଶ ଚିହ୍ନଟ କରିଛନ୍ତି, ଯାହା ଉଭୟ ପ୍ରଦୂଷଣର ଶିକାର ହୋଇଛନ୍ତି। ଟକ୍ସିକ୍ ପଲ୍ୟୁଶନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କ୍ଷତି ଆଶଙ୍କା ଅଧିକ ଥିବା ଦେଶ ମଧ୍ୟରେ ଶୀର୍ଷ ୧୦ରେ ରହିଛନ୍ତି – ସିଙ୍ଗାପୁର, ର୍‌ୱାଣ୍ଡା, ଚାଇନା, ଭାରତ, ସୋଲୋମନ ଆଇଲାଣ୍ଡ, ଭୁଟାନ, ବୋଟସ୍ୱାନା, ଜର୍ଜିଆ, ଦକ୍ଷିଣ କୋରିଆ ଓ ଥାଇଲାଣ୍ଡ। ଗବେଷକମାନେ ଆହୁରି କହିଛନ୍ତି ବିଶ୍ୱତାପନ ଓ ପ୍ରବଳ ବୃଷ୍ଟିପାତ କୃଷି କାର୍ଯ୍ୟରେ ବାଧା ଉତ୍ପନ୍ନ କରୁଛି। ଏହାଦ୍ୱାରା କୁପୋଷଣ ଓ ଏହାଜନିତ ରୋଗ ବୃଦ୍ଧି ପାଉଛି। ଚାଇନା ଓ ଭାରତ ଉପରୋକ୍ତ ତାଲିକାର ଶୀର୍ଷ ୫ ଦେଶ ମଧ୍ୟରେ ଅଛନ୍ତି। ଉଭୟ ଦେଶ ଜଳବାୟୁ ପରିବର୍ତ୍ତନ ଓ ଟକ୍ସିକ ପଲ୍ୟୁଶନ ଭୟଙ୍କର ସଙ୍କଟ ଦେଇ ଗତି କରୁଛନ୍ତି।

ବଡ଼ ଉଦ୍‌ବେଗର ଘଟଣା ହେଉଛି ଅତ୍ୟାଧୁନିକ ଜ୍ଞାନକୌଶଳ ମଧ୍ୟ ଏ କ୍ଷେତ୍ରରେ ଫେଲ ମାରିଛି। ବିଶ୍ୱର ଶୀର୍ଷ ଜଳବାୟୁ ବିଶେଷଜ୍ଞ ସ୍ୱୀକାର କରିଛନ୍ତି, ଜର୍ମାନୀ ବନ୍ୟା ଓ ଉତ୍ତର ଆମେରିକାର ହିଟ୍ ୱେଭର ତୀବ୍ରତା ଅନୁମାନ କରିବାରେ ସେମାନେ ବିଫଳ ହୋଇଛନ୍ତି। ତାପମାତ୍ରାରେ ଏଭଳି ପରିବର୍ତ୍ତନକୁ ଉଚିତ ଶିକ୍ଷା ଗ୍ରହଣ କରି ପୃଥିବୀକୁ ବଞ୍ଚାଇବା ଲାଗି ଆମ ସମସ୍ତଙ୍କର ଦାୟିତ୍ୱବୋଧ ରହିଛି।

ସମାଜସେବୀ, ପୂର୍ବତନ ଡିଏଫ୍‌ଓ,
ପଲାଇବାଲିଚନ୍ଦ୍ରପୁର, ଯାଜପୁର
ମୋ : ୯୪୩୭୨୫୭୧୨୩

## ଏଇ ଭାରତରେ

କୋରିଓଗ୍ରାଫର ବିନୟ ଶର୍ମାଙ୍କ ସମର୍ପିତ ଜୀବନ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣା। ସେ ନିର୍ଦ୍ଦେଶନା ଛାଡ଼ି ବସ୍ତି ପିଲାମାନଙ୍କୁ ମାଗଣାରେ ଡ୍ୟାନ୍ସ ଶିକ୍ଷା ଦେଉଛନ୍ତି। ବିନୟଙ୍କ ବୟସ ୩୫। ରହୁଛନ୍ତି ଦିଲ୍ଲୀରେ। ସେ ୨୦୧୬ରେ 'ଡ୍ୟାନ୍ସ ଆଉଟ ଅଫ୍ ପଭର୍ଟି' ଆରମ୍ଭ କରି ଏହା ମାଧ୍ୟମରେ ଗରିବ ପିଲାମାନଙ୍କୁ ଡ୍ୟାନ୍ସ ଶିକ୍ଷା ଦେଉଛନ୍ତି। ବିଗତ ୬ ବର୍ଷରେ ୬ରୁ ୨୮ ବର୍ଷ ବୟସ ମଧ୍ୟରେ ୩ ହଜାରରୁ ଉର୍ଦ୍ଧ୍ୱଙ୍କୁ ଡ୍ୟାନ୍ସ ଶିକ୍ଷା ଦେଇସାରିଲେଣି। ସେ ମୁମ୍ବାଇରେ ପ୍ରଥମେ ଟି–ସିରିଜରେ ଯୋଗଦେଇ ପରେ ରାଜକୁମାର ସନ୍ତୋଷୀରେ ସହନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏଭଳି ଆକର୍ଷଣୀୟ କ୍ୟାରିୟର ଛାଡ଼ି ସେ ଦିଲ୍ଲୀ ଫେରଆସି ମାଗଣା ଡ୍ୟାନ୍ସ ଶିକ୍ଷା ଜାରି ରଖିଛନ୍ତି। ଏ ବାବଦରେ ବିନୟ ପାଖାପାଖି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। କେବଳ ଏତିକି ନୁହେଁ, ତାଙ୍କ ଅନୁଷ୍ଠାନରୁ ଡ୍ୟାନ୍ସ ଶିକ୍ଷା ପାଇଁ ଏବେ ସୁଦ୍ଧା ୧୦୦ରୁ ଉର୍ଦ୍ଧ୍ୱ ପିଲା ଡ୍ୟାନ୍ସର, ଡ୍ୟାନ୍ସ ଇନ୍‌ଷ୍ଟ୍ରକଟର ଏବଂ ଫିଲ୍ମ ଇଣ୍ଡଷ୍ଟ୍ରିରେ କୋରିଓଗ୍ରାଫର ଭାବେ କାର୍ଯ୍ୟ କରୁଛନ୍ତି। ଏବେ ଦିଲ୍ଲୀର ୨୫୦ ପିଲା ବିନୟଙ୍କ ପାଖରୁ ଡ୍ୟାନ୍ସ ଶିକ୍ଷା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୭୬

- ପ୍ରଦେଶ କଂଗ୍ରେସ ସଭାପତି ଦାୟିତ୍ୱରୁ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅବ୍ୟାହତି।
- ଦୂରଦର୍ଶନ (ଟେଲିଭିଜନ) ସଙ୍ଗଠନର ପ୍ରଥମ ଡାଇରେକ୍ଟର ଜେନେରାଲ ରୂପେ ପି.ଭି. କୃଷ୍ଣମୂର୍ତ୍ତିଙ୍କ ଦାୟିତ୍ୱ ଗ୍ରହଣ।
- ରାଜସ୍ଥାନ ହାଇକୋର୍ଟ ରାଜ୍ୟର ସବୁ ତଳିଆ କୋର୍ଟକୁ ହିନ୍ଦୀ ଭାଷାରେ କାର୍ଯ୍ୟ ଚଳାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଚିରନ୍ତନୀ

ଆକାଶ ଧରା ଅଭେଦ ସମ
ନୟନେପଥେ ଭାତିଲା ମମ
ସେ ଗୀତ ଆଜି ଦୂରତା ସବୁ
ନିମିଷେ ଦେଲା ନାଶି
ଶରତ–ଧଳା ବଉଦ ସମ
ଚକିତେ ଗଲା ଭାସି।

–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 7 | | | | | 2 |
| | 1 | 7 | | 6 | | | | |
| 2 | | | 4 | | | | | |
| | | | 6 | | | | | 3 |
| 9 | | | | 1 | | | 5 | |
| | | | 9 | | 7 | | 1 | |
| | 9 | 6 | | 3 | | | | 4 |
| | 2 | | 1 | | | | | 7 |
| | 5 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 9 | 4 | 6 | 2 | 3 | 5 | 1 |
| 6 | 4 | 3 | 1 | 8 | 5 | 7 | 9 | 2 |
| 1 | 2 | 5 | 7 | 9 | 3 | 6 | 8 | 4 |
| 3 | 5 | 8 | 6 | 2 | 1 | 4 | 7 | 9 |
| 2 | 9 | 7 | 5 | 4 | 8 | 1 | 3 | 6 |
| 4 | 1 | 6 | 3 | 7 | 9 | 5 | 2 | 8 |
| 8 | 7 | 4 | 2 | 5 | 6 | 9 | 1 | 3 |
| 9 | 6 | 1 | 8 | 3 | 7 | 2 | 4 | 5 |
| 5 | 3 | 2 | 9 | 1 | 4 | 8 | 6 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଶ୍ୱ ନେତାଙ୍କ ଟାରିଫ ଯୁଦ୍ଧ

ମହାଶୟ,

ଗଲା ସପ୍ତାହରେ ଆମେରିକାର ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ନୂଆ ଶୁଳ୍କ ନୀତି ଘୋଷଣା କରାଯାଇଥିଲା। ଏହି ନୂଆ ଶୁଳ୍କ ନୀତି ସମଗ୍ର ବିଶ୍ୱକୁ ନୂଆ ଚିନ୍ତାରେ ପକାଇଛି। ବିଶ୍ୱର ଅର୍ଥନୀତିରେ ସଙ୍କଟ ଦୃଷ୍ଟି ଗୋଚର ହେବା ସଙ୍ଗେ ସଙ୍ଗେ ଦେଶଗୁଡ଼ିକ ଭିତରେ ଥିବା ସମ୍ବନ୍ଧ ଭିତରେ ତିକ୍ତତା ସୃଷ୍ଟି କରିଛି। ବର୍ତ୍ତମାନ ଏ ନୂଆ ଶୁଳ୍କ ନୀତି ନିଶ୍ଚିତ ଭାବରେ ବିଶ୍ୱକୁ ଆମେରିକା ବିରୁଦ୍ଧରେ ଏକାଠି କରିବା ପାଇଁ ବାଧ୍ୟ ହୋଇଛି। ବିଶ୍ୱରେ ସତେ ଯେମିତି ଟାରିଫ୍ ୱାର ଜନ୍ମ ନେଉଛି। ଭାରତରୁ ଆମେରିକା ରପ୍ତାନୀ ହୋଇଥିବା ପଦାର୍ଥଗୁଡ଼ିକ ହେଲା ମୋତି, ମୂଲ୍ୟବାନ ପଥର, ଇଲେକ୍ଟ୍ରିକ ଏବଂ ଇଲେକ୍ଟ୍ରୋନିକ୍ସ ପଦାର୍ଥ ଇତ୍ୟାଦି। ଆମେରିକାରେ ଭାରତୀୟ ଷ୍ଟିଲ ଓ ଲୁହାର ବଡ଼ ମାର୍କେଟ ରହିଛି। ଏ ଭିତରେ ଯଦି ଆମେରିକା ଶୁଳ୍କକୁ ନେଇ ରାଜନୀତି କରେ ତା'ହେଲେ ନିଶ୍ଚିତ ଭାବରେ ବିଶ୍ୱର ବିଭିନ୍ନ ଦେଶ ଏ ବିଷୟରେ ବିଚାର କରିବେ।

–କାଳୀ ଦାସ, ବ୍ରହ୍ମପୁର, ଖୋଡାସିଂଗି, କଳିଙ୍ଗନଗର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପ୍ରାଣୀଉଦ୍ୟାନ ମୁଖ୍ୟ ପ୍ରବେଶ ପଥରେ ପାଣି**

ତ୍ରିଶୂଳିଆ,(ତୁଷାରକାନ୍ତ ବେହେରା): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଟିକଟ କାଉଣ୍ଟର ସମ୍ମୁଖ ପ୍ରବେଶ ପଥ ରାସ୍ତା ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ଅଦିନିଆ ବର୍ଷାରେ ପ୍ରବେଶ ପଥ ରାସ୍ତାରେ ପାଣି ଜମି ରହୁଛି। ଫଳରେ ସେଠାରେ ଅପରିଷ୍କାର ପରିବେଶ ସୃଷ୍ଟି କରୁଛି। କିଛିଦିନ ତଳେ ଏହି ରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ମରାମତି କରାଯାଇଥିଲା। ହେଲେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିଲା। ପ୍ରାଣୀ ଉଦ୍ୟାନକୁ ବୁଲି ଆସୁଥିବା ପର୍ଯ୍ୟଟକ ଓ ଗାଡ଼ିମୋଟର ଯାତାୟାତରେ ସମସ୍ୟା ଉପୁଜୁଛି। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

**ସଂକ୍ଷେପରେ**

## ବରପୁତ୍ରଙ୍କୁ ଅପମାନିତ କରିବା ନିନ୍ଦନୀୟ: ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର, ୧୫।୪(ବନ୍ଦନା ସେଠୀ)

ବଲାଙ୍ଗୀର ଜିଲା ପାଟଣାଗଡ଼ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଇବା ଏକ ବିକୃତ ମାନସିକତାର ପରିଚୟ। ବରପୁତ୍ରଙ୍କୁ ଅପମାନିତ କରିବା ନିନ୍ଦନୀୟ ଘଟଣା ହୋଇଥିବାବେଳେ ଉତ୍କଳ ସମ୍ମିଳନୀ ପକ୍ଷରୁ ଏହାକୁ ଘୋର ବିରୋଧ କରାଯାଇଛି। ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା କିମ୍ବା ପୋଡ଼ିବା ଅକ୍ଷମଣୀୟ ଅପରାଧ। ଏହାକୁ ଯେତେ ନିନ୍ଦା କଲେ କମ୍ ହେବ ବୋଲି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା କହିଛନ୍ତି। ବିଜୁବାବୁ ଆଧୁନିକ ଓଡ଼ିଶାର ନିର୍ମାତା। ତାଙ୍କ ମରଶରୀରରେ ତିନୋଟି ଦେଶର ଜାତୀୟ ପତାକା ଶୋଭା ପାଇଥିଲା। ଏଭଳି ବରପୁତ୍ର ଓଡ଼ିଶାରେ ଜନ୍ମ ନେବା ରାଜ୍ୟବାସୀଙ୍କ ପାଇଁ ଗୌରବର ବିଷୟ। ତେଣୁ ତାଙ୍କ ପ୍ରତିମୂର୍ତ୍ତି ପୋଡ଼ି ଘଟଣାକୁ ଉତ୍କଳ ସମ୍ମିଳନୀ ଦୃଢ ବିରୋଧ କରିବା ସହ ଏହାର ତଦନ୍ତ କରାଯାଇ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଦାବି କରିଛି।

## ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ହନୁମାନ ଜୟନ୍ତୀ

ଭୁବନେଶ୍ୱର, ୧୫।୪ (ସୌମ୍ୟରଞ୍ଜନ ରାଉତ)

ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଜୟଦେବ ବିହାର ୫ନଂ ଲେନ୍‌ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ହନୁମାନ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସୂର୍ଯ୍ୟପୂଜା, ଗୋପୂଜା, କଳସ ସ୍ଥାପନ, ଠାକୁରଙ୍କ ବିଗ୍ରହ ସ୍ନାନ, ଷୋଡ଼ଶ ଉପଚାର ପୂଜା, ୧୦୮ ହନୁମାନ ଚାଳିଶା ଓ ହୋମଯଜ୍ଞ ହୋଇଥିଲା। ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କଂଗ୍ରେସ ନେତା ଅଶୋକ ଦାସ, ବିକାଶ ପରିଷଦର ଉପଦେଷ୍ଟା ତଥା ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡ. ଶକ୍ତିରାଜ ଜାମଲା ଏବଂ ଅନ୍ୟ କର୍ମକର୍ତ୍ତା ପ୍ରମୁଖଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ପଣା ବଣ୍ଟନ କରାଯିବା ସହିତ ପ୍ରସାଦ ସେବନ କରାଯାଇଥିଲା। ସ୍ୱରାର୍ପଣ ଭଜନ ସନ୍ଧ୍ୟା ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ଧୃତିମୟ ବେହେରାଙ୍କ ନେତୃତ୍ୱରେ କଣ୍ଠଶିଳ୍ପୀ ଶୁଭଲକ୍ଷ୍ମୀ ଓଝା, ଚିତ୍ତରଞ୍ଜନ ସାହୁ, ବିଶ୍ୱଜିତ ସ୍ୱାଇଁ ଓ ଧୃତିଦୀପା ପାତ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ।

## ରାସ୍ତାରେ ଭାଙ୍ଗି ପଡ଼ିଲା ହୋର୍ଡିଂ

### ଯାତାୟାତ ବାଧାପ୍ରାପ୍ତ

ଫୁଲନଖରା,୧୫।୪(ସତ୍ୟରଞ୍ଜନ ଦାସମହାପାତ୍ର)

ରାଜଧାନୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥର ନଖରା ନିକଟରେ ଲଗାଯାଇଥିବା ହୋର୍ଡିଂ ମଙ୍ଗଳବାର ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ଭାଙ୍ଗିପଡ଼ିଛି। ଏଥିଯୋଗୁ ଏକ କାରର କିଛିଅଂଶ କ୍ଷତିଗ୍ରସ୍ତ ହୋଇଥିବାବେଳେ କେତେଜଣ ପଥଚାରୀ ସାମାନ୍ୟ ଆହତ ହୋଇଛନ୍ତି। ହୋର୍ଡିଂ ଭାଙ୍ଗିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ଏବଂ ଏନ୍‌ଏଚ୍‌ଏଆଇର କର୍ମକର୍ତ୍ତା ପହଞ୍ଚି ହୋର୍ଡିଂକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ନୀଳାଦ୍ରିବିହାରରେ ଝାଡ଼ାବାନ୍ତି: ୧୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

### ଦୂଷିତ ପାଣି ବ୍ୟବହାର ମୁଖ୍ୟ କାରଣ

ଭୁବନେଶ୍ୱର, ୧୫।୪(ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରେ ଝାଡ଼ାବାନ୍ତି ବ୍ୟାପିଛି। ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ. ୧୩ ଅନ୍ତର୍ଗତ ନୀଳାଦ୍ରିବିହାର ଅଞ୍ଚଳସ୍ଥିତ ନୀଳମାଧବ ନିବାସରେ ଏକାଧିକ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗତ ୫ଦିନ ହେବ ସମ୍ପୃକ୍ତ ଅଞ୍ଚଳରେ ଏଭଳି ସ୍ଥିତି ଲାଗିଥିବାବେଳେ ଇତିମଧ୍ୟରେ ୧୫୦ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଆକ୍ରାନ୍ତ ନୀଳାଦ୍ରିବିହାର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟ କେତେଜଣ ଆକ୍ରାନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସେହିପରି ସମ୍ପୃକ୍ତ ଅଞ୍ଚଳରେ ଥିବା ପାଣି ସମ୍ପରୁ ଦୂଷିତ ପାଣି ପିଇବା ଦ୍ୱାରା ଝାଡ଼ାବାନ୍ତି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଥିବା ସୂଚନା ଦିଆଯାଇଛି। ସ୍ଥିତିକୁ ଦେଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ମୋବାଇଲ୍ ଟିମ୍ ମୁତୟନ କରାଯାଇଛି।

ଏନେଇ ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିୟୁପିଏଚ୍‌ଓ) ଡା. ନୀଳମଣି ସେନାପତି କହିଛନ୍ତି, ସମ୍ପୃକ୍ତ ଅଞ୍ଚଳରେ ସାଧାରଣ ଡାଇରିଆ ବ୍ୟାପିଛି। ସେଠାରେ ୨୦ଟି ବ୍ଲକ୍ ଥିବାବେଳେ ପ୍ରାୟ ୨ହଜାର ଲୋକ ବସବାସ କରୁଛନ୍ତି। ସୋମବାର ସୁଦ୍ଧା ୧୪୨ଜଣ ଝାଡ଼ାବାନ୍ତି ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏବେ ୧୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ବାହାରିଥିବା ସୂଚନା ମିଳିଛି। ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅର୍ବାନ ସର୍ଭିଲାନ୍ସ ୟୁନିଟ୍ ସ୍ଥାନୀୟ ଅଞ୍ଚଳ ବୁଲି ସ୍ଥିତି ଉପରେ ନଜର ରଖିଛନ୍ତି। ସେମାନେ ଘରକୁ ଘର ବୁଲି ସଚେତନତା କରାଇବା ସହ ଓଆର୍‌ଏସ୍ ସହିତ ଝାଡ଼ାବାନ୍ତି ଔଷଧ ବାଣ୍ଟୁଛନ୍ତି। ତେବେ ସ୍ଥିତିରେ ସୁଧାର ଆସୁଛି, ସେପରି କିଛି ଭୟ କରିବାର ନାହିଁ। ସ୍ଥାନୀୟ ଲୋକେ ବ୍ୟବହାର କରୁଥିବା ପାଣିର ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରେ କ୍ଲୋରିନ୍‌ର ପରିମାଣ କମ୍ ଥିବା ଜଣାପଡ଼ିଛି। ତେବେ ନମୁନା ଦେବାକୁ ଲୋକେ ରାଜି ହେଉ ନ ଥିବାରୁ ଝାଡ଼ା ପରୀକ୍ଷା କରାଯାଇପାରୁ ନ ଥିବା ଏଡିୟୁପିଏଚ୍‌ଓ ସୂଚନା ଦେଇଛନ୍ତି। ଅପରପକ୍ଷେ ପାଣି ସମ୍ପ ଭିତରେ କାଦୁଅ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ପାଣି ପମ୍ପ ଭିତରୁ ସିମେଣ୍ଟ ଅଖା, କାଠ, ବଲ୍ ବାହାରୁଛି। ଏହି ଦୂଷିତ ପାଣି ପିଇ ସ୍ଥାନୀୟ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଘରେ ଘରେ ଆକ୍ରାନ୍ତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି।





'ଚିନ୍ତା ଓ ଚେତନା' ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଆୟୋଜିତ ୪୮ତମ ବୈଶାଖୀ ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ୪୮ତମ ବୈଶାଖୀ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୧୫।୪(ସୌମ୍ୟରଞ୍ଜନ ରାଉତ)

'ଚିନ୍ତା ଓ ଚେତନା' ପକ୍ଷରୁ ୪୮ତମ ବୈଶାଖୀ ମହୋତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ମାନ ଉଦ୍ଧାରଣ ନୃତ୍ୟ ପରିବେଷଣ ପରେ ରାଜ୍ୟର ବରପୁତ୍ର ଓ ବରପୁତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ସୁମିତ୍ରା ଜେନା, ଘନଶ୍ୟାମ ପୋଦ୍ଦ୍ୱାଲ୍, ଦୁର୍ଗାଶଙ୍କର ସାହୁ, ବିଜୟା ମିଶ୍ର, ଗୁରୁ ଗଜେନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ଗୁରୁ ଡ. ଗଜେନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଦୁର୍ଗାଶଙ୍କର ସାହୁ, ସୁମିତ୍ରା ଜେନାଙ୍କୁ ଉତ୍ତରୀୟ, ତୁଳସୀ ଗଛ ଓ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ନୃତ୍ୟ ଓ ସଙ୍ଗୀତର ସମ୍ଭାରକୁ ନେଇ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ।



ବୈଶାଖୀ ମହୋତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ। (ଫଟୋ: ବିକାଶ ନାୟକ)

## ୩୦ନମ୍ବର ୱାର୍ଡରେ ସାଂସ୍କୃତିକ ବିଚିତ୍ର

ଭୁବନେଶ୍ୱର, ୧୫।୪(ସୌମ୍ୟରଞ୍ଜନ ରାଉତ)

୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ସହୀଦନଗରର ୩୦ନମ୍ବର ୱାର୍ଡର କଲ୍ୟାଣୀ ମଣ୍ଡପରେ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚିତ୍ରାଙ୍କନ, ନୃତ୍ୟ, ହୁଳହୁଳି ଓ ଶଙ୍ଖନାଦ ପ୍ରତିଯୋଗିତା ହୋଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ନିଶାକର ରାଉତ, ମୁଖ୍ୟ ଅତିଥି ପ୍ରତିଭା ପଣ୍ଡା, ସମ୍ମାନିତ ଅତିଥି ଶକୁନ୍ତଳା ରାଉତ, କର୍ପୋରେଟର ରାଜକିଶୋର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ କର୍ପୋରେଟର୍ ଦାସ ଧନ୍ୟବାଦ ଦେଇଥିଲେ।

## ଆଧୁନିକ ସଙ୍ଗୀତରେ ବିମୋହିତ ଦର୍ଶକ

ଭୁବନେଶ୍ୱର, ୧୫।୪ (ସୌମ୍ୟରଞ୍ଜନ ରାଉତ)

ଶ୍ରୀ ଗୁରୁ ମ୍ୟୁଜିକ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ 'ରାଗ ତରଙ୍ଗ' ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଓ ଉପଶାସ୍ତ୍ରୀୟ ସଙ୍ଗୀତ ମଙ୍ଗଳବାର ସନ୍ଧ୍ୟାରେ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ ରଥ, ଡ. ଏସ୍.କେ. ଟାମୋଟିଆ, ସଙ୍ଗୀତ ଗୁରୁ ଚିତ୍ତରଞ୍ଜନ ପାଣି, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ, ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ କରୁଣାକର ନାୟକ ପ୍ରମୁଖ ଯୋଗଦେଇଥିଲେ। ହିନ୍ଦୁସ୍ତାନୀ ଶାସ୍ତ୍ରୀୟସଙ୍ଗୀତରେ ଗୁରୁ କରୁଣାକର ନାୟକଙ୍କ ଛାତ୍ରୀଛାତ୍ର ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ତଥା ଶାସ୍ତ୍ରୀୟ ସଙ୍ଗୀତ ଆଧାରିତ ଗୀତ ପରିବେଷଣ କରିଥିଲେ। ଏଥିସହ ଆଧୁନିକ ସଙ୍ଗୀତ ଆଜାରେ ପରଦେଶୀ, ଜବ୍ ଦୀପ ଜଲେ, ତୁମ୍ ସେ ହେ ସନମ୍‌ରେ ଭଳି ଗୀତ କଣ୍ଠଶିଳ୍ପୀମାନେ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଅଭିଷେକ ଆନନ୍ଦ ମଞ୍ଚ ପରିଚାଳନା କରିଥିଲେ।

# କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

ବାଲକାଟୀ,୧୫।୪(ମନୋଜ ମଣ୍ଡଳ)

ରାଜ୍ୟରେ ବଢ଼ିଚାଲିଥିବା ମହିଳା ନିର୍ଯାତନା, ଦୁଷ୍କର୍ମ, ଇନ୍ଧନ ଗ୍ୟାସ ଓ ପେଟ୍ରୋଲ ଡିଜେଲ ତଥା ଅନ୍ୟାନ୍ୟ ଖାଉଟି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ବିରୋଧ କରି ବ୍ଲକ କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସଙ୍କ ଆହ୍ୱାନ କ୍ରମେ ବ୍ଲକର ବରିଷ୍ଠ କଂଗ୍ରେସ ନେତା ବେଣୁଧର ଭୋଇ ଓ ବ୍ଲକ କଂଗ୍ରେସ ସଭାପତି ଜନ୍ମେଞ୍ଜୟ ସ୍ୱାଇଁଙ୍କ ନେତୃତ୍ୱରେ ଶୋଭାଯାତ୍ରା ସ୍ଥାନୀୟ ବାଳିକା ବିଦ୍ୟାଳୟ ନିକଟରୁ ବାହାରି ଅଟୋ ଷ୍ଟାଣ୍ଡରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଦଳୀୟ କର୍ମକର୍ତ୍ତାମାନେ ରାଜ୍ୟ ଓ କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସେମାନେ ରାଜ୍ୟରେ ବଢ଼ୁଥିବା ଅପରାଧକୁ ତୁରନ୍ତ ରୋକିବା ସହ ମହିଳାଙ୍କ ସୁରକ୍ଷା ପାଇଁ ଦାବି କରିଥିଲେ। ସଭାରେ କଂଗ୍ରେସ ପକ୍ଷରୁ ଜୟଦେବର ପର୍ଯ୍ୟବେକ୍ଷକ ରାମଚନ୍ଦ୍ର ପଟ୍ଟଯୋଶୀ ଓ ପୂର୍ବତନ ବିଧାୟକ କୃଷ୍ଣ ଶଗରିଆ ପ୍ରମୁଖ ଯୋଗଦେଇ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର ଶତପଥି, ବସନ୍ତ ପଣ୍ଡା, ଆରତ କାଣ୍ଡି, ନାରାୟଣ ସାହୁ, ପୂର୍ବତନ ସରପଞ୍ଚ ସୁଲୋଚନା ଭୋଇ, ରବିନାରାୟଣ ମହାନ୍ତି, ବିଜୟ ସାହୁ, ପାର୍ଥ ସାରଥୀ ସେଠୀ, ଅକ୍ଷୟ ମୁଦୁଲି, ଜିତେନ୍ଦ୍ର ନନ୍ଦ ପ୍ରମୁଖ ଯୋଗଦେଇଥିଲେ।





ବାଲକାଟୀ ବ୍ଲକ୍ କଂଗ୍ରେସ ପକ୍ଷରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

## ଚିତ୍ରକଳା କର୍ମଶାଳା ଉଦ୍‌ଯାପିତ



କର୍ମଶାଳାରେ ପିଲାମାନଙ୍କୁ ବାଲୁକା କଳା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

ଭୁବନେଶ୍ୱର, ୧୫।୪ (ସୌମ୍ୟରଞ୍ଜନ ରାଉତ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଏବଂ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ଆନୁକୂଲ୍ୟରେ ନୀଳାଦ୍ରି ବିହାର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ୩ ଦିନିଆ ଚିତ୍ରକଳା କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର କିଶୋର ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନର ଗଜେନ୍ଦ୍ର ପ୍ରସାଦ ସାହୁ, ସମ୍ମାନିତ ଅତିଥିଭାବେ ଆଶିଷ କୁମାର ରାଠୋର୍ ଏବଂ ଅମିତ୍ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଇଂ. କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗଦର୍ଶନ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଯୋଗଗୁରୁ ଇଂ. ପୀତାମ୍ବର ସାହୁ ପିଲାମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଚିତ୍ରଶିଳ୍ପୀ ଚିତ୍ରସେନ ବିଶୋଇ, କ୍ଷିତୀଶ କୁମାର ନାୟକ, ସୌରଭ କୁମାର ପାତ୍ର, ଦେବାଶିଷ ପରିଡ଼ା, ରବୀନ୍ଦ୍ର ସାହୁ ଏବଂ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଗୋପାଳ ଚନ୍ଦ୍ର ସାମଲ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବାଲୁକାକଳା, ଚକ୍ ଆର୍ଟ, ନୃତ୍ୟ, ସଙ୍ଗୀତ, ଯୋଗ ଆଦି ଶିକ୍ଷା ଦିଆଯାଇଥିଲା। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ କୁମାର ବେହେରା, ଅଶିଷ କୁମାର୍ ରାଠୋର୍, କେଦାର୍ କୁଣ୍ଡୁ ଏବଂ ଶଙ୍କର ବାବୁ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ଆମ୍ବେଡକର ଜୟନ୍ତୀ ପାଳିତ





ଆମ୍ବେଡକରଙ୍କ ଫଟୋଚିତ୍ରରେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

ଭୁବନେଶ୍ୱର,୧୫।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ସୋମବାର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମ୍‌ରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହିତ କର୍ମଚାରୀମାନେ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୁଖ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରମୁଖ କାର୍ମିକ ଅଧିକାରୀ ଏଲ୍.ଭି.ଏସ୍.ଏସ୍. ପାତ୍ରୁଡୁ ସଂଯୋଜନା କରିଥିଲେ। ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ଯଥା- ଖୋର୍ଦ୍ଧାରୋଡ୍, ସମ୍ବଲପୁର, ୱାଲଟିୟର ଏବଂ ରାୟଗଡାଠାରେ ମଣ୍ଡଳ ରେଳପଥ ପ୍ରବନ୍ଧକମାନଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀମାନେ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଅପୂର୍ବା ବିଷୁବ ସଂଖ୍ୟା ଉନ୍ମୋଚିତ



କାର୍ଯ୍ୟକ୍ରମରେ ଅତିଥିମାନେ ଅପୂର୍ବା ବିଷୁବ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୧୫।୪ (ସୌମ୍ୟରଞ୍ଜନ ରାଉତ)

ଅପୂର୍ବା ପକ୍ଷରୁ ବିଷୁବ ମିଳନ ଓ କବିତା ସନ୍ଧ୍ୟା ମଙ୍ଗଳବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଫନୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ଡ. ଆଶୁତୋଷ ପରିଡ଼ା, ଡ. ହୃଷୀକେଶ ମଲ୍ଲିକ ଏବଂ ଅପୂର୍ବା ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବି ଡ. ଫନୀ ମହାନ୍ତି ଅପୂର୍ବା ବିଷୁବ ସଂଖ୍ୟା ଉନ୍ମୋଚନ କରିଥିଲେ। ପରେ ଡ. ସୂର୍ଯ୍ୟମଣି ଖୁଣ୍ଟିଆଙ୍କ ଭ୍ରମଣ କାହାଣୀ, ପ୍ରସନ୍ନ କୁମାର ମହାନ୍ତିଙ୍କ ଭ୍ରମଣ କାହାଣୀ ଆମେରିକା ଆଉଥରେ, ଡ. ଦୀନବନ୍ଧୁ ଦାଶଙ୍କ ପ୍ରବନ୍ଧ ପୁସ୍ତକ ଆମ ପାଲା ଓ ଆମ ସଂସ୍କୃତି ଓ ପ୍ରେମ ସୁଧାନିଧି, ଡ. ଦୁର୍ଗାମାଧବ ପୃଷ୍ଟିଙ୍କ ପ୍ରଜ୍ଞା ପ୍ରବନ୍ଧ ପର୍ଯ୍ୟାଲୋଚନା, ବିଜୟ ପଟ୍ଟନାୟକଙ୍କ ଗଳ୍ପ ବହି 'ଈଶ୍ୱର ବି ଜୁଆ ଖେଳନ୍ତି', ଦୟାନିଧି ନାୟକଙ୍କ କବିତା ପୁସ୍ତକ 'ସଞ୍ଜ ନଇଁଗଲା ପରେ' ଲୋକାର୍ପଣ ହୋଇଥିଲା। ଅପୂର୍ବାର ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ପତି ଧନ୍ୟବାଦ ଦେଇଥିଲେ।

**ଫଟୋରେ ଖବର**



ରାଜଧାନୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଏମ୍‌ସି ପକ୍ଷରୁ ନଖରାଠାରେ ଲଗାଯାଇଥିବା ହୋର୍ଡିଂ ମଙ୍ଗଳବାର ଅପରାହ୍ଣରେ କାଳବୈଶାଖୀରେ ଭାଙ୍ଗିପଡ଼ିଛି।





ସୂଚନା ଭବନରେ ମଙ୍ଗଳବାର ଶ୍ରୀ ଗୁରୁ ମ୍ୟୁଜିକ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଆୟୋଜିତ 'ରାଗ ତରଙ୍ଗ' କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

**ସଂକ୍ଷେପରେ**

## ବିଦ୍ୟୁତ୍ ଆଘାତରେ ବ୍ୟବସାୟୀ ମୃତ

**ଫୁଲନଖରା,୧୫।୪ (ସତ୍ୟରଞ୍ଜନ ଦାସମହାପାତ୍ର):** କଟକ ସଦର ଥାନା ଅନ୍ତର୍ଗତ ପ୍ରତାପ ନଗରୀଠାରେ ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ତ୍ରିଲୋଚନ ସାହୁ। ସୂଚନା ଅନୁଯାୟୀ, ପ୍ରତାପ ନଗରୀଠାରେ ଧାକୁଲେଇ ମହୋତ୍ସବ ଚାଲିଛି। ସେଠାରେ ବିଭିନ୍ନ ଦୋକାନ ଖୋଲାଯାଇଛି। ତ୍ରିଲୋଚନ ଓ ତାଙ୍କ ବାପା ସୁବାସ ଚନ୍ଦ୍ର ସାହୁ ସେଠାରେ ଠୁଙ୍କାପୁରୀ ଦୋକାନ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ତାର ଛିଣ୍ଡି ଦୋକାନ ଭିତରେ ଥିବା ପାଣିରେ ପଡିଥିଲା। ହଠାତ୍ ଲାଇନ୍ ଆସିବାରୁ ତ୍ରିଲୋଚନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ପ୍ରତାପ ନଗରୀସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା ଚୟନ

ଆଠଗଡ଼, ୧୫।୪(ସତ୍ୟ ପ୍ରସାଦ ରଥ) ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ବାର୍ଷିକ ନୂତନ ପଞ୍ଜିକାର ଶୁଭାରମ୍ଭ ଅବସରରେ ଆଠଗଡ ଗଡଜାତର ଅନ୍ୟତମ ଶ୍ରେଷ୍ଠ ରାଧାନାଥପୁର ଶାସନ ବ୍ରାହ୍ମଣ ସମାଜର ନୂତନ କାର୍ଯ୍ୟକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଉପଦେଷ୍ଟା ତଥା କାମଚଳା ସଭାପତି ଉଦୟନାଥ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବାର୍ଷିକ ଅଧିବେଶନରେ କାଶୀ ବିଶ୍ୱନାଥ ଟ୍ରଷ୍ଟ ଫଣ୍ଡ ଅଧ୍ୟକ୍ଷ ଫଣୀ ଭୂଷଣ ରଥ, ମୃତ୍ୟୁଞ୍ଜୟ ମହାପାତ୍ର, ଅକ୍ଷୟ କୁମାର ମିଶ୍ର, ନୃସିଂହ ମହାପାତ୍ର, ସନ୍ତୋଷ କୁମାର ମିଶ୍ର, ସୁରେନ୍ଦ୍ର ତ୍ରିପାଠୀ, ଜାନକୀ ବଲ୍ଲଭ ତ୍ରିପାଠୀ, ବିଚିତ୍ରାନନ୍ଦ ରଥଙ୍କ ଉପସ୍ଥିତିରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ଅବସରରେ ସତ୍ୟ ପ୍ରସାଦ ରଥଙ୍କୁ ସଭାପତି, ଦେବାଶିଷ ମିଶ୍ରଙ୍କୁ ଉପସଭାପତି, ଜଗଦାନନ୍ଦ ତ୍ରିପାଠୀଙ୍କୁ ସମ୍ପାଦକ, ସତ୍ୟ ନାରାୟଣ ମହାପାତ୍ର କୋଷାଧ୍ୟକ୍ଷ ଓ ସର୍ବଶ୍ରୀ ମିହିର ତ୍ରିପାଠୀ, ଅଶୋକ ମିଶ୍ର, ସୁଧିର କୁମାର ଦାଶ, ମୃତ୍ୟୁଞ୍ଜୟ ଶତପଥୀ ପ୍ରମୁଖଙ୍କୁ ପରିଚାଳନା ବୋର୍ଡର ସଭ୍ୟ ଭାବେ ଚୟନ କରାଯାଇଥିଲେ। କାଶୀ ବିଶ୍ୱନାଥ ମନ୍ଦିର ପରିଚାଳକ ତୀର୍ଥବାସୀ ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନରେନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋ ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଆଠଗଡ,୧୫।୪(ସତ୍ୟ ପ୍ରସାଦ ରଥ)- ଜାତୀୟ ଖୋ-ଖୋ ଟୁର୍ନାମେଣ୍ଟରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିଥିବା ଖେଳାଳିଙ୍କୁ ମଙ୍ଗଳବାର ଆଠଗଡ ସହରସ୍ଥିତ ସାଇ ଭବନ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଠଗଡ ଖୋଖୋ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୭ ଜଣ ବ୍ରୋଞ୍ଜ ପଦକଧାରୀ ଓ ଏକଲବ୍ୟ ପୁରସ୍କାରପ୍ରାପ୍ତ ୨ ଉଦିୟମାନ ତାରକା ଟି-ବଳରାମ, ଟି-ଜଗନ୍ନାଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆସୋସିଏଶନର ସଙ୍ଗଠନ ସମ୍ପାଦକ ବିକ୍ରମ ରାୟ ସାମନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଆଠଗଡ ଖୋ-ଖୋ ଆସୋସିଏଶନର ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜ, ଆଠଗଡ କ୍ରୀଡା ସଂସଦର ସମ୍ପାଦକ ସୋମନାଥ ଭକ୍ତା, ପ୍ରଶିକ୍ଷକ ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ନ୍ୟାୟ, ସୁରକ୍ଷା ଯୋଗାଇବାକୁ ଦାବି

**କଟକ/ନିଶ୍ଚିନ୍ତକୋଇଲି/ତିଗିରିଆ/ବାଙ୍କୀ, ୧୫।୪(ଶିଳ୍ପା ପ୍ରିୟଦର୍ଶିନୀ/ ଅଶୋକ କୁମାର ମହାପାତ୍ର/ଜାଫର ଖାଁ/ଜ୍ଞାନେନ୍ଦ୍ର ମୋହନ ମିଶ୍ର ):**

ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। କୁମାରୀ କନ୍ୟା ମାତୃତ୍ୱ ଲାଭ କରୁଥିବାବେଳେ ଅନେକ ମହିଳା ନିଖୋଜ ଅଛନ୍ତି। ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ତୁରନ୍ତ ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ପ୍ରଦାନ ଦାବିରେ ପିସିସି ସଭାପତି ଭକ୍ତ ଦାସଙ୍କ ଆହ୍ୱାନକ୍ରମେ କଟକ ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମଶାଲ ଯାତ୍ରା କରାଯାଇଥିଲା। ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ କଟକ ତିନିଘରିଆ ଦୁଲ୍ଲାଦେଇ ମଣ୍ଡପ ନିକଟରୁ ମଶାଲ ଶୋଭାଯାତ୍ରା ବାହାରି ନୂଆବଜାର ପୋତାପୋଖରୀସ୍ଥିତ କଟକ ସଦର ବ୍ଲକ ସମ୍ମୁଖରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ସବିତା ସ୍ୱାଇଁ, ଜିଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, କଟକ ନଗର(ଜିଲା)କଂଗ୍ରେସ କମିଟିର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀପ ମହାନ୍ତି, ଆଇନଜୀବୀ ଆଲୋକ ନନ୍ଦ, ଦୀପକ ପରିଡ଼ା, ନିରଞ୍ଜନ ଲେଙ୍କା, ମାନସ ଖଟୁଆ ଓ ପ୍ରଦୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ତିଗିରିଆରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ଯୁବକ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି ଓ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସେହିଭଳି ଦେବେନ୍ଦ୍ର ସାହୁଙ୍କ ନେତୃତ୍ୱରେ ମଧ ମଶାଲ ଶୋଭାଯାତ୍ରା କରାଯାଇଥିଲା।

ତିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ୪୦୦ରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ତିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତର ରାଜବାଟୀ ପଡିଆରୁ ମଶାଲ ଶୋଭାଯାତ୍ରା ବାହାରି ନିଜିଗଡ ଟାଉନ ପରିକ୍ରମା କରିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗିରିଜା ପ୍ରସାଦ ପଟ୍ଟନାୟକ ଓ ବ୍ଲକ କଂଗ୍ରେସ କମିଟି ସଭାପତି ସୋମନାଥ ଦାସ ଏହାର ନେତୃତ୍ୱ ନେଇଥିଲେ।

ବାଙ୍କୀ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ୩ହଜାରରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ବାଙ୍କୀ ଏନଏସିର କାଉନସିଲର ସବିତା ନନ୍ଦ, ଶାନ୍ତିଲତା ବେହେରା, ନିରୁପମା ବେହେରା, ମନୋରମା ବେହେରା ଏହାର ନେତୃତ୍ୱ ନେଇଥିଲେ। ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।



ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ କଟକ କଲେଜ ଛକଠାରେ ମଙ୍ଗଳବାର ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# କ୍ରିକେଟ୍, ଭାରତ ସ୍ପୋର୍ଟିଂ କ୍ଲବ୍ ଚାମ୍ପିୟନ

**ମଙ୍ଗୁଳି-ଜଗତପୁର,୧୫।୪(ମାନସ ସାମଲ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶାଳଗାଁସ୍ଥିତ ସାଧୁସୁନ୍ଦର ବିଦ୍ୟାପୀଠ ଖେଳପଡିଆରେ ଇଲେଭେନ୍ ଷ୍ଟାର୍ କ୍ଲବ୍ ପକ୍ଷରୁ ଦୁଇଦିନ ଧରି ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବ୍ରାହ୍ମଣସେନା ଗ୍ରାମର ଭାରତ ସ୍ପୋର୍ଟିଂ କ୍ଲବ୍ ଓ ମଣିଆ ଗ୍ରାମର ମହାବୀର କ୍ରିକେଟ୍ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା। ଭାରତ ସ୍ପୋର୍ଟିଂ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ୍ ହରାଇ ୭୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ମହାବୀର କ୍ରିକେଟ୍ କ୍ଲବ୍ ୯.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୬୪ ସଂଗ୍ରହ କରିଥିଲା। ଫଳରେ ଭାରତ ସ୍ପୋର୍ଟିଂ କ୍ଲବ୍ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶାଳଗାଁ ସରପଞ୍ଚ ପବିତ୍ର ଉପାଧ୍ୟାୟ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୫ ହଜାର ଟଙ୍କା ସହ ଟ୍ରଫି ଓ ରନର ଅପ୍ ଟିମ୍‌କୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଭାରତ ସ୍ପୋର୍ଟିଂ କ୍ଲବ୍‌ର ସଞ୍ଜୟ କୁମାର ସାହୁ ମ୍ୟାନ୍ ଅଫ୍ ଦି ସିରିଜ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦୀପକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍‌ର ଆୟୋଜକ ଦିଲୀପ କୁମାର ସାହୁ ଓ ଚିତ୍ତରଞ୍ଜନ ବଳିଆରସିଂଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ଲକି ପଟ୍ଟନାୟକ, ପବିତ୍ର ରାଉତ, ବିକାଶ ନାୟକ, ଦେବୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଟିମ୍‌ର ଖେଳାଳି।

# ମନରେ ଉଦ୍ଦୀପନା ଆଣେ ନବବର୍ଷ

**କଟକ,୧୫।୪(କାର୍ତ୍ତିକ ସାହୁ):** ନବବର୍ଷ ସମିତି କଟକ ପକ୍ଷରୁ ବଙ୍ଗୀୟ ନବବର୍ଷ ଉତ୍ସବ କଳାବିକାଶ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ସମିତିର ବରିଷ୍ଠ ସଭ୍ୟ ଗୋପାଳ ସୁର, ତାରକ ନାଥ ସୁର, ସଭାପତି ଅମର ଶାହା, କାର୍ଯ୍ୟକାରୀ ସଭାପତି ଶ୍ରୀଦେବ ଦର, ସମ୍ପାଦକ ପୁଷ୍ପଙ୍କ ବାନାର୍ଜୀ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ସୁସିମ ଦାସ ଯୋଗଦେଇ କହିଛନ୍ତି, ମନରେ ଉଦ୍ଦୀପନା ଆଣେ ନବବର୍ଷ। ଏଥିରେ ସମ୍ମାନିତ ଅତିଥି ଭାବେ ଭାଜପା ନେତା ଲଲାଟେନ୍ଦୁ ବଡୁ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନେତା ଶଙ୍କର ବୋଷମଲ୍ଲିକ, କ୍ରୀଡ଼ା ସଂଗଠକ ଅଭିଜିତ୍‌ପାଲ୍, ଗୀତିକାର ମୋହିତ ଚକ୍ରବର୍ତ୍ତୀଙ୍କୁ ଉତ୍କଳୀୟ ବଙ୍ଗଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିଲା। ଚିତ୍ରଶିଳ୍ପୀ ପ୍ରଣବ ଅଖଣ୍ଡ ଅନୁଷ୍ଠାନ ସମ୍ପର୍କରେ କହିଥିଲେ। ରୂପା ଘୋଷ, ପୂଜା ପ୍ରତିହାରୀ ସୁର, ସୋମା ବାଗ୍‌ଚୀ ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ନରେନ୍ଦ୍ର ମଜୁମଦାର ଓ ବିଜୟ କିଶୋର ଦାସ, ଯୁଗ୍ମ ସମ୍ପାଦକ ପାନଦୀ କର ଓ ପରମ ଦେ, କୋଷାଧ୍ୟକ୍ଷ ତରୁଣ ମାଇତି, ଅଭିଷେକ ରାୟ, ବିଷ୍ଣୁ ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆୟୁଷ୍ମାନ୍ ଯୋଜନା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ

**ମଙ୍ଗୁଳି-ଜଗତପୁର,୧୫।୪ (ମାନସ ସାମଲ)**

ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ହିତାଧିକାରୀଙ୍କୁ ନୂତନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଟାଙ୍ଗୀ ଥାନା ଅଧୀନ ଭଟିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅମିୟ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଜୟଶ୍ରୀ ପ୍ରଧାନ, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସ୍ମିତା ନାୟକ, ସ୍ଥାନୀୟ ସରପଞ୍ଚ ତପସ୍ୱୀ ନାରାୟଣ ସାହୁ, ନପଙ୍ଗ ସରପଞ୍ଚ ମମତା ମଲ୍ଲିକ, ଜରିପଡା ସରପଞ୍ଚ ସୁଜାତା ଜେଠି ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିଥିଲେ। ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ସଫା, କୟଳପଡ଼ା, କନ୍ହେଇପୁର, ମାଗୁରା ଧାନମଣ୍ଡଳ ପଞ୍ଚାୟତରେ ୩୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିବା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନାୟକ ସୂଚନା ଦେଇଛନ୍ତି।

**କଟକ ସଦର, (ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାରଠାରେ ମଙ୍ଗଳବାର ଆୟୁଷ୍ମାନ୍ କାର୍ଡ ବଣ୍ଟନର ଶୁଭାରମ୍ଭ କରାଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଯୋଗଦେଇ ୧୫୧ ଜଣ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିଥିଲେ। ସୁଭଦ୍ରାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ. ପ୍ରଶାନ୍ତ କୁମାର ସାମଲ, ପୁଷ୍ପିତା ପାଲୁର, ସୁବାଶିଷ ଶତପଥୀଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

**ଚୌଦ୍ୱାର, (ଆଶୁତୋଷ ଦାସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ପଡ଼ିଆରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଅତିଥି ଭାବେ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରାଯାଇଥିବା ୭୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ଦୌଲତାବାଦ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶରତ କୁମାର ସିଂ ସ୍ୱାଗତ ଭାଷଣ ଓ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରବୀନ୍ଦ୍ର କୁମାର ମହାପାତ୍ର ଏହି ଯୋଜନା ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବିଧାୟକ ଆୟୁଷ୍ମାନ୍ ପ୍ରଚାର ରଥ ଉଦ୍‌ଘାଟନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ଅଧିକାରୀ ମନୋରଞ୍ଜନ ଦାଶଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ରହି ୧୯ଟି ୱାର୍ଡର ୫୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ନୂତନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ । ସାଇ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଦୀପ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

**ଖୁଣ୍ଟୁଣୀ, (ସଚ୍ଚିଦାନନ୍ଦ ପଣ୍ଡା):** ଖୁଣ୍ଟୁଣୀ ଡାକ୍ତରଖାନା ପରିସରରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ଖୁଣ୍ଟୁଣୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ଦିବ୍ୟଜ୍ୟୋତି ସିଥୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଭାଜପା କାର୍ଯ୍ୟକର୍ତ୍ତା ନୂତନ ରାଉତ, ବ୍ଲକ୍ ପ୍ରୋଗ୍ରାମ ଅଧିକାରିଣୀ ଅପନ୍ନା ମହାନ୍ତି, ଆୟୁଷ ଡାକ୍ତର ପ୍ରଜ୍ଞାମୟୀ ସେଠୀ, ଖୁଣ୍ଟୁଣୀ ମଣ୍ଡଳ ସଭାପତି ଶୋଭମ ପ୍ରିୟଦର୍ଶୀ, ହେମନ୍ତ ନାୟକ, ପ୍ରଭାତ ଜେନା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଖୁଣ୍ଟୁଣୀ ଧୁରୁଷିଆ, ଘଣ୍ଟିଖାଲ, ଡାଲଭାଗ, କଣ୍ଡେଇ, ରାଧାକୃଷ୍ଣପୁର, କୁଲାଇଲୋ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି, ସ୍ୱାସ୍ଥ୍ୟକର୍ମୀ, ବ୍ଲକ ପରିଦର୍ଶିକା ଉପସ୍ଥିତ ଥିଲେ। ମଙ୍ଗଳବାର ପ୍ରାୟ ୩୦ ଜଣଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଛି। ପରେ ଅବଶିଷ୍ଟ କାର୍ଡକୁ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ବଣ୍ଟନ କରିବେ ବୋଲି ଜଣାପଡିଛି।


ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରୁଛନ୍ତି।

**ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର):** କଟକ ଜିଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ନଗସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଡ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମାହାଙ୍ଗାର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଉଦ୍‌ଘାଟନ କରି ଆୟୁଷ୍ମାନ ଯୋଜନା ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁପରିଣ୍ଟେଣ୍ଡ ଅମିତ ଜେନା, ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ନୃସିଂହ ମିଶ୍ର, ରମେଶ ସ୍ୱାଇଁଙ୍କ ସମେତ ନିର୍ବାଚିତ ଲୋକ ପ୍ରତିନିଧି ଯୋଗଦେଇଥିଲେ। ସେହିଭଳି ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ସ୍ୱାଧିନ ବିଧାୟକ ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଟ ତନୁଶ୍ରୀ ବିନ୍ଧାଣୀଙ୍କ ସମେତ ବହୁ ଲୋକ ପ୍ରତିନିଧି ଓ ସ୍ୱାସ୍ଥ୍ୟବିଭାଗର କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ଯୋଜନା ସମ୍ପର୍କରେ ଜନ ସଚେତନତା କରାଯିବା ସହ ସଚେତନତା ରଥର ଲୋକାର୍ପଣ କରାଯାଇଥିଲା।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଉପଖଣ୍ଡର ତୁଳସୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ମୁଖ୍ୟବକ୍ତା ଭାବେ ତୁଳସୀପୁର ଜନଆରୋଗ୍ୟ ସମିତି ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ତୁଳସୀପୁର ସରପଞ୍ଚ ଶରତ ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ନାରାୟଣ ଜେନା, ନରଗାଙ୍ଗ ସରପଞ୍ଚ ରେବତୀ ଜେନା, ଗୋପାଳପୁର ସରପଞ୍ଚ ଅବନ୍ତୀ ବେହେରା, ରଗଡ଼ି ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି, ଶିମିଳିପୁର ସରପଞ୍ଚ ସୁକାନ୍ତ ବେହେରା, ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷକ ଡା. ବନବାସୀ ବେହେରା, ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ପୁଷ୍ପଲତା ମହାପାତ୍ର ଯୋଗଦେଇ ଥିଲେ। ସେହିପରି ତାଳବସ୍ତ ପ୍ରାଥମିକ ସୱାସ୍ଥ୍ୟକେନ୍ଦ୍ରରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ କାର୍ଡର ଶୁଭାରମ୍ଭ କରିଥିଲେ। ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ଡାକ୍ତର ଅମରେଶ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଡ ବଣ୍ଟନ କରାଯାଇଥିଲା।

**ତିଗିରିଆ,(ଜାଫର ଖାଁ ):** ତିଗିରିଆ ବ୍ଲକ ଅନ୍ତର୍ଗତ ୪ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଯଥା ନୂଆପାଟଣା, ବଡନାଉପୁଟ, ଅଚଳକୋଟ, ଭିରୁଡ଼ାରେ ଆୟୁଷ୍ମାନ ଯୋଜନାରେ କାର୍ଡ ବଣ୍ଟନ କରାଯାଇଛି। ନୂଆପାଟଣାସ୍ଥିତ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ମେଡିକାଲ ଅଫିସର ଡା. ମନୋରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇଥିଲେ। ସେହିପରି ବଡ଼ନାଉପୁଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି)ରେ ଡା. ଶୁଭସ୍ମିତା ପଣ୍ଡା, ଫାର୍ମାସିଷ୍ଟ ଅଫିସର ପ୍ରବୋଧ ପଣ୍ଡା, ଅଚଳକୋଟ(ପିଏଚ୍‌ସି)ରେ ଡା. ସୁଶୀଳା ପଣ୍ଡା, ଫାର୍ମାସି ହରପ୍ରସାଦ ବେହେରା ,ଭିରୁଡ଼ା ପିଏଚସିରେ ଡା. ବିଶ୍ୱରଞ୍ଜନ ମିଶ୍ର, ବିପିଏମ୍ ରଶ୍ମିରଞ୍ଜନ ସ୍ୱାଇଁଙ୍କ ଉପସ୍ଥିତିରେ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମୋଟ ୭୬ ଜଣ ହିତାଧିକାରୀଙ୍କୁ ଏହି ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ କରାଯାଇଥିଲା।

**ମାଣିଆବନ୍ଧ,(ଅଖିଳ କୁମାର ସାହୁ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଖରିଆମ, ଗୋପୀନାଥପୁର ଓ ବାଙ୍ଗରସିଂହା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ହିତାଧିକାରୀମାନଙ୍କୁ ଆୟୁଷ୍ମାନ ଯୋଜନାର କାର୍ଡ ବଣ୍ଟନ କରାଯାଇଛି। ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଉଦୟଜ୍ୟୋତି ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଲୋକନାଥ ପାତ୍ର, ଜିଲା ଭାଜପା ଉପସଭାପତି, ବିଭୁଦତ୍ତ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ବରାଳ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ମହେନ୍ଦ୍ର ପଡ଼ିଆରୀ ପ୍ରମୁଖ ଯୋଗଦେଇଥିଲେ।

**ଫଟୋରେ ଖବର**



ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଛକଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଜାଳିଦେବା ଘଟଣାକୁ ନେଇ କଟକ ଜୋବ୍ରା ଆନିକଟ ଛକଠାରେ ଚୌଦ୍ୱାର-କଟକ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାର ବିରୋଧରେ ମଙ୍ଗଳବାର କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳାବାଗଠାରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

## ସଂକ୍ଷେପରେ

### ଆୟୁଷ୍ମାନ୍ କାର୍ଡ ବଣ୍ଟନ କାର୍ଯ୍ୟର ତଦାରଖ କଲେ ଜିଲାପାଳ

**ଟାଙ୍ଗୀ,୧୫।୪(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ରତନପୁର ପଞ୍ଚାୟତ ଛେଳିଆସାହି ଅଙ୍ଗନୱାଡି କେନ୍ଦ୍ରରେ ଆୟୁଷ୍ମାନ୍ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ସମୟରେ ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣା ପହଞ୍ଚି ସ୍ଥାନୀୟ ହିଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ କେୱାଇସି କିପରି ଚାଲିଛି ତାହାର ତଦାରଖ କରିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ, ପର୍ଯ୍ୟାୟକ୍ରମେ ସମସ୍ତ ରାଶନକାର୍ଡ ହିତାଧିକାରୀ ଏହି ସ୍ୱାସ୍ଥ୍ୟକାର୍ଡ ପାଇବେ। ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ସ୍ୱାସ୍ଥ୍ୟକାର୍ଡ କରିବାକୁ ଆବେଦନ କରିପାରିବେ। ବିଡିଓ ରୁମାନା ଜାଫ୍ରି, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପବ୍ଲିକ ହେଲ୍ଥ ଅଫିସର ଝୁମାରାଣୀ ଚକ୍ରବର୍ତ୍ତୀ, ଏଏନ୍ଏମ୍ ସସ୍ମିତା ମହାରଣା, କଳ୍ପନା ସେଠୀ, ଆଶାକର୍ମୀ ସୁବର୍ଣ୍ଣ ସୁନ୍ଦରୀ ନାଇଡୁ, ଅଙ୍ଗନୱାଡି କର୍ମୀ ବି. ମଞ୍ଜୁଳା ନାଇଡୁ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ମେରୁ ପର୍ବ ଉଦ୍‌ଯାପିତ

**ବେଗୁନିଆ,୧୫।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଚନ୍ଦ୍ରଶେଖର ଦେବଙ୍କ ନିକଟରେ ଚାଲିଥିବା ୧୭ଦିନିଆ ପାଣି ତୋଳା ଉତ୍ସବ ମଙ୍ଗଳବାର ମେରୁ ପର୍ବ ପାଳନ ସହ ଉଦ୍‌ଯାପିତ ହୋଇଯାଇଛି। ଗୁରୁ ଦାଶରଥୀ ମିଶ୍ରଙ୍କ ଦ୍ୱାରା ଲିଖିତ ନାଟକ ହରିଶ୍ଚନ୍ଦ୍ର ସନ୍ଧ୍ୟାରେ ପରିବେଷଣ କରାଯାଇଥିଲା। ରାତିରେ ତାରକେଶ୍ୱରଙ୍କ ପୀଠରେ ମାନସିକ କରିଥିବା ବ୍ୟକ୍ତିମାନେ ଲିଙ୍ଗ ପୁରାଣ କାର୍ଯ୍ୟକ୍ରମ କରିଥିଲେ। ୪୦ରୁ ଉର୍ଦ୍ଧ୍ୱ କଳାକାର ଅଭିନୟ କରିଥିଲେ। ରବୀନ୍ଦ୍ର ସେଠି ଏବଂ ଟୁଲୁ ମହାରଣା, ଜଗନ୍ନାଥ ମିଶ୍ର କଳାକାରଙ୍କୁ ଉତ୍ସାହିତ କରିଥିଲେ।

### ଶ୍ରୀରାମ ନବାହ୍ନ ପାରାୟଣ ଉଦ୍‌ଯାପିତ

**ଖୋର୍ଦ୍ଧା,୧୫।୪(ପ୍ରଭାତ ପାଣିଗ୍ରାହୀ)**

ଶ୍ରୀରାମ ମନ୍ଦିର ଉନ୍ନୟନ ପରିଷଦ ଓ ଶ୍ରୀରାମ ନଗର ଅଧିବାସୀଙ୍କ ପକ୍ଷରୁ ଅନୁଷ୍ଠିତ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ ୩୪ତମ ସାମ୍ବତ୍ସରିକ ଉତ୍ସବ ସୋମବାର ପୂର୍ଣ୍ଣାହୁତି ସହ ଶେଷ ହୋଇଛି। ପ୍ରଥମ ଦିବସରେ ଶ୍ରୀରାମାଷ୍ଟକମ୍, ହନୁମାନ ଚାଲିଶା ପଠନରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦୈନିକ ସନ୍ଧ୍ୟା ଆଳତି ଏବଂ ନବାହ୍ନ ପାରାୟଣରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଧୁସୂଦନ ପଣ୍ଡା ଠାକୁରଙ୍କ ପୂଜାର୍ଚ୍ଚନା, ଯଜ୍ଞାଚାର୍ଯ୍ୟ ଭାବେ ପଣ୍ଡିତ ରାଜକିଶୋର ଦାଶ ଏବଂ ବ୍ୟାସଭାବେ ରମେଶ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ପ୍ରଥମ ଦିବସରେ ବଜରଙ୍ଗୀ ଦାସ ଶ୍ରୀରାମ ନାମ ମାହାତ୍ମ୍ୟ, ଶିବ ବିବାହ ସମ୍ପର୍କରେ ପ୍ରବଚନ ଦିଆଯାଇଥିବା ବେଳେ ଦ୍ୱିତୀୟ ଦିବସରେ ପଦ୍ମନାଭ ସାହୁ ଶ୍ରୀରାମଙ୍କ ଜନ୍ମଠାରୁ ଅହଲ୍ୟା ଉଦ୍ଧାର, ତୃତୀୟ ଦିବସରେ ଶିବଧନୁ ଭଗ୍ନଠାରୁ ସୀତା ବିବାହ, ପର୍ଶୁରାମ ଭେଟ, ୪ର୍ଥ ଦିବସରେ ମନ୍ଥରା ମନ୍ଥନ, ପ୍ରଭୁ ଶ୍ରୀରାମଙ୍କ ବନବାସ, ୫ମ ଦିବସରେ ଭରତଙ୍କ ଚିତ୍ରକୁଟ ଗମନ, ଭରତ ଓ ଶ୍ରୀରାମଙ୍କ ମିଳନ, ୬ଷ୍ଠ ଦିବସରେ ଜଟାୟୁ ସମ୍ବାଦ, ଶବରୀ ପ୍ରସଙ୍ଗ ଏବଂ ୭ମ ଦିନରେ ସୀତା ଠାବ, ଲଙ୍କା ଦହନ, ବିଭୀଷଣ ସମ୍ବାଦ ଏବଂ ୮ମ ଦିବସରେ ରାବଣ ବଧ, ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ରାଜ୍ୟାଭିଷେକ ସହ ଶ୍ରୀରାମଚରିତ ମାନସ ପାରାୟଣ ଉଦ୍‌ଯାପିତ ହୋଇଥିଲା।

# ଅଷ୍ଟଶମ୍ଭୁ ମେଳଣ ଉଦ୍‌ଯାପିତ

**ବାଲୁଗାଁ,୧୫।୪(ସଂଗ୍ରାମ ପାଇକରାୟ)**



ମେଳଣରେ ଏକତ୍ରିତ ହୋଇଥିବା ବିଭିନ୍ନ ଅଞ୍ଚଳର ଦେବଦେବୀ।

ମହାବିଷୁବ ସଂକ୍ରାନ୍ତି ଅବସରରେ ବାଲୁଗାଁ ଅଞ୍ଚଳର ଆରାଧ୍ୟ ଉମାମହେଶ୍ୱର ଦେବଙ୍କ ପୀଠରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଅଷ୍ଟଶମ୍ଭୁ ମେଳଣ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନାଧିପତି ଉମାମହେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ଗବପଦର ଗ୍ରାମର ରାମେଶ୍ୱର ଦେବ ଏବଂ ବାଙ୍କନିଧି ଦେବ, ସିଂହନାଥ ଦେବ ବିଜେ ସିଙ୍ଗେଶ୍ୱର, ନୀଳକଣ୍ଠେଶର ଦେବ ବିଜେ ନିମିକ୍ଷେତା, ବାଲୁଙ୍କେଶ୍ୱର ଦେବ ବିଜେ ଦୋଳମୁଣ୍ଡାଇ, ଚନ୍ଦ୍ରଶେଖର ଦେବ ବିଜେ ବଡ଼କୁଳ, ଗତୀଶ୍ୱର ଦେବ ବିଜେ ମଙ୍ଗରାଜପୁର, ଗୁପ୍ତେଶ୍ୱର ଦେବ ବିଜେ ରଘୁନାଥପୁର, ଜଳେଶ୍ୱର ଦେବ ବିଜେ ଖଣ୍ଟୁଆଳକୋଟ, ବୁଢ଼ାଲିଙ୍ଗେଶ୍ୱର ଦେବ ବିଜେ ଇଞ୍ଜନପୁର, ଦଧିବାମନ ଦେବ ବିଜେ ସାନ୍ତରାପୁର, ଗୋପାଳଜୀଉ ଦେବ ବିଜେ ପାଟଣାସାହି, ରଘୁନାଥ ଦେବ ବିଜେ ବାଲୁଗାଁ, ରାଧାଗୋବିନ୍ଦ ଦେବ ବିଜେ କୁଲାକୁଣ୍ଢେଇ ନୂଆଗାଁ ଠାକୁରଙ୍କ ସମେତ ବାଲୁଗାଁ ଅଞ୍ଚଳର ମା' ଜାଗୁଲାଇ ଏବଂ ମା'ଚଣ୍ଡୀ ଠାକୁରାଣୀ ମୋଟ ୧୮ ଦେବଦେବୀ ସୋମବାର ରାତିରେ ପାଟପଟୁଆର ସହ ଶୋଭାଯାତ୍ରାରେ ଆସି ମେଳଣ ପଡିଆରେ ସ୍ୱ ସ୍ୱ ଆସ୍ଥାନରେ ବିଜେ କରିଥିଲେ। ଏହାପରେ ଠାକୁରଙ୍କୁ ପଣାଭୋଗ ଲାଗି ହୋଇଥିଲା। ଏହି ଅବସରରେ ରାତିତମାମ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ମଙ୍ଗଳବାର ସକାଳେ ଏବଂ ମଧ୍ୟାହ୍ନରେ ଠାକୁରଙ୍କୁ ଭୋଗ ଲାଗି ହେବା ସହ ଦିନତମାମ ହୋମଯଜ୍ଞ ଓ ପୂଜାର୍ଚ୍ଚନା ହୋଇଥିଲା। ଅପରାହ୍ନରେ ହୋମ ପୂର୍ଣ୍ଣାହୁତି ପରେ ମେଳଣ ପର୍ବ ଆରମ୍ଭ ହୋଇଥିଲା । ସମସ୍ତ ଠାକୁର ସେବାୟତଙ୍କ ଗହଣରେ ମେଳଣ ପଡିଆକୁ ବିଜେ କରିବା ପରେ ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ଓ ଘଣ୍ଟଘଣ୍ଟା କାହାଳୀ ଧ୍ୱନିରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଉଠିଥିଲା । ଏହି ଉତ୍ସବ ନିମନ୍ତେ ମଙ୍ଗଳବାର ବାଲୁଗାଁର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ମେଳଣରେ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ମେଳଣ ଶେଷ ପରେ ସନ୍ଧ୍ୟାରେ ସମସ୍ତ ଠାକୁର ସ୍ୱ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଏହି ଅବସରରେ ଶୋଭାଯାତ୍ରା ଏବଂ ବିମାନ ସାଜସଜ୍ଜା କ୍ଷେତ୍ରରେ ଉତ୍କୃଷ୍ଟ ବିବେଚିତଙ୍କୁ ଉମାମହେଶ୍ୱର ଦେବ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି। ବିମାନ ସାଜସଜ୍ଜାରେ ଉମାମହେଶ୍ୱର ଦେବ ବାଲୁଗାଁ ପ୍ରଥମ, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା ଦ୍ୱିତୀୟ ଏବଂ ସିଂହନାଥ ଦେବ ସିଙ୍ଗେଶ୍ୱର ଓ ବୁଢ଼ାଲିଙ୍ଗେଶ୍ୱର ଦେବ ଇଞ୍ଜନପୁର ତୃତୀୟ ଯୁଗ୍ମ ବିଜେତା ଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ପଟୁଆର ଶୋଭାଯାତ୍ରାରେ ରାଧାଗୋବିନ୍ଦ ଦେବ କୁଲାକୁଣ୍ଢେଇ ନୂଆଗାଁ ପ୍ରଥମ, ଦଧିବାମନ ଦେବ ସାନ୍ତରାପୁର ଦ୍ୱିତୀୟ ଏବଂ ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଲୁଗାଁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୁଇଦିନ ବ୍ୟାପୀ ପଣା ବଣ୍ଟନ ଏବଂ ଜଳଛତ୍ର ସେବା ଯୋଗାଇ ଦିଆଯାଇଥିଲା। ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ଚିଲିକା ତହସିଲଦାର କାହ୍ନୁ ଚରଣ ଘଡ଼ାଇ, ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ପ୍ରମୁଖ ମିଳିତ ଭାବେ ଏହି ଉତ୍ସବ ପରିଚାଳନା କରିଥିଲେ। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

### ଓଡ଼ିଆ ନବବର୍ଷ ସମ୍ପର୍କରେ ଯୁବଗୋଷ୍ଠୀଙ୍କୁ ସଚେତନ କରାଯାଉ

**ଟାଙ୍ଗୀ,୧୫।୪(ରଘୁନାଥ ସାହୁ)**

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବଳରାମ ଦେବ ମନ୍ଦିରଠାରେ ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଜୟ ରାଉତ ଯୋଗଦେଇ ଓଡ଼ିଆ ନବବର୍ଷ ସମ୍ପର୍କରେ ଯୁବଗୋଷ୍ଠୀଙ୍କୁ ସଚେତନ କରାଯାଉ ବୋଲି କହିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, ଡା. ମଧୁସୂଦନ ସେନାପତି, ଅରୁଣ ରଞ୍ଜନ ମହାନ୍ତି, ମନୋଜ ପାତ୍ର, ରମେଶ ଚନ୍ଦ୍ର ରାଉତ, ଖବରଦାତା ରଘୁନାଥ ସାହୁ, ବିଛେନ୍ଦ ଜୟସିଂ, ଘନଶ୍ୟାମ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରଫୁଲ୍ଲ ଜେନା, ଉମେଶ ପ୍ରସାଦ ଧଳ, ଭାସ୍କର ପ୍ରଧାନ, କୁନ୍ତଳା ସାହୁ, ବି. ସଂଘମିତ୍ରା ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ପଣା ବଣ୍ଟନ କରାଯାଇଥିଲା। ଉପଦେଷ୍ଟା ଦିଲୀପ ନାଥ, ପ୍ରଭାକର ବିଶ୍ୱାଳ, ମନୋଜ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ନିମାଇଁ ଚରଣ ସାହୁ, ରବୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୩୮୪ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଚଞ୍ଚଳ ରାଣା ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଖୋର୍ଦ୍ଧା/ଟାଙ୍ଗୀ,୧୫।୪ (ପ୍ରଭାତ ପାଣିଗ୍ରାହୀ/ ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ପଞ୍ଚାୟତ ସଭାଗୃହଠାରେ ମଙ୍ଗଳବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ଶିବିରରେ ମୋଟ ୩୮୪ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୩୬୪ଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୨୦ଟି ଅଭିଯୋଗ ଗ୍ରାମୀଣ ସମସ୍ୟା ରହିଥିଲା। ୫ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ଜଣ ଅଭିଯୋଗକାରୀଙ୍କୁ ମୋଟ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ଏବଂ ଜିଲା ରେଡକ୍ରସ୍ ପାଣ୍ଠିରୁ ୨ଜଣ ଅଭିଯୋଗକାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ୧୨ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯାଇଛି। ସେହିପରି ଜଣେ ଅଭିଯୋଗକାରୀଙ୍କୁ ଟ୍ରାଇସାଇକେଲ ଏବଂ ୨ ଜଣ ଅଭିଯୋଗକାରୀଙ୍କୁ ଦୁଇଟି କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଛି। ପରେ ଜିଲାପାଳ ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି , ଓଡ଼ିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରାଣୀ ଚିକିତ୍ସା ବିଭାଗ, ପଞ୍ଚାୟତ ଆମ୍ବ ବଗିଚା ବୁଲି ଦେଖି ଖୁସି ହୋଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଟାଙ୍ଗୀ ବିଡିଓ ରୁମାନା ଜାଫ୍ରି, ତହସିଲଦାର ମିତାଲି ପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର (ଅଭିଯୋଗ) ଆର୍ତ୍ତତ୍ରାଣ ମଲ୍ଲିକ, ସହକାରୀ କଲେକ୍ଟର (ଅଭିଯୋଗ) ଭୁବନେଶ୍ୱରୀ କଅଁର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଶ୍ୟାମଳେନ୍ଦୁ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

### ମହାବୀର ମନ୍ଦିରର ବାର୍ଷିକୋତ୍ସବ

**ବାଲୁଗାଁ,୧୫।୪(ସଂଗ୍ରାମ ପାଇକରାୟ)**

ବାଲୁଗାଁ ବାଣପୁର ରୋଡ଼ର ଅଲାଇଡିହ ଛକରେ ଥିବା ମହାବୀର ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ ସୂର୍ଯ୍ୟ ପୂଜା, ବରୁଣ ପୂଜା ଆରମ୍ଭ କରାଯାଇ ପୂର୍ଣ୍ଣ କଳସ ଯାତ୍ରା ହୋଇଥିଲା। ପରେ ଯଜ୍ଞ ମଣ୍ଡପରେ ରଘୁନାଥ ଦେବଙ୍କୁ ସ୍ଥାପନା କରାଯାଇ ସଂସାରର ମଙ୍ଗଳ ଉଦ୍ଦେଶ୍ୟରେ ଘୃତଯଜ୍ଞ କରାଯାଇଥିଲା। ସ୍ୱେଚ୍ଛାସେବୀ ଯୁବକମାନେ ପଣା ବଣ୍ଟନ କରିଥିଲେ। ପରେ ଯଜ୍ଞ ସମାପନ କରାଯାଇ ପୂର୍ଣ୍ଣକୁମ୍ଭ ବିସର୍ଜନ କରାଯାଇଥିଲା। ମହାବୀର କମିଟିର ସଭାପତି ମନମୋହନ ସାମନ୍ତରାୟ, ସମ୍ପାଦକ ବସନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଉମାକାନ୍ତ ବରାଳ, ସଭ୍ୟ ଭଗବାନ ମହାରଣା, ଲକ୍ଷ୍ମଣ ବରାଳ, ପ୍ରମୋଦ କୁମାର ପଣ୍ଡା, ମହେନ୍ଦ୍ର ପାତ୍ର, ରାଜୀବ ଜେନା, ଜଗନ୍ନାଥ ପ୍ରଧାନ, ଗୌରାଙ୍ଗ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବାଲୁଗାଁସ୍ଥିତ ଉମା ମହେଶ୍ୱର ଦେବ, ରାମେଶ୍ୱର ଦେବ, ଧୂଆଁଳ ଧବଳେଶ୍ୱର ଦେବ, ସିଙ୍ଗିନାଥ ଦେବ ଏବଂ ରଘୁନାଥ ଦେବ ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି।

### ଖଣ୍ଡାୟତ କ୍ଷତ୍ରିୟ କଳ୍କୀ ସେନାର ବାର୍ଷିକ ଉତ୍ସବ

**ବେଗୁନିଆ,୧୫।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଗଡ଼ଗୁଡୁମ ଗ୍ରାମସ୍ଥିତ ବାବା ବକ୍ରେଶ୍ୱର ଦେବଙ୍କ ପୀଠରେ ଖଣ୍ଡାୟତ କ୍ଷତ୍ରିୟ କଳ୍କୀ ସେନାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ସଭାପତି ଯୋଗୀନାଥ ବଳିୟାର ସିଂହଙ୍କ ଅଧ୍ୟକ୍ଷତାରେ ଅବିଭକ୍ତ ପୁରୀ ଜିଲାର ଖଣ୍ଡାୟତ କ୍ଷତ୍ରିୟ କଳ୍କୀ ସେନାର ସଦସ୍ୟମାନେ ଏକତ୍ରିତ ହୋଇ ସଂଗଠନକୁ ସୁଦୃଢ କରିବା ସହ ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବାକୁ ମତପ୍ରକାଶ ପାଇଥିଲା। ଏଥିରେ ଉପଦେଷ୍ଟା ନବ କିଶୋର ବିଧାର ଓ କୋଷାଧ୍ୟକ୍ଷ ପ୍ରବୀର କୁମାର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମୀର କୁମାର ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରେ କଂଗ୍ରେସର ମଶାଲ ଶୋଭାଯାତ୍ରା





ଖୋର୍ଦ୍ଧାରେ ଆୟୋଜିତ ମଶାଲ ଶୋଭାଯାତ୍ରାରେ କଂଗ୍ରେସ ନେତ୍ରୀ ସୋନାଲି ସାହୁ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା/ବାଣପୁର/ ବୋଲଗଡ଼/ ବେଗୁନିଆ,୧୫।୪ (ପ୍ରଭାତ ପାଣିଗ୍ରାହୀ/ ଦିଲୀପ ସ୍ୱାଇଁ/ ଦେବବ୍ରତ ହୋତା/ ସନ୍ଧ୍ୟାରାଣୀ ମିଶ୍ର)**

ଓଡ଼ିଶାରେ ନାରୀ ନିର୍ଯାତନା, ବଳାତ୍କାର, ଗଣବଳାତ୍କାର, ହତ୍ୟା ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନରେ ମଙ୍ଗଳବାର ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ଖୋର୍ଦ୍ଧା କଂଗ୍ରେସ କମିଟି ପକ୍ଷରୁ ମଶାଲ ଶୋଭାଯାତ୍ରା ଖୋର୍ଦ୍ଧା ବ୍ୟାଙ୍କ ଛକଠାରୁ ବାହାରି ଗୀତାଭବନ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। କଂଗ୍ରେସ ନେତ୍ରୀ ସୋନାଲି ସାହୁଙ୍କ ନେତୃତ୍ୱରେ କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ବରିଷ୍ଠ ନେତା ଶିଶିର ପରିଡାଙ୍କ ସମେତ ଏକାଧିକ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ କଂଗ୍ରେସ ନେତ୍ରୀ ସାହୁଙ୍କ ସମେତ କଂଗ୍ରେସ ନେତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେହିପରି ଚିଲିକା କଂଗ୍ରେସ ପକ୍ଷରୁ ବାଣପୁରରେ ମଶାଲ ଶୋଭାଯାତ୍ରା ହୋଇଥିଲା। ଖୋର୍ଦ୍ଧା ଜିଲା ଉପସଭାପତି ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ମା'ଭଗବତୀ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ରାଜ୍ୟ ସରକାର ବିରୋଧରେ ଏବଂ ନାରୀ ନିର୍ଯାତନା ବୃଦ୍ଧି ପ୍ରତିବାଦରେ ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରି ପଲଟଣ ପଡିଆ ନିକଟ ମା'ଟିକିରାଇଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାରୀ ନିର୍ଯାତନା, ହତ୍ୟା ବନ୍ଦ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ବୋଲଗଡ଼ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ନନ୍ଦିଘୋଷ ଭବନଠାରୁ ବାହାରି ବଜାର ପରିକ୍ରମା କରି ମଙ୍ଗଳା ମନ୍ଦିର ଦେଇ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଏକ ପ୍ରତିବାଦ ସଭା ହୋଇଥିଲା। ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ପିସିସି କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ନାରୀନେତ୍ରୀ ଜୟଶ୍ରୀ ପଟ୍ଟନାୟକ, ସଦାଶିବ ମହାପାତ୍ର, ଗଣେଶ୍ୱର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବୋଲଗଡ଼ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ସେହିପରି ବେଗୁନିଆ ସଦର ମହକୁମାସ୍ଥିତ ପୋଷ୍ଟ ଅଫିସ ଛକଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ହୋଇଥିଲା। ନାରୀମାନେ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସଦାଶିବ ମହାପାତ୍ର, ରାଜୀବ ପଟ୍ଟନାୟକ, ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, କାଳନ୍ଦୀ ଚରଣ ମହାପାତ୍ର, ତାରା ପଟ୍ଟନାୟକ, ବରିଷ୍ଠ ନେତ୍ରୀ ଜୟଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ବହୁ କର୍ମୀ ଶୋଭାଯାତ୍ରାରେ ଯୋଗଦେଇଥିଲେ।

# ମହାପାଟଦେଈ କାଳିକା ଦେବୀ ମହୋତ୍ସବ ଉଦ୍‌ଯାପିତ

**ବେଗୁନିଆ,୧୫।୪(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମାସ୍ଥିତ ମା' ଦୁର୍ଗାଦେବୀଙ୍କ ଯାତ୍ରା ପଡ଼ିଆରେ ଚାଲିଥିବା ମହାପାଟଦେଈ କାଳିକା ଦେବୀ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀମାନେ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର, ଲୋକନାଥ ସାହୁ ଏବଂ ଅଭିନାଶ ସୁବୁଦ୍ଧି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ସାଇକଳା ନୃତ୍ୟାନୁଷ୍ଠାନ, କଟକର ନଟରାଜ ଡ୍ୟାନ୍ସ ଏକାଡେମୀ ସହିତ ବହୁ କଳାକାର ସେମାନଙ୍କର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଜ୍ଞା ପରିମିତା ସଙ୍ଗୀତ ପରିବେଷଣ କରିଥିଲେ। ପ୍ରକାଶ ଯେ, ଭକ୍ତି ଓ ଉପାସନାର ମୌଳିକ ପର୍ବ ଭାବେ ପରିଚିତ ଦଣ୍ଡ ନୃତ୍ୟ ପାରମ୍ପରିକ ରିତୀ ଓ ନୀତିରେ ବର୍ଷକୁ ଥରେ ବେଗୁନିଆର ତେର ଭଗତାମାନେ ପାଳନ କରିଥାନ୍ତି। ଏହି ପର୍ବକୁ ବଢ଼ାଇବାକୁ ଯାଇ କମିଟି ପକ୍ଷରୁ ମହୋତ୍ସବର ଆୟୋଜନ କରାଯାଇଛି। ଚଳିତ ବର୍ଷ ମହାଦେବଙ୍କ ନୀତି ଓ ୧୦୮ ଶିବଲିଙ୍ଗ ରୂପରେ ପ୍ରଦର୍ଶନୀର ବ୍ୟବସ୍ଥା କରାଯାଇଥିଲା। ଫଳରେ ଶ୍ରଦ୍ଧାଳଙ୍କ ମନରେ ଆଧାତ୍ମିକ ଚେତନା ଜାଗ୍ରତ କରିଛି। ଦିନରେ ତେର ଭଗତାଙ୍କ ଦଣ୍ଡ ନୃତ୍ୟ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣ ସାଜିଥିଲା। ବେଗୁନିଆ ସଦର ମହକୁମାସ୍ଥିତ କାମନାସାହି କାଳୀକା ଦେବୀଙ୍କ ପୀଠ ପରିସରରେ ତେର ଭଗତାଙ୍କ ଖଣ୍ଡାପାଟ ଓ କରପାଟ, ଝାମୁଯାତ୍ରା ଆଦି ରୀତି ଓ ନୀତିରେ ପାଳିତ ହୋଇଯାଇଛି।

# ଆମ୍ବେଡକରଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ

**ଟାଙ୍ଗୀ,୧୫।୪(ରଘୁନାଥ ସାହୁ)**



କୁହୁଡ଼ିଠାରେ ଅନୁଷ୍ଠିତ ଆମ୍ବେଡକରଙ୍କ ଜୟନ୍ତୀରେ ଯୋଗଦେଇଥିବା ଅତିଥି।

କୁହୁଡ଼ିସ୍ଥିତ ଆମ୍ବେଡକର କ୍ଲବ ଆନୁକୂଲ୍ୟରେ ବାବାସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅରୁଣ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥିଭାବେ ଶ୍ରୀବତ୍ସ ପରିଡ଼ା, ମନୋଜ କୁମାର ମାନସିଂହ, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ପବିତ୍ର ହରିଚନ୍ଦନ, ଶ୍ରୀମନ୍ତ ମହାପାତ୍ର, ଭୁବନାନନ୍ଦ ନାୟକ, ସଞ୍ଜୟ ସ୍ୱାଇଁ, ବସନ୍ତ ସିଂ ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଜୀବନୀ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଆମ୍ବେଡକର କ୍ଲବ ସଭାପତି ରମାକାନ୍ତ ନାୟକ, ସମ୍ପାଦକ ଚନ୍ଦନ ନାୟକ, କୋଷାଧ୍ୟକ୍ଷ କ୍ଷେତ୍ରବାସୀ ନାୟକ, ରାମଚନ୍ଦ୍ର ନାୟକ, ଶରତ ମହାପାତ୍ର, ଆଲୋକ ନାୟକ, ଲକ୍ଷ୍ମଣ ନାୟକ, ବାସୁଦେବ ଜେନା, ବିଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାଲିପାଟପୁର ବେହେରା ବୈଷୟିକ ଛାତ୍ର ସଙ୍ଗଠନ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥିଭାବେ କାର୍ତ୍ତିକ ବେହେରା, ଧୀରେନ୍ଦ୍ର ବେହେରା, କାଳନ୍ଦୀ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଛାତ୍ର ସଙ୍ଗଠନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଚିଲିକା ବ୍ଲକ ଅନ୍ତର୍ଗତ ଜରିପଡ଼ା ପଞ୍ଚାୟତର ମା' ମଙ୍ଗଳା ସାହିରେ ବାବାସାହେବ ଆମ୍ବେଡ୍‌କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାହିର ଯୁବକମାନେ ଆମ୍ବେଡ୍‌କରଙ୍କ ତୈଳ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅମୂଲ୍ୟ ନାୟକ, ଅନିଲ ନାୟକ, ପ୍ରଶାନ୍ତ ନାୟକ, ହରମୋହନ ନାୟକ, ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼):** ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପକ୍ଷରୁ ବାବାସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଖୋର୍ଦ୍ଧାରୋଡ଼ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ପି.କେ. ବେହେରା, ଶୁଭ୍ରଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା), ସମସ୍ତ ଶାଖାଧିକାରୀ ଏବଂ କର୍ମଚାରୀ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ 'ଡକ୍ଟର ବି.ଆର୍. ଆମ୍ବେଡକର-ଭାରତରେ ସାମାଜିକ ନ୍ୟାୟର ପ୍ରତୀକ' ବିଷୟକୁ ନେଇ ରେଳ କର୍ମଚାରୀଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିବା ବେଳେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର୍.ଏନ୍.ଏ. ପରିଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେହିପରି ଭାରତରତ୍ନ ବାବାସାହେବ ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ଖୋର୍ଦ୍ଧାରୋଡ ଶାଖାର ନୂତନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଭୈରବ କୁମାର ସାମଲ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବିଜୟ ରାମ ମହାନ୍ତି, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଓଡ଼ିଆ ନବ ବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତା ଅଭିନନ୍ଦନ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ବୈଠକରେ ସଙ୍ଗଠନ ସମ୍ପାଦକ ସୂର୍ଯ୍ୟ ନାରାୟଣ ପାଢ଼ୀ, ସହସମ୍ପାଦକ ସୌଦାଗର ମହାନ୍ତି, ସୁବାସ ଚନ୍ଦ୍ର ଡାକୁଆ, ଅଶୋକ ମହାରଣା, ଅବନୀ ମାଝୀ, ଅରୁଣ ମହାନ୍ତି, ନୀଳମଣି ଭୂୟାଁ, ଜୟନ୍ତୀ ମହାରଣା, ପ୍ରଣତୀ ସ୍ୱାଇଁ ପ୍ରମୁଖ ମଧ୍ୟ ମତ ରଖିଥିଲେ। କୋଷାଧ୍ୟକ୍ଷ ଉଲ୍ଲାସ ଚନ୍ଦ୍ର ଜେନା, ବିଘ୍ନରାଜ ପାତ୍ର ଉପସ୍ଥିତ ଥିଲେ।

**କୃଷ୍ଣପ୍ରସାଦ, (କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ପକ୍ଷରୁ ବାବାସାହେବ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ଜୟନ୍ତୀ ବଜ୍ରକୋଟଠାରେ ପାଳିତ ହୋଇଯାଇଛି। ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ହୋଇଥିଲା। ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସେଠୀ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ନାଲୁ ପ୍ରଧାନ, ମନୋଜ କୁମାର ଜେନା, ବିଶ୍ୱଜିତ ବିଶ୍ୱାଳ, ପ୍ରିୟବ୍ରତ ସିଂହସାମନ୍ତ, ବିଚ୍ଛନ୍ଦ ଜେନା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ଗୋମୁଣ୍ଡିଆ ପଞ୍ଚାୟତର ଚାରିଛକଠାରେ ଗ୍ରାମବାସୀଙ୍କ ପକ୍ଷରୁ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ବିଷ୍ଣୁ ଚରଣ ବେହେରା ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ୟାମ ସୁନ୍ଦର ନାୟକ, ଶରତ କୁମାର ନାୟକ, ଉଦୟ ନାଥ ନାୟକ, ନିରଞ୍ଜନ ନାୟକ, ଆନନ୍ଦ ନାୟକ, ପବିତ୍ର ନାୟକ, ବିଶ୍ୱଜିତ ନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ବାଣପୁରରେ ଆୟୋଜିତ ମଶାଲ ଶୋଭାଯାତ୍ରାରେ କଂଗ୍ରେସ ନେତା ପ୍ରଦୀପ ସ୍ୱାଇଁ ଓ ଅନ୍ୟମାନେ।

### ଜଟଣୀରେ ପୃଥକ୍ ମଶାଲ ଶୋଭାଯାତ୍ରା ନେଇ ଚର୍ଚ୍ଚା

**ଜଟଣୀ,୧୫।୪(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀରେ ମଙ୍ଗଳବାର ପୃଥକ୍ ମଶାଲ ଶୋଭାଯାତ୍ରାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ସକାଳେ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ସ୍ଥାନୀୟ ମା'ଡମଣେଇ ମନ୍ଦିରଠାରୁ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଏହି ଅବସରରେ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସିଦ୍ଧାର୍ଥ ରାଉତରାୟ, ଅଶୋକ ମଙ୍ଗରାଜଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ସେହିପରି ସନ୍ଧ୍ୟାରେ କଂଗ୍ରେସ ନେତା ସନ୍ତୋଷ ଜେନା କେତେଜଣ କଂଗ୍ରେସ କର୍ମୀଙ୍କ ସହ ମା'ଡମଣେଇ ମନ୍ଦିରଠାରେ ପ୍ରତିବାଦ କରିଥିଲେ। ତେବେ ପୃଥକ୍‌ଭାବେ ସକାଳେ ଏବଂ ସନ୍ଧ୍ୟାରେ ଦୁଇ ନେତା ସେମାନଙ୍କ ସମର୍ଥକଙ୍କ ସହ ପ୍ରତିବାଦ କରିଥିବାରୁ ଜଟଣୀରେ କଂଗ୍ରେସ ନେତାଙ୍କ ମଧ୍ୟରେ କନ୍ଦଳ ରହିଥିବା ସାଧାରଣରେ ଆଲୋଚନା ହେଉଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୫।୪।୨୦୨୫

| | |
|---|---|
| ୪,୯୨,୨୪୯ ଟଙ୍କା | |
| ସୁନା | ୯୦୦ ମିଲିଗ୍ରାମ୍ |
| ରୁପା | ୨.୨୦୦ ଗ୍ରାମ୍ |

# ଶୃଙ୍ଖଳିତ ରଥଯାତ୍ରା ପରିଚାଳନା ପାଇଁ ଗୁରୁତ୍ୱ

■ ରଥଯାତ୍ରା ପ୍ରସ୍ତୁତି ବୈଠକ
■ ସବୁ ବିଭାଗ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

ପୁରୀ,୧୫।୪(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ରଥଯାତ୍ରାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ କେବଳ ରଥଯାତ୍ରା ନୁହେଁ ସ୍ନାନ ପୂର୍ଣ୍ଣିମାରେ ମଧ୍ୟ ଭିଡ଼ ଆଶା କରାଯାଉଥିବାରୁ ସବୁ ବିଭାଗ ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ।

ରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡ଼ା ସଂଗ୍ରହ, ନୀତି ସମ୍ପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ସୂଚନା କେନ୍ଦ୍ର ଓ ହଜିବା ଖୋଜିବା କେନ୍ଦ୍ର ବ୍ୟବସ୍ଥା, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ପି ଭିନୀତ ଅଗ୍ରୱାଲ ରଥଯାତ୍ରା ପାଇଁ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ସମସ୍ତ କାର୍ଯ୍ୟର ସଫଳତା ପାଇଁ ସମ୍ମିଳିତ ଭାବେ କରିବାକୁ ପରାମର୍ଶ ଦେଇଥିଲେ। ଅସୁରକ୍ଷିତ ବିଲ୍ଡିଂ ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ, ଅଗ୍ନି ନିର୍ବାପକ ବ୍ୟବସ୍ଥାର ସମୀକ୍ଷା ଇତ୍ୟାଦିକୁ ଯୁଗ୍ମ ତଦନ୍ତ ମାଧ୍ୟମରେ ତ୍ୱରାନ୍ୱିତ ପାଇଁ ପରାମର୍ଶ ଦିଆଯାଇଥିଲା।



ରଥଯାତ୍ରା ପ୍ରସ୍ତୁତି ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଅନ୍ୟ ଅତିଥିମାନେ।

ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ରଥକାଠର ଆବଶ୍ୟକତା, ଉପଲବ୍ଧ କାଠର ବିବରଣୀ, ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା ମୁଖ୍ୟ ହେମନ୍ତ କୁମାର ପାଢ଼ୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ବିଷ୍ଣୁ ପ୍ରସାଦ ପତି, ଉପଜିଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ମନୀଷା ଷଡ଼ଙ୍ଗୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସୂଚନାଯୋଗ୍ୟ, ଚଳିତ ବର୍ଷ ରଥଯାତ୍ରା ଜୁନ୍ ୨୭ରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଅକ୍ଷୟ ତୃତୀୟା ଏପ୍ରିଲ୍ ୩୦ରେ ଅନୁଷ୍ଠିତ ହେବ। ସେହିପରି ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୧୧ରେ ଅନୁଷ୍ଠିତ ହେବ। ସେହିପରି ସନ୍ଧ୍ୟା ଦର୍ଶନ ଜୁଲାଇ ୪ ତାରିଖ, ବାହୁଡ଼ା ଯାତ୍ରା ୫, ସୁନାବେଶ ୬, ଅଧରପଣା ୭ ଓ ନୀଳାଦ୍ରି ବିଜେ ୮ରେ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି।

# ରଥ ଅନୁକୂଳ ପାଇଁ କୁରାଢ଼ି ନିର୍ମାଣ

ପୁରୀ,୧୫।୪(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୩୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା। ଏହିଦିନଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଆରମ୍ଭ ସହ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହେବ। ଅକ୍ଷୟ ତୃତୀୟା ତିଥିରେ ବାହାର ଚନ୍ଦନ ଯାତ୍ରା ପାଇଁ ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଏବଂ ବିମାନକୁ ବିଜେ କରିବା ପରେ ୩ ବାଡ଼ରୁ ୩ ପୂଜାପଣ୍ଡା ବିଜେ କରାଇ ଆଣିଥିବା ଆଜ୍ଞାମାଳ ଧରି ବିଜେ ପ୍ରତିମାଙ୍କ ସହ ପଟୁଆରରେ ଶ୍ରୀନଅର ନିକଟକୁ ଯିବେ। ସେହିପରି ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ଧୂଆଯାଇ ରଖାଯାଇଥାଏ। ବ୍ରାହ୍ମଣଙ୍କ ଦ୍ୱାରା ରଥଖଳାରେ ବନଯାଗ ପଦ୍ଧତିରେ ରଥକାଠ ନୀତି ଅନୁକୂଳ କରାଯାଇଥାଏ। ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକଙ୍କ ଶାଢ଼ି ବନ୍ଧା ନୀତି ପାଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ଦେଉଳକରଣ ସମାପନ କରିଥାନ୍ତି। ପରେ ୩ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ପାଇଁ ରଖାଯାଇଥିବା ଧଉରା କାଠରେ ଆଜ୍ଞାମାଳ ଲାଗିହେବ। ତିନି ରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଉକ୍ତ ତିନିଗୋଟି କାଠରେ ଅସ୍ତ୍ର ଛୁଆଁ କରାଯାଇ ରଥ କାଠ ଅନୁକୂଳ ନୀତି କରାଯାଇଥାଏ। ଅକ୍ଷୟ ତୃତୀୟାକୁ ଆଉ ୧୪ଦିନ ଥିବା ହେତୁ କାଠ ଅନୁକୂଳ ପାଇଁ ବ୍ୟବହୃତ ହେଉଥିବା ଲୁହା କୁରାଢ଼ିକୁ ଶ୍ରୀମନ୍ଦିର ଓଝା ସେବକମାନେ ନିର୍ମାଣ କରିଛନ୍ତି। ବଳଭଦ୍ରଙ୍କ ବାଡ଼ର ମୁଖ୍ୟ ଓଝା ସେବକ ଜଗନ୍ନାଥ ମହାରଣାଙ୍କ ନେତୃତ୍ୱରେ ଏହା ନିର୍ମାଣ କରାଯାଇଛି। ବ୍ୟବହାର ହେଉଥିବା ୩ଟି ଲୁହା କୁରାଢ଼ିକୁ ସେ ନିର୍ମାଣ କରିଥାନ୍ତି। ଏହି ସେବା ତାଙ୍କ ବାପା, ଅଜାଙ୍କ ଅମଳରୁ କରି ଆସୁଛନ୍ତି। ସେ ମଧ୍ୟ ଏହି ସେବା କରୁଛନ୍ତି। ନିର୍ମାଣ ପରେ ସେ ତାକୁ ନାଜରକୁ ହସ୍ତାନ୍ତର କରିବେ ବୋଲି ଜଗନ୍ନାଥ ମହାରଣା କହିଛନ୍ତି।



ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ରଥକାଠ ନିର୍ମାଣ ଅନୁକୂଳ ପାଇଁ ମହାପ୍ରଭୁଙ୍କ ମୁଖ୍ୟ କମାର ସେବକ କୁରାଢ଼ି ପ୍ରସ୍ତୁତ କରୁଛନ୍ତି।

## ସଂକ୍ଷେପରେ

### ଦିଲୀପ କୁମାର ରାୟ ବିଜେଡି ସଭାପତି ନିର୍ବାଚିତ

ଯୋଗେଶ୍ୱରପୁର,୧୫।୪(ରଶ୍ମିରଞ୍ଜନ ସାହୁ)

ମଙ୍ଗଳବାର ରାତି ୯ଟା ସମୟରେ ନୟାହାଟସ୍ଥିତ ହାଡ଼ିବନ୍ଧୁ କଲ୍ୟାଣ ମଣ୍ଡପଠାରେ ଗୋପ ବ୍ଲକ ଧୂମାଳ ପଞ୍ଚାୟତର ବିଜେଡି ସଭାପତି ଭାବେ ଦିଲ୍ଲୀପ କୁମାର ରାୟ ସର୍ବସମ୍ମତିକ୍ରମେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ବୈଠକରେ ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସାଗରିକା ନାୟକଙ୍କ ପ୍ରତିନିଧି ବା ପୂର୍ବତନ ଜିଲା ପରିଷଦ ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ବରିଷ୍ଠ ବିଜେଡି କର୍ମୀ ମହମ୍ମଦ ସମସୁଲ ଆର୍ଫିନ, ସରପଞ୍ଚଙ୍କ ପ୍ରତିନିଧି ଅଭିମନ୍ୟୁ ସିଂହ, ନାଏବ ସରପଞ୍ଚ ଅଶୋକ ସାହୁ, ସମିତି ସଭ୍ୟାଙ୍କ ପ୍ରତିନିଧି ସହଦେବ ମାଣିକ, ପର୍ଶୁରାମ ରାୟ, ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ବେହେରା, ଧୂମାଳ ସମବାୟ ସମିତି ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତଥିଲେ।

### ପ୍ରକଳ୍ପସ୍ତରୀୟ ୩ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଆରମ୍ଭ

ପୁରୀ,୧୫।୪(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ପୁରୀ ମିଶନ ଶକ୍ତି ଗୃହରେ ପ୍ରକଳ୍ପସ୍ତରୀୟ ଅଙ୍ଗନୱାଡ଼ି କର୍ମୀଙ୍କ ୩ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଆରମ୍ଭ ହୋଇଛି। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରି ସୁସ୍ଥ ଓ ନୀରୋଗ ରହିବାକୁ ପୁଷ୍ଟିକର ଓ ପୌଷ୍ଟିକ ଖାଦ୍ୟ ଅତ୍ୟନ୍ତ ଜରୁରୀ। ବିଶେଷ କରି ଶିଶୁ ଓ ଗର୍ଭବତୀଙ୍କର ସ୍ୱାସ୍ଥ୍ୟ ପାଇଁ ସଚେତନ ହେବା ଉଚିତ। ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ଯୋଗଦେଇ ସରକାରଙ୍କ ପକ୍ଷରୁ ଅଙ୍ଗନୱାଡ଼ି ପାଇଁ ଯେଉଁ ମାର୍ଗଦର୍ଶିକା ପ୍ରଣୟନ ହୋଇଛି ତାହାର ଠିକ ଅନୁପାଳନ ସହ ପୋଷଣ ନିୟମକୁ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ସଦର ସିଡିପିଓ ବିନୋଦିନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ପୁରୀ ସଦର ସୁପରଭାଇଜର ମଧୁଛନ୍ଦା, ପୁରୀ ମ୍ୟୁନିସିପାଲିଟି ସୁପରଭାଇଜର ପ୍ରଣତୀ ଚିନ୍ନାରା ପ୍ରମୁଖ ଉପସ୍ଥିତ ରହି ପୋଷଣ ପକ୍ଷ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ପୁରୀ ସଦର ଓ ମ୍ୟୁନିସିପାଲିଟି ଅଙ୍ଗନୱାଡ଼ି କର୍ମୀମାନେ ଯୋଗ ଦେଇଥିଲେ।

# ଲକ୍ଷପତି ଦିଦି ମହିଳା ସଶକ୍ତୀକରଣର ନୂତନ ଅଧ୍ୟାୟ




ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟ ଅତିଥିମାନେ ।

କାକଟପୁର/ଅସ୍ତରଙ୍ଗ,୧୫।୪ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

**କାକଟପୁରରେ ସୁଭଦ୍ରା ଶକ୍ତି ସମାରୋହ ଓ ସେବା କେନ୍ଦ୍ର**

ଲକ୍ଷପତି ଦିଦି ମହିଳା ସଶକ୍ତୀକରଣର ଏକ ନୂଆ ଅଧ୍ୟାୟ ବୋଲି କାକଟପୁର ବ୍ଲକ ପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ସୁଭଦ୍ରା ଶକ୍ତି ସମାରୋହ ଓ ସେବା କେନ୍ଦ୍ର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି। ପରେ ମହିଳାଙ୍କ ଦ୍ୱାରା ହସ୍ତଶିଳ୍ପ ନିର୍ମିତ ସାମଗ୍ରୀ ଷ୍ଟଲ୍ ଉଦ୍‌ଘାଟନ କରିବା ସହ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସୁଭଦ୍ରା ଶକ୍ତି ସମାରୋହରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଜିଲା ସମାଜକଲ୍ୟାଣ ଅଧିକାରିଣୀ ତନୁପ୍ରଭା ବେହୁରା, ସମ୍ମାନିତ ଅତିଥି ଅସ୍ତରଙ୍ଗ ସିଡିପିଓ ମମତା ନାୟକ, କାକଟପୁର ସିଡିପିଓ ମେରୀ ମାଇକେଲ୍, ଜଗତ୍‌ସିଂହପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ସୁରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ପ୍ରତାପ ରାଉତ ସଭା ପରିଚାଳନା କରିଥିଲେ। ସ୍କୁଲ୍‌ର ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଦ୍ୟାଳୟ ତରଫରୁ ପ୍ରଶଂସାପତ୍ର ପ୍ରଦାନ ସହ ଏକ ଅନୁରୋଧ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କାକଟପୁର ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ଦି ବେଲ୍‌ର ୪ର୍ଥ ପ୍ରତିଷ୍ଠା ଦିବସ ପାଳିତ

ପୁରୀ,୧୫।୪(ଅଜିତ୍ କୁମାର ମହାନ୍ତି)

ସାମାଜିକ ଅନୁଷ୍ଠାନ ଦି ବେଲ୍‌ର ୪ର୍ଥ ପ୍ରତିଷ୍ଠା ଦିବସ ବଳିଆପଣ୍ଡା ଦାମୋଦର ରୋଡସ୍ଥିତ ଭାରତ ଯୋଗ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ବେଲ୍ ଉପାଧ୍ୟକ୍ଷ ତଥା ଶିଶୁ ସମାଚାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା ସ୍ୱାଗତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଅନୁଷ୍ଠାନ ସଦସ୍ୟଙ୍କ କାର୍ଯ୍ୟଦକ୍ଷତା ଓ ନିଷ୍ଠା ଫଳରେ ଅଳ୍ପ ଦିନରେ ଦି ବେଲ ଖାଲି ପୁରୀ ନୁହେଁ ଓଡ଼ିଶା, ଭାରତ ଓ ଅନ୍ତର୍ଜାତୀୟସ୍ତରରେ ବେଶ୍ ପରିଚିତ ହୋଇପାରିଛି ବୋଲି କହିଥିଲେ। ଏଥିସହିତ ଅନ୍ତର୍ଜାତୀୟ ମହୋଦଧି ଦିବସ ବେଳାଭୂମିରେ ତିନି ଦିନ ଧରି ଆୟୋଜନ କରି ବେଶ ସଫଳତା ପାଇପାରିଛି ବୋଲି ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ରାଜ କିଶୋର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ବନିତା ଦୀକ୍ଷିତ ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଏକଲବ୍ୟ ପାଠଶାଳାର ଛାତ୍ରୀଛାତ୍ରମାନଙ୍କୁ ଫଳ, ମିଠା, ଚକୋଲେଟ, କାଜୁ, ବିସ୍କୁଟ ବଣ୍ଟନ କରାଯାଇଥିଲା। ବୈଠକରେ ବରିଷ୍ଠ ସଭ୍ୟାସଭ୍ୟ ଓ ଶୁଭେଚ୍ଛୁମାନେ ଯୋଗଦେଇ ଏହି ଅନୁଷ୍ଠାନ କିପରି ଆଗକୁ ଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟା ମୀନତିନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକଳ୍ପସ୍ତରୀୟ ଶିବିରରେ ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲିମ

ନିମାପଡ଼ା,୧୫।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ଏକ ୩ ଦିନିଆ ପ୍ରକଳ୍ପସ୍ତରୀୟ ଅଙ୍ଗନୱାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ସଭାଗୃହରେ ଆୟୋଜିତ ସମାରୋହରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ନିମାପଡ଼ା ମେଡିକାଲର ଡାକ୍ତର ପ୍ରୀତିକରନ, ସିଡିପିଓ ମାଧବୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପୋଷଣ ଭି ପଢାଇ ଭି-୨୦୨୫ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷାର ଗୁଣବତ୍ତାରେ ଉନ୍ନତି ଆଣିବା, ଶିଶୁମାନଙ୍କ ପୁଷ୍ଟିହୀନତା ଦୂର କରିବା, ଦିବ୍ୟାଙ୍ଗ ଶିଶୁଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯିବା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଆମ ଶିଶୁ ଆମ ଦେଶର ଭବିଷ୍ୟତ, ଶିଶୁ ହସିଲେ ପରିବାର ହସିବ, ଦେଶ ହସିବ ବୋଲି ଅତିଥିମାନେ କହିଥିଲେ। ଶିବିରରେ ଶିଶୁ ପ୍ରକଳ୍ପ ବିଭାଗ ସୁପରଭାଇଜର ସୁଶ୍ରୀ ଗୀତା ଗୌତମୀ, ନମିତା ନନ୍ଦ, ମୀନାକ୍ଷୀ ମଲ୍ଲିକ, ବନଲତା ନନ୍ଦ ପ୍ରମୁଖ ଯୋଗଦେଇ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ୧୦୦ ଅଙ୍ଗନୱାଡି କର୍ମୀ ଶିବିରରେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଶିବିରରେ ବିଭାଗର ଅନ୍ୟ ସମସ୍ତ ସୁପରଭାଇଜର ଉପସ୍ଥିତ ଥିଲେ।




ତାଲିମ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

# ଗୋଧନ ବାହୁଡ଼ା ଯାତ୍ରା, ଗିରିଗୋବର୍ଦ୍ଧନ ପୂଜାରେ ଉତ୍ସବମୁଖର ନିମାପଡ଼ା

ନିମାପଡ଼ା,୧୫।୪ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ାର ପ୍ରସିଦ୍ଧ ଗୋଧନ ବାହୁଡ଼ା ଯାତ୍ରା ଓ ଗିରି ଗୋବର୍ଦ୍ଧନ ପୂଜା ହେଉଛି ଶହ ଶହ ବର୍ଷର ଏକ ନିଆରା ପରମ୍ପରା। ଏହି ଯାତ୍ରା ଓ ପୂଜା କେଉଁ ଆବହମାନ କାଳରୁ ପାଳିତ ହୋଇଆସୁଛି। ନିମାପଡ଼ା ଥାନା ଓ ଗିରି ଗୋବର୍ଦ୍ଧନ ପୂଜା କମିଟି ପକ୍ଷରୁ ଚଳିତ ବୈଶାଖ କୃଷ୍ଣପକ୍ଷ ତିଥିରେ ସୋମବାର ଏହି ଗୋଧନ ବାହୁଡ଼ା ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ନିମାପଡ଼ା ବଡ଼ ବଜାରର ଥାନାପତି ଠାକୁର ପ୍ରଭୁ ଶ୍ରୀ ଗୋପୀନାଥ ଦେବ, ମାତା ଶ୍ରୀରାଧା, ରାସବାଡ଼ ମଠର ଠାକୁର ରାଧାକାନ୍ତ ଦେବ ରାସବାଡ଼ା ମଠ କୁଞ୍ଜରୁ ୨ଟି ସୁସଜ୍ଜିତ ବିମାନରେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ସହ ଗୋପୀନାଥପାଟଣା, ପତିତପାବନପାଟଣା, ନିମାପଡ଼ା ବଡ଼ ବଜାର ଶ୍ୟାମ ସୁନ୍ଦରପୁର, ଅମୁଣିଆପାଟଣା, ବିଭିନ୍ନ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟଠାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଘରୁ ଭୋଗ ଖାଇଥିଲେ। ଠାକୁର ଭୋଗ ଖାଇ ସାରିବା ପରେ ଜଇନାବାଦ ଗ୍ରାମଠାରେ ଥିବା ପୂଜା ମଣ୍ଡପରେ ଅବସ୍ଥାନ କରିଥିଲେ। ପରେ ଠାକୁର ରାସ ପିଲାମାନଙ୍କ ସହ କୁଶଭଦ୍ରା ନଦୀରେ ସ୍ନାନ କରିଥିଲେ, ଯାହାକୁ ଯମୁନା ଗାଧୁଆ ବୋଲି କୁହାଯାଇଥାଏ। ସ୍ନାନ ପରେ ସେଠାରେ ଯଥାବିଧି ଠାକୁରଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ପରେ ଥାନା ପକ୍ଷରୁ ନିମନ୍ତ୍ରଣ କରାଯାଇ ଠାକୁରଙ୍କୁ ଜଇନାବାଦ ଗ୍ରାମଠାରୁ ୨ଟି ସୁସଜ୍ଜିତ ବିମାନରେ ଏକ ବିଶାଳ ଶୋଭାଯାତ୍ରାରେ ଥାନା ସମ୍ମୁଖ ଗୋଧନ ବାହୁଡ଼ା ମଣ୍ଡପରେ ବିଜେ କରାଯାଏ। ପୂଜା ମଣ୍ଡପରେ ଗିରି ଗୋବର୍ଦ୍ଧନ ପ୍ରଭୁଙ୍କର ପୂଜାର୍ଚ୍ଚନା ଯଥାବିଧି ଅନୁଷ୍ଠିତ ହେବା ପରେ ଥାନା ପଡ଼ିଆରେ ଗୋଧନ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଏହି ଯାତ୍ରାରେ ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଯାତ୍ରା ଅବସରରେ ନିମାପଡ଼ା ଥାନା ସୁସଜ୍ଜିତ ଆଲୋକମାଳାରେ ଝଲସୁଥିବାବେଳେ ସାରା ନିମାପଡ଼ା ସହର ବଜାର ଉତ୍ସବମୁଖର ହୋଇଥିଲା। ଆତସବାଜି ପ୍ରଦର୍ଶନ ଓ ଆକର୍ଷଣୀୟ ମେଲୋଡ଼ି ଧମାକାରେ ଓଡ଼ିଶାର ଖ୍ୟାତନାମା ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀମାନଙ୍କ ସୁମଧୁର ସଙ୍ଗୀତର ମୂର୍ଚ୍ଛନାରେ ଦର୍ଶକ ଓ ଶ୍ରଦ୍ଧାଳୁମାନେ ବିମୋହିତ, ମନ୍ତ୍ରମୁଗ୍ଧ ହୋଇଥିଲେ। ନିମାପଡ଼ା ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ବାମଦେବ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଓ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଥାନାର ସମସ୍ତ ପୋଲିସ ଅଧିକାରୀ, କର୍ମଚାରୀ ଏହି ଉତ୍ସବରେ ସହାୟତା କରିଥିଲେ। ଉତ୍ସବରେ ବିଶେଷ ଅତିଥି ଭାବେ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ଯୋଗଦେଇଥିଲେ। ମହୋତ୍ସବରେ ନିମାପଡ଼ା ନୟାସବେରା ୟୁଥ୍ ଟ୍ରଷ୍ଟର କର୍ମକର୍ତ୍ତା, ସଦସ୍ୟମାନେ ସହାୟତା କରିଥିଲେ।



ପ୍ରଭୁ ଗୋପୀନାଥ ଦେବ ଓ ରାଧାକାନ୍ତ ଦେବ ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରୁଛନ୍ତି।

# ମା', ଭଉଣୀଙ୍କ ସୁରକ୍ଷା ପାଇଁ କଂଗ୍ରେସର ମଶାଲ ଶୋଭାଯାତ୍ରା

ପୁରୀ/ନିମାପଡ଼ା/ସାକ୍ଷୀଗୋପାଳ/ ପିପିଲି, ୧୫।୪ (ଅଜିତ୍ କୁମାର ମହାନ୍ତି/ ବିଚିତ୍ରାନନ୍ଦ ସାହୁ/ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ ଭରତ ରାଉତ/ ପ୍ରଭାତ ମହାପାତ୍ର)

ରାଜ୍ୟରେ ଶିଶୁ ମହିଳାମାନଙ୍କୁ ଖୋଜିବା ଓ ନ୍ୟାୟ ପ୍ରଦାନ ଦାବିରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ପୁରୀରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ମେଡିକାଲ ଛକଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ପ୍ରକୋଷ୍ଠ ଯଥା ମହିଳା, ଯୁବ, ଛାତ୍ର, ପଛୁଆ ବର୍ଗ ତଥା ଦଳିତ ବର୍ଗର ସମସ୍ତ ନେତା ଓ କର୍ମୀଙ୍କୁ ନେଇ ନଗର ଓ ବ୍ଲକ୍‌ରେ ପ୍ରତିବାଦ ଅନୁଷ୍ଠିତ ହୋଇଛି ଏଥିରେ ପ୍ରଦେଶ କଂଗ୍ରେସ ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ମନୋରଞ୍ଜନ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ଜୟୀ ନାରାୟଣ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ରାଜେଶ ମିଶ୍ର, ପୁଷ୍କର ମହାପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ବିନାୟକ ଦାସ ମହାପାତ୍ର, ସ୍ୱାଧୀନ ପଣ୍ଡା, ସୁକାନ୍ତ ପ୍ରଧାନ, କାଳୀପ୍ରସାଦ ନାୟକ, ରାମଚନ୍ଦ୍ର ସାହୁ, ଅମରେନ୍ଦ୍ର ପାଇକରାୟ, ସୁଜିତ ମହାପାତ୍ର, ବିଶ୍ୱନାଥ ଦାସ, ରଜତ କୁମାର ସାହୁ, ନିରଞ୍ଜନ ରଥ, ଅଭିନାଶ ମିଶ୍ର, ଆଶୁତୋଷ ମିଶ୍ରଙ୍କ ସମେତ ଅନ୍ୟମାନେ ମଶାଲ ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

ସମଗ୍ର ରାଜ୍ୟରେ ହତ୍ୟାକାଣ୍ଡ, ମହିଳାଙ୍କୁ ବଳାତ୍କାର, ଅପହରଣ ଆଦି ଘଟଣାମାନ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ପ୍ରତିବାଦରେ ନିମାପଡ଼ା ଓ ଗୋପ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଶୋଭାଯାତ୍ରାରେ ୨୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ସାମିଲ ହୋଇ ଭାଜପା ସରକାର ବିରୋଧରେ ନାରାବାଜି କରିଥିଲେ। କଂଗ୍ରେସର ବରିଷ୍ଠ ନେତା ସିଦ୍ଧାର୍ଥ ରାଉତରାୟ, ମନୋଜ ସାହୁ, ବିଜୟ ମଲ୍ଲିକ, ସତୀଶ ମହାପାତ୍ର, ବାବୁଲି ବାରିକ୍, ଆଶିଷ ସେଠୀ, କବିତା ପ୍ରିୟଦର୍ଶିନୀ ଦାସ, ପ୍ରଗତି ବରାଳ, ରେଣୁବାଳା ମାଝୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଭାଜପା ସରକାରର ମିଥ୍ୟ ପ୍ରତିଶ୍ରୁତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ନେତା ରାଉତରାୟ ଓ ମନୋଜ ସାହୁ କହିଥିଲେ।

ସତ୍ୟବାଦୀରେ ମଙ୍ଗଳବାର କଂଗ୍ରେସର ପ୍ରତିବାଦ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ମା', ଭଉଣୀଙ୍କ ସୁରକ୍ଷା ପାଇଁ କଂଗ୍ରେସ ନେତା ମନୋଜ ରଥ ଦୀପ ଦାନ କରି ମଶାଲ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଇଥିଲେ। ସ୍ୱର୍ଗତ ରଥଙ୍କ ସହିତ ଯୁବ, ଛାତ୍ର, ପଛୁଆ ବର୍ଗ ତଥା ଦଳିତ ବର୍ଗ ନେତା ଓ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ବସଷ୍ଟାଣ୍ଡ ନିକଟସ୍ଥ ପଞ୍ଚସଖାଙ୍କ ମୂର୍ତ୍ତି ନିକଟରେ ପହଞ୍ଚିଥିଲେ।

ସେହିପରି ପିପିଲିର ଶତାଧିକ କଂଗ୍ରେସ କର୍ମୀ ପିପିଲି ପେଟ୍ରୋଲ ପମ୍ପଠାରୁ ଜନଜାଗରଣ ଓ ମଶାଲ ଶୋଭାଯାତ୍ରାରେ ବାହାରି ହାଟ ଛକ ପର୍ଯ୍ୟନ୍ତ ଯାଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ପିପିଲି ବଜାର ପରିକ୍ରମା କରିଥିଲେ। ଗତ ୮ ମାସରେ ୪୪ ହଜାରରୁ ଊର୍ଦ୍ଧ୍ୱ ମହିଳା ନିଖୋଜ ରହିଥିବାବେଳେ ନାବାଳିକା ଛାତ୍ରୀ ଗର୍ଭବତୀ ହେଉଛନ୍ତି। ନିଖୋଜ ମହିଳାଙ୍କୁ ଉଦ୍ଧାର କରିବାକୁ ସରକାରଙ୍କ କୌଣସି ଆନ୍ତରିକତା ନ ଥିବା କଂଗ୍ରେସ ଅଭିଯୋଗ କରିଛି। ଏହି ଘଟଣାକୁ ପିପିଲିରେ ନିନ୍ଦା କରାଯିବା ସହ ଏହାର ପ୍ରତିବାଦରେ ଆଗାମୀ ଦିନରେ ଉଚିତ ଜବାବ କଂଗ୍ରେସ ଦେବ ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଚେତେଇ ଦେଇଛନ୍ତି।




ନିମାପଡାରେ କଂଗ୍ରେସର ମଶାଲ ଶୋଭାଯାତ୍ରା ।

# ହାତୀ ଆକ୍ରମଣରେ ଶ୍ରମିକ ଗୁରୁତର

ଟାଙ୍ଗୀ,୧୫।୪(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ରେଞ୍ଜ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ବୃଦ୍ଧିପାଉଛି। ମଙ୍ଗଳବାର ଏହି ରେଞ୍ଜ ଅନ୍ତର୍ଗତ କାଣ୍ଡଗାଡ଼ିଆ କାଜୁ ବଗିଚାରେ କାଜୁ ମଞ୍ଜି ତୋଳୁଥିବା ବେଳେ ହାତୀ ଆକ୍ରମଣରେ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ବିରିବାଡ଼ି ଗ୍ରାମର ବେଣୁଧର ବେହେରା (୬୦)। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, କାଣ୍ଡଗାଡ଼ିଆ କାଜୁ ଜଙ୍ଗଲ ନିକଟରେ ୧୭ଟିକିଆ ହାତୀପଲ ରହିଛନ୍ତି। ଏହି ହାତୀପଲ ମଧ୍ୟରୁ ଗୋଟିଏ ହାତୀ ଆସି ଏଣେତେଣେ ବୁଲାବୁଲି କରିବା ସହ କାଜୁ ଫଳ ଖାଉଥିଲା। ଏହି ସମୟରେ ବଗିଚାରୁ କାଜୁ ମଞ୍ଜି ସଂଗ୍ରହ କରୁଥିବା ବେଣୁଧର ହାତୀ ପାଖକୁ ପଳାଇ ଆସିଥିଲେ। ଫଳରେ ହାତୀଟି ବେଣୁଧରଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର ପରେ ପ୍ରଥମେ ଟାଙ୍ଗୀ ମେଡିକାଲ ଓ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀକୁ ଜଙ୍ଗଲ ଅଭିମୁଖେ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି।

# ପୂରଣ ହେବ ୧୩ ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ

## ବିଶ୍ୱବିଦ୍ୟାଳୟକୁ ସଶକ୍ତ କରିବ ସଂଶୋଧିତ ଅଧିନିୟମ: ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୫।୪(ସୁଚିସ୍ମିତା ସାହୁ)


ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବରିଷ୍ଠ ଅଧିକାରୀ ଓ କୂଳପତି ଆଲୋଚନା କରୁଛନ୍ତି।

ଜଣେ ଛାତ୍ରଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳିବାରେ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶ୍ୱବିଦ୍ୟାଳୟକୁ ମଣିଷ ଗଠନର ଅନୁଷ୍ଠିଶାଳ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ବିଚାରଧାରା ଓ ମାନବବାଦୀ ଚିନ୍ତାଧାରାର ଉନ୍ମେଷ ବିଶ୍ୱବିଦ୍ୟାଳୟରୁ ହିଁ ହୋଇଥାଏ। ତେଣୁ ବିଶ୍ୱବିଦ୍ୟାଳୟକୁ ସ୍ୱାୟତ୍ତତା ପ୍ରଦାନ କରି ସଶକ୍ତ କରାଇବା ଓ ଉଚ୍ଚଶିକ୍ଷା ବିକାଶର ଯାତ୍ରାକୁ ଆହୁରି ଉଚ୍ଚକୁ ନେବା ଉଦ୍ଦେଶ୍ୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ ପ୍ରଣୀତ ହୋଇଛି। ଏହି ଅଧିନିୟମ ଲାଗୁ ହେବା ଦ୍ୱାରା ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଥିବା ୧୩୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ପୂରଣ କରାଯାଇପାରିବ।

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ର କାର୍ଯ୍ୟକାରିତାକୁ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ନେଇ ସଚିବାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ଅଧ୍ୟକ୍ଷତା କରି କହିଥିଲେ ଯେ, ବିଭିନ୍ନ ନ୍ୟାୟିକ ମାମଲା ଯୋଗୁ ବିଶ୍ୱବିଦ୍ୟାଳୟ ଶିକ୍ଷକ ନିଯୁକ୍ତିରେ ଆସିଥିବା ସ୍ଥାଣୁତାକୁ କ୍ରିୟାଶୀଳ କରାଇବା, ଶୈକ୍ଷିକ ସଂସ୍କୃତିକୁ ବଜାୟ ରଖିବା, ପାଠ୍ୟକ୍ରମ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନିଯୁକ୍ତ କରିବା, ବିଶ୍ୱବିଦ୍ୟାଳୟ ପ୍ରଶାସନରେ ସିନେଟ୍‌ର ପୁନଃ-ଅନ୍ତର୍ଭୁକ୍ତୀକରଣ, ସିନେଟ୍‌ର ମୋଟ ୬୮ ସଦସ୍ୟଙ୍କ ମଧ୍ୟରୁ ଅତିକମ୍‌ରେ ୩୭ ସଦସ୍ୟ, ଶିକ୍ଷାବିତ୍ ଏବଂ ଛାତ୍ରସମାଜରୁ ପ୍ରତିନିଧି ରହିବାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବା ଆଦି ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ଲାଗୁହେବା ଦ୍ୱାରା ସମ୍ଭବ ହୋଇପାରିବ। ଏଥିସହ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଥିବା ୧୩୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ପୂରଣ କରାଯାଇପାରିବ। ବିଶ୍ୱବିଦ୍ୟାଳୟ ଗୁଡ଼ିକର କର୍ତ୍ତୃପକ୍ଷ ପାଠ୍ୟକ୍ରମ ଆବଶ୍ୟକତା ଅନୁଯାୟୀ ଶିକ୍ଷକଙ୍କୁ ନିଯୁକ୍ତ କରିପାରିବେ। ସେହିପରି ନିଯୁକ୍ତି ପ୍ରକ୍ରିୟାର ନିୟମିତତାକୁ ସୁନିଶ୍ଚିତ କରିବା ସହ ଏହାକୁ ତ୍ୱରାନ୍ୱିତ କରାଯାଇପାରିବ। ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିର ସୁଦୃଢ଼ତାକୁ ସୁନିଶ୍ଚିତ କରିବା ପାଇଁ କୋଠାବାଡ଼ି ଓ ନିର୍ମାଣ କମିଟି, ବିତ୍ତୀୟ ପରିଚାଳନା ପାଇଁ ଅର୍ଥ କମିଟି ଗଠନ କରାଯିବ। ସେହିପରି ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରାପ୍ତ କିମ୍ବା ଅର୍ଜିତ ସମସ୍ତ ପରିମାଣର ଅର୍ଥରାଶି ଭାରତ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକଙ୍କ ଦ୍ୱାରା ଅଡିଟ କରାଯିବା ଆଦି ନିଷ୍ପତ୍ତି ବିଶ୍ୱବିଦ୍ୟାଳୟ ପ୍ରଶାସନକୁ ସଶକ୍ତ କରିବା ସହ ଏହାର ପାରଦର୍ଶିତାକୁ ସୁନିଶ୍ଚିତ କରିବ। ମନ୍ତ୍ରୀ ସୂରଜ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରିତା ସମ୍ବନ୍ଧରେ କୁଳପତିମାନଙ୍କ ସହିତ ଆଲୋଚନା କରିଥିଲେ। ଜାତୀୟ ଶିକ୍ଷା ନୀତି-୨୦୨୦ ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ-୨୦୨୪ର ପ୍ରଣୟନ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବା ସହ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୁଭଦ୍ରା


@ ଗୋବିନ୍ଦ


@ ମନୋରଞ୍ଜନ


@ ବିଷ୍ଣୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ପୁରୀ ସାହିଯାତରେ ସୋମବାର ରାତିରେ ହରଚଣ୍ଡୀ ସାହିରେ ବାଲିସାହି ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରାଯାଉଛି। (ଫଟୋ-ଯଜ୍ଞେଶ୍ୱର)

# ପୌରାଞ୍ଚଳରେ ନାଗରିକ କୈନ୍ଦ୍ରିକ ପଦକ୍ଷେପ ସୁଦୃଢ଼ ପାଇଁ ପରାମର୍ଶ

ଭୁବନେଶ୍ୱର, ୧୫।୪ (ବନ୍ଦନା ସେଠୀ)

ରାଜ୍ୟରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପ୍ରଶାସନରେ ସ୍ୱଚ୍ଛତା ଓ ଦାୟିତ୍ୱ ବୃଦ୍ଧି କରିବା ଦିଗରେ ଦୃଢ଼ ପ୍ରୟାସ ସ୍ୱରୂପ ପୌର ଅଧିକାରୀଙ୍କ ମଧ୍ୟରେ ସମୟାନୁବର୍ତ୍ତିତା ଏବଂ ବୃତ୍ତିଗତ ଆଚରଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ମଙ୍ଗଳବାର ଗୃହ ଏବଂ ନଗର ଉନ୍ନୟନ ପ୍ରମୁଖ ସଚିବ ଉଷା ପାଢ଼ୀ ପୌରାଞ୍ଚଳରେ ନାଗରିକ କୈନ୍ଦ୍ରିକ ପଦେକ୍ଷପଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମୟାନୁବର୍ତ୍ତିତା ବଜାୟ ରଖିବାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶଂସନୀୟ ପ୍ରୟାସକୁ ସ୍ୱୀକାର କରିବା ସହ ସମସ୍ତ କର୍ମଚାରୀଙ୍କଠାରୁ ସମାନ ପ୍ରତିବଦ୍ଧତା ପାଇଁ ଆହ୍ୱାନ କରିଥିଲେ। ଏଥିସହ ନେତୃତ୍ୱ ନେବା ଓ ତୁରନ୍ତ ବାୟୋମେଟ୍ରିକ୍ ଉପସ୍ଥିତି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସେ ଅନୁରୋଧ କରିଥିଲେ। ଏହି ପଦକ୍ଷେପ ଶୃଙ୍ଖଳାକୁ ସଂସ୍ଥାଗତ କରିବା, ସାଧାରଣ ସେବାର ସମୟାନୁବର୍ତ୍ତୀ ବିତରଣ ସୁନିଶ୍ଚିତ କରିବା ଏବଂ ସ୍ଥାନୀୟ ଶାସନ ଉପରେ ନାଗରିକଙ୍କ ବିଶ୍ୱାସକୁ ମଜଭୁତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାବ୍ୟତୀତ କର୍ମଚାରୀଙ୍କ ଆଚରଣ ଏବଂ ସାଧାରଣ ପାରସ୍ପରିକ କ୍ରିୟା ଉପରେ ନଜର ରଖିବା ପାଇଁ କାର୍ଯ୍ୟାଳୟ ପରିସରରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ସ୍ଥାପନ ଲାଗି ସୁପାରିସ କରାଯାଇଥିଲା। ସମୟାନୁବର୍ତ୍ତିତା ଓ ବୃତ୍ତିଗତ ଆଚରଣ ଆଲୋଚନାଯୋଗ୍ୟ ହେବା ଉଚିତ ନୁହେଁ ବୋଲି ପ୍ରମୁଖ ସଚିବ କହିଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କୁ ଏହି ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ସକ୍ରିୟ ଭାବେ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

# ଓଡ଼ିଆ ଭାଷାରେ ପାଠ୍ୟକ୍ରମ ପ୍ରଚଳନକୁ ଗୁରୁତ୍ୱ

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ଇଗ୍ନୋ କୁଳପତି

ଭୁବନେଶ୍ୱର,୧୫।୪ (ସୁଚିସ୍ମିତା ସାହୁ)

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) କୁଳପତି ପ୍ରଫେସର ଉମା କାଞ୍ଜିଲାଲ ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସଚିବାଳୟରେ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ପ୍ରଫେସର କାଞ୍ଜିଲାଲ ରାଜ୍ୟରେ ଇଗ୍ନୋ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ନିକଟ ଅତୀତରେ ଇଗ୍ନୋ ପକ୍ଷରୁ ଏମ୍‌ବିଏ ପାଠ୍ୟକ୍ରମକୁ ବିଦ୍ୟାର୍ଥୀଙ୍କ ପାଇଁ ଓଡ଼ିଆ ଭାଷାରେ ପ୍ରଚଳିତ କରାଯାଇଛି। ଆଗକୁ ମଧ୍ୟ ବିଭିନ୍ନ ପାଠ୍ୟକ୍ରମ ଯଥା ଡିପ୍ଲୋମା ଇନ୍ ଅର୍ଲି ଚାଇଲ୍ଡହୁଡ୍ କେୟାର ଆଣ୍ଡ ଏଜୁକେଶନ, ବିଏ ଏବଂ ବି.କମ୍ ଆଦିକୁ ଓଡ଼ିଆ ଭାଷାରେ ବିଦ୍ୟାର୍ଥୀଙ୍କ ପାଇଁ ଉପଲବ୍ଧ କରିବା ପ୍ରସ୍ତାବ ଉପରେ କୁଳପତି କାଞ୍ଜିଲାଲ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଆ ମାଧ୍ୟମରେ ପାଠ୍ୟକ୍ରମର ପ୍ରଚଳନ ହେବା ଦ୍ୱାରା ଛାତ୍ରୀଛାତ୍ରମାନେ ପାଠ୍ୟକ୍ରମକୁ ସହଜ ଏବଂ ସରଳ ଭାବରେ ବୁଝିପାରିବେ। ଏହା ଛାତ୍ରୀଛାତ୍ରଙ୍କ ସୃଜନଶୀଳତା ବିକାଶରେ ସହାୟକ ହେବ। ଏଥିସହିତ ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରଣୟନ ଏବଂ ଇଗ୍ନୋ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଦକ୍ଷତା ବିକାଶ ସମ୍ପର୍କିତ ପାଠ୍ୟକ୍ରମ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଇଗ୍ନୋର ପ୍ରଫେସର ନୟନତାରା ପାଢ଼ୀ, ପ୍ରଫେସର ସୁହାସ ଶେତଗୋଭେକର, ପ୍ରଫେସର ଶାଚୀ ଶାହା ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ୟାସ୍ ଟାଙ୍କି ଫାଟି ୫ରୁ ଉର୍ଦ୍ଧ୍ୱ ଦୋକାନ ଜଳିଗଲା

## ପଣାଯାତ୍ରାରେ ଅଘଟଣ

ପୁରୀ,୧୫।୪ (ଅଜିତ୍ ମହାନ୍ତି)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଦେଉଳପଡ଼ା ତିିପଠାରେ ୩୫ ମୌଜା ପରିଚାଳନା କମିଟି ଆନୁକୂଲ୍ୟରେ ୭୮ତମ ପଣାଯାତ୍ରା ଚାଲିଥିବା ବେଳେ ଦ୍ୱିତୀୟ ଦିବସରେ ମଙ୍ଗଳବାର ଏକ ଅଘଟଣ ଘଟିଛି। ଗ୍ୟାସ ଟାଙ୍କିରେ ନିଆଁ ଲାଗିବା ସହ ଫାଟିଯିବାରୁ ୫ରୁ ଉର୍ଦ୍ଧ୍ୱ ଦୋକାନ ଜଳିଯାଇଛି। ଫଳରେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି।



ସୂଚନା ମୁତାବକ, ଏକ ଦୋକାନରେ ମକା ସିଝା ହେଉଥିବା ବେଳେ ହଠାତ୍ ଗ୍ୟାସ ଟାଙ୍କିରେ ନିଆଁ ଲାଗିଯାଇଥିଲା। ଉପସ୍ଥିତ ବେପାରୀ ଓ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରେ ଗ୍ୟାସ୍ ଟାଙ୍କିଟି ଫାଟିଯାଇଥିଲା। ଫଳରେ ପାଖରେ ଥିବା ଦୋକାନରେ ମଧ୍ୟ ନିଆଁ ଲାଗିବା ସହ ଜଳିଥିଲା। ଖେଳନା ସାମଗ୍ରୀ ଓ କସ୍‌ମେଟିକ୍ସ ଦୋକାନର ସାମଗ୍ରୀ ହୁତୁହୁତୁ ହୋଇ ଜଳିଥିଲା। ଖବରପାଇ ମାଲୁଦ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପଟେ ଏହି ପଣାଯାତ୍ରାରେ ବହୁ ଲୋକଙ୍କ ସମାଗମ ହେଉଥିବା ବେଳେ ଦମକଳ ବାହିନୀ ଟିମ୍ ନ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଓପିଟି ଏବଂ ବିଏଫ୍‌ଏସ୍‌ଆଇ ସେକ୍ଟର ସ୍କିଲ୍ କାଉନସିଲ୍ ଅଫ୍ ଇଣ୍ଡିଆ ସହ ଉଚ୍ଚଶିକ୍ଷା ବିଭାଗର ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୫।୪(ସୁଚିସ୍ମିତା ସାହୁ)

ବୋର୍ଡ ଅଫ୍ ପ୍ରାକ୍ଟିକାଲ ଟ୍ରେନିଂ (ବିଓପିଟି) ଏବଂ ବିଏଫ୍‌ଏସ୍‌ଆଇ ସେକ୍ଟର ସ୍କିଲ୍ କାଉନସିଲ ଅଫ୍ ଇଣ୍ଡିଆ, ମୁମ୍ବାଇ ସହ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଫଳରେ ବିଓପିଟି ସହଯୋଗରେ ଓଡ଼ିଶାର ୮୭ଟି ଶିକ୍ଷାନୁଷ୍ଠାନରେ ଆପ୍ରେଣ୍ଟିସ୍‌ଶିପ୍ ଏମ୍ବେଡେଡ୍ ଡିଗ୍ରୀ ପ୍ରୋଗ୍ରାମ ପ୍ରଚଳନ କରାଯିବା ସହ ଓଡ଼ିଶା ସରକାରଙ୍କ ଅଧୀନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରୀଛାତ୍ରଙ୍କୁ ଇଣ୍ଟର୍ନଶିପ୍ ସୁଯୋଗ ଦିଆଯାଇପାରିବ। ବିଏଫ୍‌ଏସ୍‌ଆଇ ତତ୍ତ୍ୱାବଧାନରେ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ବ୍ୟାଙ୍କିଙ୍ଗ, ଫାଇନାନ୍ସ ଏବଂ ଇନ୍ସୁ୍ୟରାନ୍ସ କ୍ଷେତ୍ରରେ ଶିକ୍ଷା ପ୍ରଦାନ କରାଯିବ। ଏହି ଶିକ୍ଷାକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯିବା ସହ ଏହାର ପ୍ରକୃଷ୍ଟ କ୍ରେଡିଟାଇଜେଶନ ମଧ୍ୟ କରାଯିବ। ଫଳରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ହେବା ସହ ଭବିଷ୍ୟତରେ ସେମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇପାରିବେ। ଏହି ବୁଝାମଣାପତ୍ର ସ୍ୱାକ୍ଷର ହେବା ଦ୍ୱାରା ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ହୋଇପାଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ମଙ୍ଗଳାଙ୍କ ଝାମୁଯାତ୍ରାରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ

କାକଟପୁର/ ଅସ୍ତରଙ୍ଗ,୧୫।୪
(ଶୁଭଦର୍ଶନ ମିଶ୍ର /ପ୍ରଦୀପ୍ତ କୁମାର ଦୀକ୍ଷିତ)


ମା’ ମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ।


ଝାମୁଯାତ୍ରରେ ଶ୍ରଦ୍ଧାଳୁଙ୍କ ସମାଗମ।

ଚୈତ୍ର ପ୍ରଥମ ମଙ୍ଗଳବାରରେ ମା’ମଙ୍ଗଳାଙ୍କ ନେତ୍ରୋତ୍ସବଠାରୁ ଆରମ୍ଭ ହୋଇଥିବା ମା’ଙ୍କ ପାଳିଯାତ୍ରା ଆଜି ପଞ୍ଚମ ପାଳି ମଙ୍ଗଳବାରରେ ଝାମୁଯାତ୍ରା ପରେ ଏହି ଯାତ୍ରା ଶେଷ ହୋଇଛି। ଆଜି ମା’ଙ୍କ ପାଳିଯାତ୍ରା ଶେଷ ହେବା ସହ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତ୍ର ୩ଟାରୁ ମା’ଙ୍କର ସ୍ନାନ, ମାଜଣା, ସୂର୍ଯ୍ୟପୂଜା, ବଲ୍ଲଭ ପୂଜା, ସକାଳ ଧୂପ, ଦ୍ୱାରପାଳ ପୂଜା ପରେ ମା’ ମଙ୍ଗଳା ରାଜରାଜେଶ୍ୱରୀ ବେଶ ପରେ ଭୋର ୫ଟା ୩୦ରେ ସାହାଣମେଲା ଓ ସର୍ବସାଧାରଣ ଦର୍ଶନ ପାଇଁ ପହଡ଼ ଖୋଲିଥିଲା। ପରେ ହଜାର ହଜାର ଶ୍ରଦ୍ଧାଳୁ ମା’ଙ୍କୁ ଦର୍ଶନ କରିଥିଲେ। ଏଥିସହ ପଞ୍ଚମ ପାଳିରେ ମାନସିକ ରଖି ଗ୍ରାମାଞ୍ଚଳ ସଧବା ମହିଳାଙ୍କ ଦ୍ୱାରା ଚାଲିଥିବା ପନ୍ଥେଇ ଓଷା ଶେଷ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମା’ଙ୍କୁ ଦର୍ଶନ କରିଥିଲେ।

ମଧ୍ୟାହ୍ନ ସମୟରେ ଝଙ୍କଡ଼ ମା’ ଶାରଳାଙ୍କ ପୀଠରୁ ଆସିଥିବା ମାଳୀ ସମ୍ପ୍ରଦାୟର ପାଟୁକାମାନେ ପାରମ୍ପରିକ ଢୋଲ ମହୁରି ବାଦ୍ୟର ରୋଶଣିରେ ମା’ଙ୍କଠାରୁ ଆଜ୍ଞାମାଳ ନେଇ ପୁଣ୍ୟତୋୟା ପ୍ରାଚୀନଦୀ ଘାଟରୁ ପାଣି ତୋଳିବା ପରେ ମନ୍ଦିର ସମ୍ମୁଖରେ ନିର୍ମିତ ୧୨ଫୁଟ ଲମ୍ବର ଏକ ନିଆଁ ଗର୍ତ୍ତରେ ଚାଲିଥିଲେ। ମା’ଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଜ ଶରୀରକୁ କଷ୍ଟଦେଇ ମା’ଙ୍କର ଏହି ସେବକଙ୍କ ସହ ଅଞ୍ଚଳର ମାନସିକଧାରୀ ଭୋଇ ସମ୍ପ୍ରଦାୟର ପାଟୁକାମାନେ ନିଆଁ ଗର୍ତ୍ତ ଚାଲିବା ସହ ମା’ଙ୍କ ସମ୍ମୁଖରେ ଘଣ୍ଟ ପାଟୁକା ନୃତ୍ୟକରି ଯାତ୍ରା ସମାପନ କରିଥିଲେ। ମା’ଙ୍କ ଦର୍ଶନ ସହ ହଜାର ହଜାର ସଂଖ୍ୟାର ଶ୍ରଦ୍ଧାଳୁ ମା’ଙ୍କର ଏହି ପ୍ରସିଦ୍ଧ ଝାମୁ ଦେଖିଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, କାକଟପୁର ଥାନାଧିକାରୀ ଉମେଶ କୁମାର ସାହୁ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂଙ୍କ ସହ ମନ୍ଦିର ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଦାଶ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଅନୁଧ୍ୟାନ କରିଥିଲେ। ରାଜ୍ୟର ଅନ୍ୟ ଶକ୍ତିପୀଠଗୁଡ଼ିକରେ ପଣା ସଂକ୍ରାନ୍ତିରେ ଝାମୁଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ମା’ମଙ୍ଗଳାଙ୍କ ପୀଠରେ ପଞ୍ଚମ ପାଳିଯାତ୍ରାରେ ଅନୁଷ୍ଠିତ ହୋଇଥାଏ।

# ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

କଟକ,୧୫।୪(କାର୍ତ୍ତିକ ସାହୁ)

କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ମଙ୍ଗଳବାର ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଆଠଗଡ଼ ଥାନା ଅଧୀନ ଜେନାପଡ଼ାର ସତ୍ୟବ୍ରତ ରଣା। ଏଥିସହ ଅଭିଯୁକ୍ତ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ କୋର୍ଟ ରାୟ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ବର୍ଷେ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, କଟକ ସଦର ଥାନା ଅଞ୍ଚଳର ୧୬ ବର୍ଷର ଜଣେ ନାବାଳିକା ନିଖୋଜ ହୋଇଯାଇଥିବା ନେଇ ୨୦୧୯ ଫେବୃଆରୀ ୧୯ରେ ପରିବାର ଲୋକେ ୪୨ମୌଜା ଫାଣ୍ଡିରେ ଏତଲା ଦେଇଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ୨୦୧୯ ସେପ୍ଟେମ୍ବର ୧୬ରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ନାବାଳିକାଙ୍କୁ ଅଭିଯୁକ୍ତ ଜଣକ ବଳାତ୍କାର କରିଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ମାମଲାର ବିଚାରକରି ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

## ଆଜି ଇଡି କାର୍ଯ୍ୟାଳୟ ଘେରିବ କଂଗ୍ରେସ

ଭୁବନେଶ୍ୱର,(ରବିନାରାୟଣ ଜେନା): ନ୍ୟାଶନାଲ ହେରାଲ୍ଡ ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଅଭିଯୋଗଫର୍ଦ୍ଦ ଦାଖଲକୁ ନେଇ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ଅଖିଳ ଭାରତୀୟ କଂଗ୍ରେସର ଡାକରାକ୍ରମେ ବୁଧବାର ରାଜ୍ୟ କଂଗ୍ରେସ ପକ୍ଷରୁ ଇଡି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।



# ରାଜ୍ୟ କଂଗ୍ରେସର ୨୫ଜଣିଆ ପିଏସି

ଭୁବନେଶ୍ୱର,୧୫।୪(ରବିନାରାୟଣ ଜେନା)

ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ସଭାପତିଙ୍କ ଅନୁମୋଦନକ୍ରମେ ମଙ୍ଗଳବାର ଓଡ଼ିଶା ପ୍ରଦେଶ କଂଗ୍ରେସ ଲାଗି ୨୫ ଜଣିଆ ପଲିଟିକାଲ ଆଫାୟାର୍ସ କମିଟି(ପିଏସି) ଘୋଷଣା ହୋଇଛି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ. ସି. ବେଣୁଗୋପାଳ ଜାରି କରିଥିବା ପିଏସି ତାଲିକାରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହିତ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଏମ୍ପି ସପ୍ତଗିରି ଉଲ୍ଲାକା ରହିଛନ୍ତି।

ଏହାସହିତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନଙ୍କ ସହ ଶ୍ରୀକାନ୍ତ ଜେନା, ନଗେନ୍ଦ୍ର ପ୍ରଧାନ, ଜଗନ୍ନାଥ ପଟ୍ଟନାୟକ, ଅମର ଚନ୍ଦ୍ର ପ୍ରଧାନ, ସୁଶୀଲ ତିରିଆ, ଅନନ୍ତ ପ୍ରସାଦ ସେଠୀ, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ଆସଫ ଅଲ୍ଲୀ ଖାନ୍, ବିଧାୟକ ତାରା ପ୍ରସାଦ ବାହିନୀପତି, ରମେଶ ଜେନା, ସି.ଏସ୍ ରାଜନ ଏକ୍କାଙ୍କ ସମେତ ଦେବାଶିଷ ପଟ୍ଟନାୟକ, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ, ବିଶ୍ୱରଞ୍ଜନ ମହାନ୍ତି ଓ ସସ୍ମିତା ବେହେରା ପ୍ରମୁଖ ସଦସ୍ୟ ରହିଛନ୍ତି।



**ବିହାର ନିର୍ବାଚନ:** ଚଳିତ ବର୍ଷ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଙ୍ଗଳବାର ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି 'ମହାମେଣ୍ଟ'କୁ ଦୃଢ଼ କରିବା ଏବଂ ନିର୍ବାଚନ ରଣନୀତି ବିଷୟରେ ଆଲୋଚନା କରିଛନ୍ତି।

## ହେମନ୍ତ ସୋରେନ୍ ଜେଏମ୍‌ଏମ୍ ଅଧ୍ୟକ୍ଷ



**ରାଞ୍ଚି,୧୫।୪:** ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ମଙ୍ଗଳବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ଅଧ୍ୟକ୍ଷ ଘୋଷଣା କରାଯାଇଛି। ଦଳ ସମ୍ବିଧାନରେ ସଂଶୋଧନ କରାଯାଇ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ରହିଆସିଥିବା ଶିବୁ ସୋରେନ୍‌ଙ୍କୁ 'ଫାଉଣ୍ଡିଂ ପାଟ୍ରନ୍' କରାଯାଇଛି। ୨୦୧୫ରେ ଜାମଶେଦପୁର ସମ୍ମିଳନୀରେ ହେମନ୍ତଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇଥିଲା। ତାଙ୍କ ନେତୃତ୍ୱରେ ଦଳ ୨ ଥର ବିଧାନସଭା ନିର୍ବାଚନ ଜିତିଛି। ଆଦିବାସୀମାନଙ୍କ ଅଧିକାରର ଆନ୍ଦୋଳନ ଭାବେ ୧୯୭୨ରେ ଶିବୁ ସୋରେନ୍‌ଙ୍କ ନେତୃତ୍ୱରେ ଜେଏମ୍‌ଏମ୍ ଗଠନ ହୋଇଥିଲା।

# ବିଜେଡିର ୧୮ ଜିଲା ସଭାପତି ତାଲିକା ପ୍ରକାଶ

ଭୁବନେଶ୍ୱର, ୧୫।୪(ସୁନିତ୍ ମିଶ୍ର)

- ଦେବୀ ମିଶ୍ର ଓ ଧ୍ରୁବ ସାହୁଙ୍କ ମଧ୍ୟରେ ପାଟିତୁଣ୍ଡ
- ଛିଣ୍ଡିପାରୁନି ଅନେକ ଜିଲାର ସଭାପତି ଅଙ୍କ

ବିଜେଡି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାର ୧୮ ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯାଇଛି। ବିଜେଡିର ରାଜ୍ୟ ରିଟର୍ନିଂ ଅଫିସର ପ୍ରତାପ ଦେବଙ୍କ ଦସ୍ତଖତରେ ଏହି ତାଲିକା ପ୍ରକାଶ ପାଇଛି। ୩୩ ସାଂଗଠନିକ ଜିଲା ମଧ୍ୟରୁ ୧୮ ଜିଲାର ତାଲିକା ପ୍ରକାଶ ପାଇଥିବା ବେଳେ ୧୫ ଜିଲାର ସଭାପତି ଚୟନ ହୋଇପାରି ନାହିଁ। ତେବେ ଅନୁଗୋଳ ଜିଲା ସଭାପତି ଭାବେ ବ୍ରଜକିଶୋର ପ୍ରଧାନ, ବରଗଡ଼-ସୁଶାନ୍ତ କୁମାର ମହାପାତ୍ର, ବୌଦ୍ଧ-ପ୍ରଦୀପ କୁମାର ଅମାତ, ଦେବଗଡ଼-ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଗଜପତି-ପ୍ରଦୀପ ନାଏକ, ଜଗତ୍‌ସିଂହପୁର-ପ୍ରଶାନ୍ତ କୁମାର ମୁଦୁଲି, ଯାଜପୁର-ସରୋଜ କୁମାର ମହାପାତ୍ର, ଝାରସୁଗୁଡ଼ା-ହରିଶ ଗଣତ୍ରା, କନ୍ଧମାଳ-ପଦ୍ମନାଭ ବେହେରାଙ୍କୁ ଦଳ ଜିଲା ସଭାପତି ଭାବେ ନିଯୁକ୍ତ କରିଛି।

ସେହିପରି ମାଲକାନଗିରିରେ ମାନସ ମାଡ଼କାମୀ, ମୟୂରଭଞ୍ଜ-୧ରେ ସୁଦାମ ମାରାଣ୍ଡି, ନବରଙ୍ଗପୁର-ମନୋହର ରନ୍ଧାରୀ, ନୟାଗଡ଼-ରମେଶ ଚନ୍ଦ୍ର ବେହେରା, ନୂଆପଡ଼ା-ଅବନୀ ରଞ୍ଜନ ଜୋଷୀ, ପୁରୀ-ଉମାକାନ୍ତ ସାମନ୍ତରାୟ, ସୁବର୍ଣ୍ଣପୁର-ସରୋଜ କୁମାର କାମ୍ପା ଏବଂ ସୁନ୍ଦରଗଡ଼ରେ ଯୋଗେଶ ସିଂଙ୍କୁ ଦଳ ଜିଲା ସଭାପତି ଭାବେ ନିଯୁକ୍ତ କରିଛି। ତେବେ ପ୍ରଥମ ପର୍ଯ୍ୟାୟରେ ଦଳ ୧୯ଜିଲାର ସଭାପତିଙ୍କ ନାଁ ଘୋଷଣା କରିବ ବୋଲି ଶୁଣିବାକୁ ମିଳୁଥିଲା। ହେଲେ ଆଉ କେତେକ ସ୍ଥାନ ପାଇଁ ଦଳରେ ଭାଗ ଛିଡ଼ିପାରି ନ ଥିବାରୁ ଘୋଷଣା ଅଟକାଯାଇଛି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ମଙ୍ଗଳବାର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଏବଂ ବିଧାୟକ ଧ୍ରୁବ ଚରଣ ସାହୁଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ାରେ ଜିଲା ସଭାପତି ଚୟନ ଘଟଣାକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ସେହିପରି ନବୀନ ପଟ୍ଟନାୟକଙ୍କୁ ଦଳ ଆଉ ଥରେ ସଭାପତି କରାଇବା ଲାଗି ରାଜ୍ୟର ୧୭ ଜିଲାର ସଭାପତି ନିଯୁକ୍ତ ହେବା ଦରକାର। ବିଜେଡିର ସମ୍ବିଧାନ ଅନୁଯାୟୀ ୧୭ ଜିଲା ସଭାପତି ଚୟନ କିମ୍ବା ନିଯୁକ୍ତ ହୋଇଗଲେ ଦଳର ରାଜ୍ୟ ସଭାପତି ନିର୍ବାଚନ ହୋଇପାରିବ। ଆସନ୍ତା ୧୯ରେ ନବୀନଙ୍କୁ ଦଳ ପୁଣି ଥରେ ରାଜ୍ୟ ସଭାପତି ପଦରେ ବସାଇବାକୁ ଯୋଜନା କରିଥିବା ଚର୍ଚ୍ଚା ହେଉଛି। ସେଥିଲାଗି ଦଳ ପ୍ରଥମ ପର୍ଯ୍ୟାୟରେ ୧୮ ଜିଲାର ସଭାପତିଙ୍କ ନାଁ ଘୋଷଣା କରିଦେଇଛି। ପରବର୍ତ୍ତୀ ସମୟରେ ଅନ୍ୟ ଜିଲାଗୁଡ଼ିକରେ ଯେଉଁସବୁ ସମସ୍ୟା ରହିଛି ତା'ର ସମାଧାନ ସହ ଜିଲା ସଭାପତି ଘୋଷଣା ନାମ ଘୋଷଣା ହେବ ବୋଲି ଜଣାପଡ଼ିଛି।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲାଗିବା ନେଇ ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର, ୧୫।୪(ସୁନିତ୍ ମିଶ୍ର)

- ଏ ସରକାରରେ ବିଜୁବାବୁଙ୍କୁ ଏକାଧିକ ବାର ଅପମାନ ଦିଆଗଲାଣି: ସଞ୍ଜୟ
- ଅଭିଯୁକ୍ତ ଜଣେ ମାନସିକ ବିକୃତ: ସଜ୍ଜନ

ପାଟଣାଗଡ଼ରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଯିବା ଘଟଣାକୁ ନେଇ ବିଜେଡି ନେତାମାନେ ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିଥିବା ବେଳେ ତୁରନ୍ତ ଦୋଷୀଙ୍କୁ ଧରିବା ଲାଗି ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ଅକ୍ଷମଣୀୟ ବୋଲି ସେ କହିଛନ୍ତି।

ବିଜେଡି ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ସେ ଓଡ଼ିଶାର ସର୍ବମାନ୍ୟ ନେତା ଓ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିବା ଓଡ଼ିଆ ଜାତିର ମହାନ୍ ଜନନାୟକ। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗାଇବା କେବଳ ଏକ ଜଘନ୍ୟ ଅପରାଧ ନୁହେଁ, ଓଡ଼ିଶାର ସ୍ୱାଭିମାନୀ ଓ ଅସ୍ମିତାକୁ ଭୂଲୁଣ୍ଠିତ କଲାଭଳି ଦୁର୍ଭାଗ୍ୟଜନକ ଘଟଣା। ଏହି ସରକାରରେ ଏକାଧିକ ଥର ବିଜୁବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଅପମାନ ଦେଲା ଭଳି ଘଟଣା ଘଟିଲାଣି। ରାଜ୍ୟ ସରକାରଙ୍କ ନୀରବତା ରହସ୍ୟମୟ। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଉ। ଆଗକୁ ଏହିଭଳି ଘଟଣାକୁ ବିଜେଡି ବରଦାସ୍ତ କରିବ ନାହିଁ, ଏହାର ଉଚିତ ଜବାବ ଦିଆଯିବ ବୋଲି ଦାସବର୍ମା କହିଛନ୍ତି।

ଭାଜପା ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି, ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ପୋଡ଼ିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଅକ୍ଷମଣୀୟ। ସରକାରଙ୍କ ନିର୍ଦ୍ଦେଶରେ ଭଗବାନ ପର୍ଶୁରାମ ଏବଂ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରିବାକୁ ପ୍ରଶାସନିକ ନିଷ୍ପତ୍ତି ନିଆଯାଇଛି। ମାତ୍ର ଉନ୍ମୋଚନ ହେବା ପୂର୍ବରୁ ପ୍ରତିମୂର୍ତ୍ତିକୁ ପୋଡ଼ିଦେବା ଅତ୍ୟନ୍ତ ନିନ୍ଦନୀୟ। ତ୍ୱରିତ ପଦକ୍ଷେପ ସ୍ୱରୂପ ଘଟଣାରେ ସମ୍ପୃକ୍ତ ଯୁବକ ଯୁଗଳ କୁମାର ସାହୁ (ହୀରୁ)ଙ୍କୁ ତୁରନ୍ତ ଗିରଫ କରାଯାଇ ସରକାର ଓ ପ୍ରଶାସନ ତରଫରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି। ଗିରଫ ଅଭିଯୁକ୍ତ ଜଣେ ମାନସିକ ବିକୃତ ଏବଂ ଘଟଣା ସମୟରେ ନିଜେ ଛିଡ଼ାହୋଇଥିବା ସ୍ପଷ୍ଟ ଦେଖାଯାଉଛି। ପ୍ରକାଶ ଥାଉକି, ଅଭିଯୁକ୍ତ ଯୁଗଳ କିଛି ମାସ ପୂର୍ବରୁ ଏକ ଇଲେକ୍ଟ୍ରିକ୍ ଖୁଣ୍ଟ ଉପରେ ଚଢ଼ିଯାଇଥିଲେ ଏବଂ ଇଲେକ୍ଟ୍ରି ସପ୍ଲାଇ ବନ୍ଦ କରାଯାଇ ତାଙ୍କୁ ଉଦ୍ଧାର କରାଯାଇଥିଲା। ବିଜୁ ପଟ୍ଟନାୟକଙ୍କ ପ୍ରତି ଭାଜପାର ଯଥେଷ୍ଟ ସମ୍ମାନ ରହିଛି। ଏଭଳି ହୀନ ଘଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଶର୍ମା କହିଛନ୍ତି।

## ରାଷ୍ଟ୍ର ପାଇଁ ଅପମାନ: ଦେବାଶିଷ ସାମନ୍ତରାୟ

କଟକ,୧୫।୪(ଶିକ୍ଷା ପ୍ରିୟଦର୍ଶିନୀ)

ବଲାଙ୍ଗୀର ପାଟଣାଗଡ଼ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡି ଦିଆଯିବା ଘଟଣାକୁ ନେଇ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ନିନ୍ଦା କରିବା ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ମଙ୍ଗଳବାର କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟରେ ଦେବାଶିଷ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପ୍ରଥମେ ମାହାଙ୍ଗା ଅଞ୍ଚଳରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିର ମୁଣ୍ଡ କାଟି ଦିଆଗଲା ଓ ପରେ କଟକ ମହାନଦୀ ବିହାର ଅଞ୍ଚଳରେ ପ୍ରତିମୂର୍ତ୍ତିର ରଙ୍ଗ ବଦଳାଗଲା। ମୁଖ୍ୟତଃ ପଞ୍ଚାୟତିରାଜ ଦିବସ ପାଳନ ନ କରିବା ଏବଂ ମଙ୍ଗଳବାର ପ୍ରତିମୂର୍ତ୍ତିରେ ନିଆଁ ଲଗାଇବା ଘଟଣା ଚିନ୍ତାଜନକ। ଏହା ସମଗ୍ର ରାଷ୍ଟ୍ର ପାଇଁ ଅପମାନ ବୋଲି ସେ କହିଛନ୍ତି।

# କଂଗ୍ରେସର ମଶାଲ ଶୋଭାଯାତ୍ରା

## ନାରୀ ନିର୍ଯ୍ୟାତନା ଓ ଗ୍ୟାସ୍ ଦର ବୃଦ୍ଧି ପ୍ରସଙ୍ଗ

ଭୁବନେଶ୍ୱର,୧୫।୪(ରବିନାରାୟଣ ଜେନା)

ଓଡ଼ିଶାରେ ନାରୀ ନିର୍ଯ୍ୟାତନା, ବଳାତ୍କାର, ଗଣବଳାତ୍କାର, ହତ୍ୟା ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଛି।

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ସଭାପତି ବିଶ୍ୱଜିତ ଦାସଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରୁ କର୍ମୀମାନେ ରାମମନ୍ଦିର ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା କରିଥିଲେ। ଏହି ଅବସରରେ ବିଶ୍ୱଜିତ୍ କହିଛନ୍ତି, ଭାଜପା କ୍ଷମତାସୀନ ହେବା ପୂର୍ବରୁ ଓଡ଼ିଶାର ମହିଳାଙ୍କୁ ସୁରକ୍ଷା ଦେବା ସହ ମହିଳା ନିର୍ଯ୍ୟାତନା ନିୟନ୍ତ୍ରଣ ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଆଜି ଓଡ଼ିଶାର ମହିଳା ନିର୍ଯ୍ୟାତିତା, ବଳାତ୍କାର ଓ ହତ୍ୟାର ଶିକାର ହେଉଛନ୍ତି। ମହିଳାଙ୍କୁ ସୁରକ୍ଷା ନେଇ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ କହିଛନ୍ତି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି, ସାରା ରାଜ୍ୟରେ ମହିଳାମାନେ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାସ, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହିପରିପ୍ରେକ୍ଷୀରେ ମଙ୍ଗଳବାର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଭଦ୍ରକରେ ଏକ ମଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ମଙ୍ଗଳବାର ସନ୍ଧ୍ୟାରେ ବାହାରିଥିବା ମଶାଲ ଶୋଭାଯାତ୍ରାରେ କଂଗ୍ରେସ ନେତା ଓ କର୍ମୀ।

BUSINESS

# ସିବିଆଇର ମେଗା ଋଣ ଶିବିର




ଋଣ ଶିବିରରେ ହିତାଧିକାରୀଙ୍କୁ ବିଧାୟକ ବାବୁ ସିଂ ଋଣ ମଞ୍ଜୁରୀପତ୍ର ବଣ୍ଟନ କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୫।୪

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ମେଗା ଋଣ ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଭୁବନେଶ୍ୱରସ୍ଥିତ ସିବିଆଇ ଉତ୍ତରା ଛକ ଶାଖା ଦ୍ୱାରା ମୁଦ୍ରା ଯୋଜନାର ୧୦ ବର୍ଷ ପୂର୍ତ୍ତି ଅବସରରେ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗୀମାନଙ୍କ ନିମନ୍ତେ ମଙ୍ଗଳବାର ଧଉଳି ଛକସ୍ଥିତ ତୃପ୍ତି କନ୍‌ଭେନ୍‌ସନ୍‌ଠାରେ ଏକ ମେଗା ଋଣ ଶିବିର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତର ଔଦ୍ୟୋଗିକ ଇକୋ ବ୍ୟବସ୍ଥା ନିମନ୍ତେ ପିଏମ୍‌ଏମ୍‌ୱାଇର ଗୁରୁତ୍ୱପୂର୍ଣ୍ଣ ଅବଦାନ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ସଶକ୍ତୀକରଣ ସହ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବିଶଦ ଆଲୋଚନା କରିଥିଲେ। ଏହି ଶିବିରରେ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧିରେ ଗ୍ରାମ୍ୟ ଏବଂ ଅର୍ଦ୍ଧସହରାଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବିତ୍ତୀୟ ସହାୟତା କିପରି ପ୍ରମୁଖ ଭୂମିକା ଗ୍ରହଣ କରିବ ତା'ଉପରେ ମଧ୍ୟ ବିଧାୟକ ସିଂ ଆଲୋକପାତ କରିବା ସହ ବ୍ୟାଙ୍କ ଏ ଦିଗରେ ବିଶେଷ ପ୍ରଚେଷ୍ଟାର ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମୁଦ୍ରାଋଣ ହିତାଧିକାରୀମାନଙ୍କୁ ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉତ୍ତରା ଛକ ଶାଖାର ଶାଖା ମୁଖ୍ୟ ମାମାଲିନ୍ ମହାପାତ୍ରଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦିନକରେ ନିବେଶକ ଯୋଡ଼ିଲେ ୧୧ ଲକ୍ଷ କୋଟି

ମୁମ୍ବାଇ,୧୫।୪ (ଅଭୟ ଦାଶ)

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବରରେ ପରିବର୍ତ୍ତନ ଘଟୁଛି। ଏପରିକି ବୈଶ୍ୱିକ ବଜାରର କାରବାର ଏବଂ ଭୂ-ରାଜନୈତିକ ପରିସ୍ଥିତି ଓ ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ବାଣିଜ୍ୟ ନୀତି ସମେତ ନୂଆ ଟାରିଫ୍ ଦରର ପ୍ରଭାବ ଭାରତୀୟ ପୁଞ୍ଜିବଜାର କାରବାରରେ ପଡୁଛି।

ଚଳିତ ସପ୍ତାହ କାର୍ଯ୍ୟ ଦିବସର ପ୍ରଥମ ଦିନର କାରବାରରେ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିବେଶକମାନେ ବେଶ୍ ଉତ୍ସାହିତ ଥିଲାବେଳେ ଦିନକରେ ଶେୟାର ବଜାରର ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା (୧୦.୮ ଲକ୍ଷ କୋଟି) ର ନିବେଶ ପୁଞ୍ଜିବଜାରରେ ଯୋଗକରିଛନ୍ତି। ପୂର୍ବ କାର୍ଯ୍ୟଦିବସର ଫଳାଫଳ ଶେଷ ସୁଦ୍ଧା ବଜାର ପୁଞ୍ଜି ୪୦୧ ଲକ୍ଷ କୋଟିରୁ ଅଧିକ ଥିଲା। ମଙ୍ଗଳବାର କାର୍ଯ୍ୟଦିବସ ଶେଷ ସୁଦ୍ଧା ପୁଞ୍ଜିବଜାରର ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା (୧୦.୮ ଲକ୍ଷ କୋଟି)ର ନିବେଶ ପୁଞ୍ଜିବଜାରରେ ଯୋଗକରିବାରୁ ବଜାର ପୁଞ୍ଜି ୪୧୨.୩୪ ଲକ୍ଷ କୋଟିରେ ପହଞ୍ଚିଛି।

ସେହିଭଳି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍‌ର କାରବାର ୩% ବୃଦ୍ଧି ପାଇଥିଲାବେଳେ ସ୍ମଲକ୍ୟାପର କାରବାର ମଧ୍ୟ ୩.୨% ବଢ଼ିଛି। ଅପରପକ୍ଷରେ ନିଫ୍ଟି ମିଡ୍‌କ୍ୟାପର କାରବାରରେ ୧୪୭୨.୯୫ ପଏଣ୍ଟ ବୃଦ୍ଧି ଘଟି ୫୧,୯୭୪.୪୫ ଅଙ୍କରେ ଶେଷ ହୋଇଥିଲାବେଳେ ନିଫ୍ଟି ସ୍ମଲକ୍ୟାପର କାରବାର ୩.୦୫% ବଢ଼ି ୭୮୦୨.୫୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରିକି ନିଫ୍ଟି ବ୍ୟାଙ୍କର କାରବାର ୨.୭୦% ବୃଦ୍ଧି ଘଟି ୫୨,୩୭୯.୫୦ ଅଙ୍କରେ ଶେଷ ହୋଇଥିଲା। ସେହିପରି ସେକ୍ଟରାଲ କ୍ଷେତ୍ରରେ ଆଇଟି, ମେଟାଲ, ଅଟୋ, ଅଏଲ ଆଣ୍ଡ ଗ୍ୟାସ୍, ବ୍ୟାଙ୍କିଙ୍ଗ୍, ଏଫ୍‌ଏମ୍‌ସିଜି, ଫାର୍ମା ଭଳି ପ୍ରମୁଖ ନିବେଶକଙ୍କ କାରବାରରେ ୨ରୁ ୪% ବୃଦ୍ଧି ଘଟିଛି।



## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୭୮ (୧୫୭୭.୬୩) ପଏଣ୍ଟ ବୃଦ୍ଧି ଘଟି ୭୬,୭୩୫ (୭୬,୭୩୪.୮୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫୦୦ (୫୦୦.୦୦) ପଏଣ୍ଟ ବଢ଼ି ୨୩,୩୨୮(୨୩,୩୨୮.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଡା. ପ୍ରଜ୍ଞା ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷା

ଭୁବନେଶ୍ୱର,୧୫।୪ (ଅଭୟ ଦାଶ)

ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ଭାବେ ମହିଳା ଉଦ୍ୟୋଗୀ ଡା. ପ୍ରଜ୍ଞା ପାରମିତା ମିଶ୍ର ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଭୁବନେଶ୍ୱରର ମେ ଫେୟାର ହୋଟେଲରେ ଏକ ସ୍ୱତନ୍ତ୍ର ସମାରୋହ 'ଚେଞ୍ଜ ଅଫ୍ ଗାର୍ଡ ସେରିମନି'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାରୋହର ସାରମର୍ମ ସହ ସରକାରଙ୍କ ସହିତ ଚାପ୍ଟର ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ଚାପ୍ଟରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକଙ୍କଠାରୁ ବିଧିବଦ୍ଧ ଭାବେ ଡା. ପ୍ରଜ୍ଞା ଚାପ୍ଟରର ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ମହିଳା ଉଦ୍ୟୋଗୀ ରଶ୍ମି ସାହୁ ଏହି ଦାୟିତ୍ୱରେ ଥିଲେ। ସେହିପରି ଚାପ୍ଟରର ନୂତନ ଅଧ୍ୟକ୍ଷା ଡା. ପ୍ରଜ୍ଞା ପାରମିତା ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଆଗାମୀ ଦିନର କାର୍ଯ୍ୟକଳାପ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲାବେଳେ ଚାପ୍ଟରର ବରିଷ୍ଠ ଉପାଧ୍ୟକ୍ଷ ପଞ୍ଚମୀ ମାନୁ ଉକିଲ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚାପ୍ଟରର ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ।




ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକଙ୍କଠାରୁ ଡା. ପ୍ରଜ୍ଞା ପାରମିତା ମିଶ୍ର ଦାୟିତ୍ୱ ଗ୍ରହଣ କରୁଛନ୍ତି। ଏହି ଅବସରରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ଚାପ୍ଟରର ବରିଷ୍ଠ ଉପାଧ୍ୟକ୍ଷା ପଞ୍ଚମୀ ମାନୁ ଉକିଲ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୧୯ରେ ଆଇସିସିର ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୧୫।୪

ଇଣ୍ଡିଆନ ଚ୍ୟାମ୍ବର ଅଫ୍ କମର୍ସ(ଆଇସିସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଦିନିକିଆ ଜାତୀୟ ସମ୍ମିଳନୀ ଭୁବନେଶ୍ୱରର ମେ ଫେୟାର ହୋଟେଲରେ ହେବାକୁ ଯାଉଛି। ଏପରିକି ବିକଶିତ ଓଡ଼ିଶାର ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ପାଇଁ ଆଇସିସି ଏହି ସମ୍ମିଳନୀ ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ ଆଇସିସି ରାଜ୍ୟ ପରିଷଦ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇସିସି ରାଜ୍ୟ ପରିଷଦ ଅଧ୍ୟକ୍ଷ ରାଜୀବ ସାହୁଙ୍କ ସମେତ ଆଇସିସିର ପୂର୍ବତନ ଅଧ୍ୟକ୍ଷ ଜେ.ବି. ପାଣି, ସଦସ୍ୟ ଫାଇନାନ୍ସ କମିଟି କ୍ଷିତୀଶ ପାତ୍ର ଓ ଆଞ୍ଚଳିକ ମୁଖ୍ୟ ଜେ.ପି. ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ସାହୁ କହିଛନ୍ତି, ଏକ ଆର୍ଥିକ ଶକ୍ତିଶାଳୀ ରାଜ୍ୟ ଭାବେ ବର୍ତ୍ତମାନ ଓଡ଼ିଶା ଉଭା ହୋଇଛି। ଆମେ ୨୦୩୬ର ମାଇଲଖୁଣ୍ଟ ବର୍ଷ ପାଖକୁ ଆସୁଥିବାରୁ ଆଇସିସି ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ରାଜ୍ୟର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ସହ ଏହାର ପଦକ୍ଷେପଗୁଡ଼ିକୁ ସମନ୍ୱୟ କରିବାକୁ ପ୍ରତିବଦ୍ଧ ରହିଛି। ଏହି ସମ୍ମିଳନୀ ମାଧ୍ୟମରେ ଆମେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ କାର୍ଯ୍ୟକ୍ଷମ ଅନ୍ତର୍ଦୃଷ୍ଟିକୁ ସହଜ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ତ୍ୱରିତ ଅଭିବୃଦ୍ଧିକୁ ଉତ୍ତେଜିତ କରିପାରିବ। ଆଇସିସି କ୍ଷେତ୍ରୀୟ ପଦକ୍ଷେପ, କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ଏବଂ ଉଚ୍ଚ ପ୍ରଭାବ ନୀତି ସୁପାରିସ ମାଧ୍ୟମରେ ଏହାର ସଦସ୍ୟ ଏବଂ ଶିଳ୍ପ ଖେଳାଳିମାନଙ୍କୁ ପ୍ରତିଯୋଗିତାମୂଳକ ଧାରା ପ୍ରଦାନ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛି।

# ୬ ମାସର ନିମ୍ନସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

ଭୁବନେଶ୍ୱର,୧୫।୪ (ଅନୁରାଧା ମହାରଣା)

ପନିପରିବା ଏବଂ ପ୍ରୋଟିନଯୁକ୍ତ ଖାଦ୍ୟଦ୍ରବ୍ୟର ମୂଲ୍ୟ ହ୍ରାସ ହେତୁ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ପ୍ରାୟ ୬ ବର୍ଷର ସର୍ବନିମ୍ନ ୩.୩୪ ପ୍ରତିଶତକୁ ହ୍ରାସ ପାଇଛି। ଏହାପୂର୍ବରୁ ଅଗଷ୍ଟ ୨୦୧୯ରେ ଏହା ୩.୨୮ ପ୍ରତିଶତ ସ୍ତରରେ ଥିଲା। ଫେବୃଆରୀରେ ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୩.୬୧ ପ୍ରତିଶତ ଏବଂ ଗତ ବର୍ଷ ମାର୍ଚ୍ଚରେ ୪.୮୫ ପ୍ରତିଶତ ରହିଥିଲା। ମାର୍ଚ୍ଚରେ ଖାଦ୍ୟ ମୁଦ୍ରାସ୍ଫୀତି ୨.୬୯ ପ୍ରତିଶତ ଥିବାବେଳେ ଫେବୃଆରୀରେ ଏହା ୩.୭୫ ପ୍ରତିଶତ ଏବଂ ମାର୍ଚ୍ଚ ୨୦୨୪ ରେ ୮.୫୨ ପ୍ରତିଶତ ରହିଥିଲା। ମୁଦ୍ରା ନୀତି ପ୍ରସ୍ତୁତ କରୁଥିବାବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଖୁଚୁରା ମୁଦ୍ରାସ୍ଫୀତି ଉପରେ ଦୃଷ୍ଟି ରଖିଛି। ଗତ ସପ୍ତାହରେ ଆର୍‌ବିଆଇ ପ୍ରମୁଖ ନୀତି ହାର ରେପୋକୁ ୦.୨୫ ପ୍ରତିଶତକୁ ୬ ପ୍ରତିଶତକୁ ହ୍ରାସ କରିଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ୪ ପ୍ରତିଶତ ହେବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆକଳନ କରିଛି। ପ୍ରଥମ ତ୍ରୈମାସରେ ଏହା ୩.୬ ପ୍ରତିଶତ, ଦ୍ୱିତୀୟ ତ୍ରୈମାସରେ ୩.୯ ପ୍ରତିଶତ, ତୃତୀୟ ତ୍ରୈମାସରେ ୩.୮ ପ୍ରତିଶତ ଏବଂ ଚତୁର୍ଥ ତ୍ରୈମାସିକରେ ୪.୪ ପ୍ରତିଶତ ହୋଇଥିବାବେଳେ ଉଭୟ ପକ୍ଷରେ ବିପଦ ସମାନ ଭାବରେ ସନ୍ତୁଳିତ ରହିଛି। ଏହି ସମୟରେ, ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ହେତୁ ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ ଭିତ୍ତିକ ମୁଦ୍ରାସ୍ଫୀତି ମାର୍ଚ୍ଚ ମାସରେ ମାସିକ ୨.୦୫ ପ୍ରତିଶତ ହ୍ରାସ ପାଇଥିଲା। ଏହା ପୂର୍ବରୁ ଗତ ବର୍ଷ ସେପ୍ଟେମ୍ବରରେ ହୋଲ୍‌ସେଲ ମୁଦ୍ରାସ୍ଫୀତି ୧.୯୧ ପ୍ରତିଶତ ରହିଥିଲା। ଫେବୃଆରୀରେ ହୋଲ୍‌ସେଲ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୨.୩୮ ପ୍ରତିଶତ ଥିଲା। ତେବେ ବାର୍ଷିକ ଭିତ୍ତିରେ ମାର୍ଚ୍ଚରେ ଏଥିରେ ବୃଦ୍ଧି ଘଟିଛି। ମାର୍ଚ୍ଚ ୨୦୨୪ରେ ଏହା ୦.୨୬ ପ୍ରତିଶତରେ ପହଞ୍ଚିଥିଲା।



## ସୂର୍ଯ୍ୟମୁଖୀ ଚାଷରେ ଝାଉଁଳା ରୋଗ ହେଲେ...

**ସୂ**ର୍ଯ୍ୟମୁଖୀ ଚାଷରେ ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ । ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଅଥବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ । କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ । ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଅଳ୍ପରେ...



➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି. ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ । ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ । ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

# ପ୍ରାକୃତିକ ଆପଦା ପ୍ରତିରୋଧୀ ଧାନଚାଷ



ଡ. ଶିବାନୀ ମହାପାତ୍ର

**ଓ**ଡ଼ିଶା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ । ଏହା ଏମିତି ଗୋଟିଏ ରାଜ୍ୟ, ଯାହାର ନିଜର ଭୌଗୋଳିକ ସ୍ଥିତି ଓ କୃଷି ଉପରେ ଉଚ୍ଚ ନିର୍ଭରଶୀଳତା କାରଣରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ । ଏହି ରାଜ୍ୟର ଅଧିକାଂଶ ଲୋକ ଜୀବିକା ପାଇଁ ଚାଷ କରିଥାନ୍ତି । ଧାନ ଏଠାରେ ପ୍ରମୁଖ ଫସଲ, ଯାହା ରାଜ୍ୟର କୃଷି କ୍ଷେତ୍ରର ପ୍ରାୟ ୪୦% ଅଞ୍ଚଳ ଜମିରେ ଚାଷ କରାଯାଇଥାଏ । ଏହାର ଉତ୍ପାଦନ ଖାଦ୍ୟ ସୁରକ୍ଷା ଓ ଆର୍ଥିକ ସ୍ଥିରତା ପାଇଁ ଅତ୍ୟନ୍ତ ଜରୁରୀ । ଏହି ପ୍ରସଙ୍ଗରେ ଧାନଚାଷୀମାନଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ବ୍ୟାପକ ପ୍ରଭାବ ପରିଲକ୍ଷିତ ହୋଇଥାଏ । ଏହି ପ୍ରଭାବକୁ ହ୍ରାସ କରିପାରୁଥିବା ଧାନ କିସମ ଓ ଚାଷ ପ୍ରଣାଳୀ ବିଷୟରେ ବିଶେଷ ଭାବରେ ଅନୁସନ୍ଧାନ ଜାରି ରହିଛି ।

ଓଡ଼ିଶାର ଜଳବାୟୁ ପରିବର୍ତ୍ତନର ବିଶେଷତା ହେଉଛି ବୃଦ୍ଧି ପାଉଥିବା ଉଚ୍ଚ ତାପମାତ୍ରା, ଅନିୟମିତ ବର୍ଷା ଓ ନିୟମିତ ବନ୍ୟା, ଘୂର୍ଣ୍ଣିଝଡ଼ ଭଳି ଚରମ ପ୍ରାକୃତିକ ଦୁର୍ବିପାକ । ଏହି ସମସ୍ତ କାରଣ ଧାନଚାଷ ଉପରେ ବିଶେଷ ପ୍ରଭାବ ପକାଇଥାଏ । କାରଣ ଧାନ ତାପମାତ୍ରା ଓ ପାଣି ଉପଲବ୍ଧତା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ । ବୃଦ୍ଧି ପାଉଥିବା ତାପମାନ ଉତ୍ପାଦନରେ ହ୍ରାସ ଆଣିପାରେ ପରେ ଧାନ ଉଚ୍ଚ ତାପମାନରେ ଗର୍ଭାଶୂନ୍ୟ ହୋଇପାରେ ଓ ଡିମ୍ବାଣୁ ଉତ୍ପାଦନ ହ୍ରାସ ପାଇପାରେ । ବର୍ଷାଋତୁ ଧାନଚାଷ ପାଇଁ ଅତ୍ୟନ୍ତ ଜରୁରୀ, ମାତ୍ର ଯାହା ଏବେ ଅନିଶ୍ଚିତ ହୋଇଯାଇଛି । ବର୍ଷା ବେଳେ ଅନିୟମିତତା ଦେଖାଦେଲେ, ଧାନ ବୁଣା କିମ୍ବା ତଳି ପକାଇବା ଓ ରୋପଣ ସମୟ ଠିକ୍ ଭାବେ ନିର୍ଦ୍ଧାରଣ କରି ହେବା ଅସମ୍ଭବ ହୁଏ । ଘୂର୍ଣ୍ଣିଝଡ଼ ଓ ବନ୍ୟା ଶେଷ ପର୍ଯ୍ୟାୟରେ ଫସଲକୁ ନଷ୍ଟ କରିଥାଏ । ଏହାସହିତ ମାଟିର ଗୁଣମାନକୁ ବି ଖରାପ କରିଥାଏ ବା ଧୋଇ ନେବା ଦ୍ୱାରା ଲବଣତା ବୃଦ୍ଧି ହୋଇ ଯାଏ । ଏହି ସମସ୍ୟାଗୁଡ଼ିକ ଦୀର୍ଘକାଳୀନ ଭାବରେ ଉତ୍ପାଦନକୁ ପ୍ରଭାବିତ କରେ ।

ଏହି ପ୍ରାକୃତିକ ସମସ୍ୟା ସହ ବୃହତ୍ ଆର୍ଥିକ ଓ ସାମାଜିକ ସମସ୍ୟା ଯଥା ଉନ୍ନତ କୃଷି ପ୍ରଯୁକ୍ତିର ଅଭାବ, ଅର୍ଥନୈତିକ ସଙ୍କଟ ଓ ଠିକ୍ କୃଷି ନୀତି ଓ କାର୍ଯ୍ୟକ୍ରମର ଠିକ୍ ରୂପାୟନ ଚାଷୀମାନଙ୍କୁ ଧାନ ଚାଷ ପ୍ରତି ବିମୁଖ କରିବାରେ ଲାଗିଛି । ଓଡ଼ିଶାର ବିଭିନ୍ନ ପ୍ରତିକୂଳ ଜଳବାୟୁ ପରିସ୍ଥିତି ପାଇଁ ଭାରତୀୟ କୃଷି ଗବେଷଣା ପରିଷଦ-କେନ୍ଦ୍ରୀୟ ଧାନଗବେଷଣା ପ୍ରତିଷ୍ଠାନ ଦ୍ୱାରା ବିକଶିତ କିଛି ଧାନ କିସମ ନିମ୍ନ ଉଲ୍ଲିଖିତ ଅଟେ, ଯାହାକି ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରି ଚାଷୀକୁ ଅଧିକ ଅମଳ ଦେଇ ପାରୁଛି ।

> "ଓଡ଼ିଶାର ଜଳବାୟୁ ପରିବର୍ତ୍ତନର ବିଶେଷତା ହେଉଛି ବୃଦ୍ଧି ପାଉଥିବା ଉଚ୍ଚ ତାପମାତ୍ରା, ଅନିୟମିତ ବର୍ଷା ଓ ନିୟମିତ ବନ୍ୟା, ଘୂର୍ଣ୍ଣିଝଡ଼ ଭଳି ଚରମ ପ୍ରାକୃତିକ ଦୁର୍ବିପାକ। ଏହି ସମସ୍ତ କାରଣ ଧାନଚାଷ ଉପରେ ବିଶେଷ ପ୍ରଭାବ ପକାଇଥାଏ। କାରଣ ଧାନ ତାପମାତ୍ରା ଓ ପାଣି ଉପଲବ୍ଧତା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ବୃଦ୍ଧି ପାଉଥିବା ତାପମାନ ଉତ୍ପାଦନରେ ହ୍ରାସ ଆଣିପାରେ ଏବଂ ପରେ ଧାନ ଉଚ୍ଚ ତାପମାନରେ ଗର୍ଭାଶୂନ୍ୟ ହୋଇପାରେ ଓ ଡିମ୍ବାଣୁ ଉତ୍ପାଦନ ହ୍ରାସ ପାଇପାରେ।"



**ଖରାପ୍ରବଣ ଅଞ୍ଚଳ**

**ସତ୍ୟଭାମା (ସିଆର ୨୩୪୦-୧୧)** ଏହା ଏକ ଶୀଘ୍ର ଅମଳ କିସମ (୧୦୫-୧୧୦ ଦିନ), ଖରାପ୍ରବଣ ଅଞ୍ଚଳ ପାଇଁ ଉପଯୁକ୍ତ । ଏହା ଖରା ପରିସ୍ଥିତିରେ ପ୍ରାୟ ୨.୮ ଟନ/ହେକ୍ଟରଏବଂ ଉପଯୁକ୍ତ ପରିସ୍ଥିତିରେ ୪.୭ ଟନ/ହେକ୍ଟର ଅମଳ ଦେଇଥାଏ ।

**ସିଆର ଧାନ ୮୦୧ (ଆଇଟି୨୫୬୬୭):** ଏହା ଏକ ଜଳବାୟୁ ପରିବର୍ତ୍ତନ ସହଣି କିସମ, ସାଧାରଣ ପରିସ୍ଥିତିରେ ପ୍ରାୟ ୬.୩ ଟନ/ହେକ୍ଟର ଏବଂ ଖରା ସମୟରେ ୨.୯ ଟନ/ହେକ୍ଟର ଅମଳ ଦେଇଥାଏ ।

**ବନ୍ୟା ପ୍ରଭାବିତ ଅଞ୍ଚଳ**

**ସର୍ଣ୍ଣାସବ-୧ (ସିଆର ଏସି ୨୫୩୯-୧):** ଏହା ଡେରିରେ ଅମଳ ହୋଇଥାଏ (୧୪୩ ଦିନ),ଦୁଇ ସପ୍ତାହ ପର୍ଯ୍ୟନ୍ତ ପୂର୍ଣ୍ଣ ଜଳମଗ୍ନତା ସହିପାରେ, ବନ୍ୟାପ୍ରବଣ ଅଞ୍ଚଳ ପାଇଁ ଉପଯୁକ୍ତ । ଏହା ୫.୦-୫.୫ ଟନ/ହେକ୍ଟର ଅମଳ ଦେଇଥାଏ ।

**ସିଆର ଧାନ ୮୦୨ (ସୁଭାସ:ଆଇଟି ୨୫୬୭୩):** ଏହା ଅନ୍ୟ ଏକ ଜଳବାୟୁ ସହଣି କିସମ, ସାଧାରଣ ପରିସ୍ଥିତିରେ ପ୍ରାୟ ୬.୫ ଟନ/ହେକ୍ଟର ଏବଂ ଜଳମଗ୍ନତା ସମୟରେ ୪.୩ ଟନ/ହେକ୍ଟର ଅମଳ ଦେଇଥାଏ ।

**ଲବଣତା ପ୍ରଭାବିତ କୂଳଅଞ୍ଚଳ**

**ଲୁଣାସଙ୍ଖୀ (ସିଆର ୨୫୭୭-୧)** ଏହା ଏକ ଶୀଘ୍ର ଅମଳ (୧୧୦ ଦିନ) କିସମ । ସମୁଦ୍ର ଉପକୂଳ ଲବଣାକ୍ତ ଅଞ୍ଚଳରେ ଜଳସେଚିତ ଜମି ପାଇଁ ଉପଯୁକ୍ତ । ଏହାପ୍ରାୟ ୪.୬ ଟନ/ହେକ୍ଟର ଅମଳ ଦେଇଥାଏ।

**ଲୁଣାସୁବର୍ଣ୍ଣ (ସିଆର ଏଲସି ୨୦୯୬-୭୧-୨):** ଏହା ଏକ ଉଚ୍ଚ (୧୩୫ ସେମି), ଡେରିରେ ଅମଳ କିସମ (୧୫୦ ଦିନ) । ୫.୦ ରୁ ୮.୦ dS/m ପର୍ଯ୍ୟନ୍ତ ଲବଣତା ସହିପାରେ, ୩.୫ ରୁ ୪.୦ ଟନ/ହେକ୍ଟର ଅମଳ ଦେଇଥାଏ । ଏହା ୪୫ ସେମି ପର୍ଯ୍ୟନ୍ତ ଜଳ ମଗ୍ନତା ସହିପାରେ ।

**ଉଚ୍ଚ ତାପମାନ ପରିସ୍ଥିତି**

**ନବୀନ (ସିଆର ୭୪୯-୨୦-୨)** ଏହା ମଧ୍ୟ-ଶୀଘ୍ର ଅମଳ କିସମ (୧୧୫-୧୨୦ ଦିନ) ଜଳସେଚନ ପରିସ୍ଥିତି ପାଇଁ ଉପଯୁକ୍ତ । ଏହା ଖରିଫ ଋତୁରେ ୪.୦-୫.୦ ଟନ/ହେକ୍ଟର ଏବଂ ରବିଋତୁରେ ୫.୦-୬.୦ ଟନ/ହେକ୍ଟର ଅମଳ ଦେଇଥାଏ ।

**ଲୁଣାସଙ୍ଖୀ (ସିଆର ୨୫୭୭-୧)** ଏହା ଏକ ଏମିତି ଧାନ କିସମ, ଯାହା ପ୍ରଜନନ ପର୍ଯ୍ୟାୟରେ ଉଚ୍ଚ ତାପମାନଜନିତ ଚାପ ପ୍ରତି ମଧ୍ୟମ ସହିଷ୍ଣୁତା ରଖିପାରେ । ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ଉପଯୁକ୍ତ ଧାନ କିସମ ଚାଷ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଓ ଏହି କିସମ ମାନ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସଚେତନତା ଓ ତାଲିମ ଇତ୍ୟାଦିର ଆବଶ୍ୟକତା ରହିଛି । ରାଜ୍ୟ ସରକାର ଓ ବିଭିନ୍ନ ବେସରକାରୀ ସଂସ୍ଥା ଦ୍ୱାରା ଉଚ୍ଚଗୁଣବତ୍ତା ଥିବା ଧାନ ବିହନ ଉପଲବ୍ଧ କରାଯିବା ଦରକାର । ଏଥିପାଇଁ ଉଚ୍ଚଗୁଣବତ୍ତାର ବିହନ ଉତ୍ପାଦନ ଓ ବ୍ୟବହାର ପାଇଁ ପ୍ରୋତ୍ସାହନ ନିମନ୍ତେ ନିୟମ ପ୍ରଣୟନ ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଅତ୍ୟନ୍ତ ଜରୁରୀ । ଏହି ଧାନ କିସମର ବିହନ ଯୋଗାଣ ଓ ଅନ୍ୟାନ୍ୟ ଯଥା ସାର କୀଟନାଶକ ଯୋଗାଣ ସହ କୃଷିଋଣ ଓ ଉନ୍ନତ କୃଷି ଯନ୍ତ୍ରପାତି ପାଇଁ ଅର୍ଥ ସହଯୋଗ ଚାଷୀମାନଙ୍କୁ ଜଳବାୟୁ ପ୍ରତିରୋଧି ଧାନ ଚାଷ ପାଇଁ ଅଧିକ ଆଗ୍ରହ ସୃଷ୍ଟି କରିବ ।

ଧାନ ଚାଷ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବ । ଏହା ସହିଷ୍ଣୁ ଧାନ କିସମକୁ ଅଧିକ ଜମିରେ ଚାଷ କରିବା ନିମନ୍ତେ ଉପଯୁକ୍ତ କାର୍ଯ୍ୟକ୍ରମ ଓ ଯୋଗାଯୋଗ ଦରକାର । ସମ୍ପୂର୍ଣ୍ଣ ବ୍ୟବସ୍ଥା ଏକାଧିକ ଉପାଦାନ ଉପରେ ନିର୍ଭରଶୀଳ । ସରକାରୀ ସଂସ୍ଥା, ନୀତିନିର୍ମାତା, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ, ଚାଷୀ ଏବଂ ବିହନ ଓ ଆନୁଷଙ୍ଗିକ ସାମଗ୍ରୀ ଯୋଗାଣକାରୀ ସଂସ୍ଥା । ଏହି ଠିକ୍ ଯୋଜନା ଓ ସହଯୋଗ ମିଳିଲେ ଓଡ଼ିଶାର କୃଷକମାନେ ଏହି ଅନିୟମିତ ଜଳବାୟୁରେ ମଧ୍ୟ ଖାଦ୍ୟ ସୁରକ୍ଷା ଓ ଆର୍ଥିକ ସ୍ଥିରତା ବଜାୟ ରଖିପାରିବେ ।

-ସହକାରୀ ପ୍ରଫେସର (ଗବେଷଣା),
ଜୈବ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୬୩୭୨୫୯୮୯୯୩

## ପ୍ରାଣୀଙ୍କୁ ଅଂଶୁଘାତରୁ ସୁରକ୍ଷା



**ବ**ର୍ତ୍ତମାନ ଖରାଦିନ । ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ । ପ୍ରାଣୀଙ୍କୁ ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ । ଖାଦ୍ୟରେ ୩୦-୫୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ପ୍ରାଣୀଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ପ୍ରାୟ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ । ତେଣୁ ବର୍ଷାଋତୁ ପୂର୍ବରୁ ମେ' ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ସନ୍ଧ୍ୟା ସମୟରେ ପ୍ରାଣୀଙ୍କୁ ଯଥା ସମ୍ଭବ ଦାନା ଦେବାକୁ ଚେଷ୍ଟା କରନ୍ତୁ ।

## ଚିନାବାଦାମ ଚାଷ ପାଇଁ ପ୍ରସ୍ତୁତି

**ଚି**ନାବାଦାମ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣି ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ । ହେକ୍ଟର ପ୍ରତି ୨୫ ଗାଡ଼ି ସଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ ।



## ଖରାଦିନେ ପରିବା ଚାଷ



**ସ**ମସ୍ତ ପ୍ରକାର କଖାରୁଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ । ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରାକୁ ଉପାଡ଼ି ଦିଅନ୍ତୁ । ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ । ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ । ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଖୁଖିଲା ସଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ । ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ । ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷକରିବା ପାଇଁ ଏହା ପ୍ରକୃଷ୍ଟ ସମୟ । ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ ।

## ଖରାଟିଆ ମୁଗ ଫସଲରେ ଜଳସେଚନ

**ଖ**ରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

## ଭେଣ୍ଡି ଚାଷରେ ସାର ପ୍ରୟୋଗ



**ଭେଣ୍ଡି** ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ । ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ । ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪ । ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତି ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୬/୨୦୨୫ Bhubaneswar, Wednesday, April 16/ 2025

# ପଞ୍ଜାବର ରୋମାଞ୍ଚକ ବିଜୟ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ୟୁଜବେନ୍ଦ୍ର ଚହଲ।

**ଚଣ୍ଡିଗଡ଼,୧୫।୪**

ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ) ୧୬ ରନରେ କୋଲକାତା ନାଇଟ୍ ରାଇଡର୍ସ(କେକେଆର୍)କୁ ପରାସ୍ତ କରିଛି। ପଞ୍ଜାବ ପକ୍ଷରୁ ୧୧୨ ରନର ବିଜୟ ଲକ୍ଷ୍ୟ ଆଗରେ କେକେଆର ମାତ୍ର ୯୫ ରନ କରିବାକୁ ସକ୍ଷମ ହୋଇଥିଲା। ଏହା ପଞ୍ଜାବର ଚତୁର୍ଥ ବିଜୟ ହୋଇଥିବା ବେଳେ କୋଲକାତା ଲାଗି ଏହା ଚତୁର୍ଥ ପରାଜୟ।

ଟସ୍ ଜିତି ବ୍ୟାଟିଂ କରିଥିବା ପଞ୍ଜାବ ୧୫.୩ ଓଭରରେ ୧୧୧ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରଭସିମରନ ସିଂ ୩୦ (୨ ଚୌକା ଓ ୩ ଛକା), ପ୍ରିୟାଂଶ ଆର୍ଯ୍ୟ ୨୨ (୩ ଚୌକା ଓ ୧ ଛକା), ଶଶାଙ୍କ ସିଂ (୧୮), ଜାଭିଅର ବାର୍ଟଲେଟ (୧୧) ଓ ନେହାଲ ୱାଧେରା (୧୦)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁପାରିନଥିଲେ। କୋଲକାତା ପକ୍ଷରୁ ହର୍ଷିତ ରାଣା ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରିନ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ଛୋଟିଆ ଲକ୍ଷ୍ୟ ନେଇ ଓହ୍ଲାଇଥିବା କୋଲକାତା ମଧ୍ୟ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ ଦଳ ୧୫.୧ ଓଭରରେ ୯୫ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଙ୍ଗକ୍ରିଶ ରଘୁବଂଶୀ ୩୭(୫ ଚୌକା ଓ ୧ ଛକା), ଅଧିନାୟକ ଅଜିଙ୍କ୍ୟ ରାହାନେ ୧୭ ଓ ଆନ୍ଦ୍ରେ ରସେଲ ୧୭ ରନ କରିଥିଲେ। ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁପାରିନଥିଲେ। ପଞ୍ଜାବ ଲାଗି ୟୁଜବେନ୍ଦ୍ର ଚହଲ ସର୍ବାଧିକ ୪ ଓ ମାର୍କୋ ଜାନସେନ ୩ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୧୫.୩ ଓଭରରେ ୧୧୧/ଅଲଆଉଟ୍ (ପ୍ରଭସିମରନ ସିଂ–୩୦, ପ୍ରିୟାଂଶ ଆର୍ଯ୍ୟ–୨୨, ହର୍ଷିତ ରାଣା–୩/୨୫,ସୁନୀଲ ନାରିନ–୨/୧୪, ବରୁଣ ଚକ୍ରବର୍ତ୍ତୀ–୨/୨୧)। କୋଲକାତା ନାଇଟ୍ ରାଇଡର୍ସ: ୧୫.୧ ଓଭରରେ ୯୫/ଅଲଆଉଟ୍ (ଅଙ୍ଗକ୍ରିଶ ରଘୁବଂଶୀ–୩୭, ଆନ୍ଦ୍ରେ ରସେଲ–୧୭, ଅଜିଙ୍କ୍ୟ ରାହାନେ–୧୭, ୟୁଜବେନ୍ଦ୍ର ଚହଲ–୪/୨୮, ମାର୍କୋ ଜାନସେନ–୩/୧୭, ଗ୍ଲେନ ମ୍ୟାକ୍ସୱେଲ–୧/୫)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଦିଲ୍ଲୀ**

**ବନାମ ରାଜସ୍ଥାନ**

ସ୍ଥାନ: ଦିଲ୍ଲୀ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୪ | ୧ | ୮ | +୧.୦୦୬ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ କିଙ୍ଗ୍ସ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | +୦.୦୨୭ |
| ରାଜସ୍ଥାନ ରୟାଲ୍ସ | ୬ | ୨ | ୪ | ୪ | –୦.୮୩୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | –୧.୨୪୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | –୧.୨୭୬ |

## ଗୌରୀ ଶଙ୍କର ଭାରତୀୟ ହ୍ୟାଣ୍ଡବଲ ଦଳର ମ୍ୟାନେଜର



**ଭୁବନେଶ୍ୱର, ୧୫।୪ (ଅନାଦି କର):** ଆସନ୍ତା ଜୁଲାଇ ୧ରୁ ୧୧ ତାରିଖ ପର୍ଯ୍ୟନ୍ତ ଜୋର୍ଡାନର ଅମାନଠାରେ ହେବାକୁ ଥିବା ପ୍ରଥମ ଏସିଆନ୍ ପୁରୁଷ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପାଇଁ ଘୋଷିତ ଭାରତୀୟ ହ୍ୟାଣ୍ଡବଲ ଦଳ ଲାଗି ଗୌରୀ ଶଙ୍କର ମିଶ୍ରଙ୍କୁ ମ୍ୟାନେଜର ଭାବେ ମନୋନୀତ କରାଯାଇଛି। ଏ ନେଇ ଭାରତୀୟ ହ୍ୟାଣ୍ଡବଲ ଆସୋସିଏଶନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡ. ଆନନ୍ଦେଶ୍ୱର ପାଣ୍ଡେ ଘୋଷଣା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗୌରୀ ଶଙ୍କର ହେଉଛନ୍ତି ଓଡ଼ିଶାର ପ୍ରଥମ ତଥା ଏକମାତ୍ର ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନଙ୍କ ବାପା। ଗୌରୀ ଶଙ୍କରଙ୍କୁ ଭାରତୀୟ ହ୍ୟାଣ୍ଡବଲ ଦଳର ମ୍ୟାନେଜର ନିଯୁକ୍ତ କରାଯାଇଥିବାରୁ ଓଡ଼ିଶା ହ୍ୟାଣ୍ଡବଲ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ. ମାନସ କୁମାର ସିଂ, ଭୁବନେଶ୍ୱର ଜିଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଶୁଭକାମନା ଜଣାଇଛନ୍ତି।

## କିଟ୍‌କୁ ରୌପ୍ୟ ଓ ବ୍ରୋଞ୍ଜ

**ଭୁବନେଶ୍ୱର, ୧୫।୪ (ବିଜୟ ରଣା):** ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଅଧୀନରେ ବେଙ୍ଗାଲୁରୁସ୍ଥିତ କ୍ରିଷ୍ଟୁ ଜୟନ୍ତୀ କଲେଜ ପରିସରରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପେନ୍‌କାକ୍ ସିଲଟ ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ୨୦୨୪–୨୫ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୧୪ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟର ଆନନ୍ଦିତା ପାତ୍ର ୮୦–୮୫ କେଜି କାଟେଗୋରୀରେ ରୌପ୍ୟ ପଦକ ଜିତିଥିବା ବେଳେ ଅଭିନବ ମିଶ୍ର ୭୦–୭୫ କେଜି କାଟେଗୋରୀରେ ଏକ ବ୍ରୋଞ୍ଜ ହାସଲ କରିଛନ୍ତି।

## ସଂକ୍ଷେପରେ ଖେଳ

▸▸ ଦୁବାଇ: ଦକ୍ଷିଣ କାଲିଫର୍ନିଆର ପୋମୋନା ସହରରେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ବେଳେ କ୍ରିକେଟ ଇଭେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ଆଇସିସି ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି।

▸▸ ଝାନ୍ସି: ପଞ୍ଜାବ ୪–୧ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରି ଜାତୀୟ ପୁରୁଷ ସିନିୟର ହକି ଚାମ୍ପିୟନଶିପ୍‌ରେ ଟାଇଟଲ ହାତେଇଛି।

▸▸ ମୁମ୍ବାଇ: ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ତରଫରୁ ମଙ୍ଗଳବାର ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମର କେତୋଟି ଷ୍ଟାଣ୍ଡ ଭାରତୀୟ ଦଳର ଟେଷ୍ଟ ଓ ଦିନିକିଆ ଅଧିନାୟକ ରୋହିତ ଶର୍ମା, ପୂର୍ବତନ ଅଧିନାୟକ ଅଜିତ ୱାଦେକର ଏବଂ ପୂର୍ବତନ ବିସିସିଆଇ ସଭାପତି ଶରଦ ପାୱାରଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନିଆଯାଇଛି।

▸▸ ଦୁବାଇ: ଭାରତୀୟ ବ୍ୟାଟର ଶ୍ରେୟସ ଆୟର ଗତ ମାର୍ଚ୍ଚ ମାସ ଲାଗି ଆଇସିସି କ୍ରିକେଟର ଅଫ ମନ୍ଥ ବିବେଚିତ ହୋଇଛନ୍ତି।

▸▸ କାର୍ଲୋ: ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ନିଜ ଦେଶର ଧ୍ରୁବ ସିତ୍‌ୱାଲାଙ୍କୁ ପରାସ୍ତ କରି ଆଇବିଏସ୍ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି।









4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ